Odia Daily

www.theutkalsamachar.com

ଉତ୍କଳ ସମାଚାର

ବୈପ୍ଲବିକ ଚେତନାର ମୁଖପତ୍ର

THE UTKAL SAMACHAR

PUBLISHED FROM ROURKELA, SAMBALPUR & BHUBANESWAR

Vol - 21 Issue No:346 15 April 2026 (Wednesday) Rourkela Rs.2.00 Page -1 ୨୧ ବର୍ଷ ସଂଖ୍ୟା:୩୪୬ ୧୫ ଏପ୍ରିଲ ୨୦୨୬ (ବୁଧବାର) ରାଉରକେଲା ମୂଲ୍ୟ:ଟ.୨.୦୦ ପୃଷ୍ଠା-୬

ବିହାରରେ ସମାପ୍ତ ହେଲା ନୀତିଶ ଯୁଗ

କ୍ୟାବିନେଟ ଭଙ୍ଗ ସହ ମୁଖ୍ୟମନ୍ତ୍ରୀ ପଦରୁ ଦେଲେ ଇସ୍ତଫା

ବିହାର,୧୪/୪: ଦୀର୍ଘ ୨୦ ବର୍ଷ ଧରି ବିହାର ଚାଲିଥିବା ନୀତିଶ ଯୁଗର ସମାପ୍ତ ହୋଇଛି । ଆଜି ମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା ଦେଇ କ୍ୟାବିନେଟ୍ ଭଙ୍ଗ କରିଛନ୍ତି ବିହାର ମୁଖ୍ୟମନ୍ତ୍ରୀ ନୀତିଶ କୁମାର । ନୀତିଶ ରାଜ୍ୟସଭା ସାଂସଦ ଭାବେ ଦିଲ୍ଲୀ ଯାଉଛନ୍ତି ଓ ବିହାର ରାଜନୈତିକ ଭାଗ୍ୟ ଭବିଷ୍ୟତ ଏବେ ବିଜେପି ହାତରେ ସମର୍ପିତ କରିଛନ୍ତି । ଏସବୁ ଭିତରେ ବିହାର ପାଇଁ ନୀତିଶ କୁମାର ଶେଷ ଚିଠି ମଧ୍ୟ ଲେଖିଛନ୍ତି । ସେ ଲେଖିଛନ୍ତି କି, ତାଙ୍କ ରାଜନୈତିକ ଜୀବନ ମଧ୍ୟରେ ବିହାର ଲୋକଙ୍କ ପାଇଁ ସେ ଅନେକ କାମ କରିଛନ୍ତି । ଏତେଦିନ ବିହାର ଲୋକମାନେ ତାଙ୍କୁ ସେବା କରିବାର ସୁଯୋଗ ଦେଇଥିବାରୁ ସେ ବିହାରବାସୀଙ୍କୁ ଧନ୍ୟବାଦ ଦେଇଛନ୍ତି । ଏହାସହ ସୋସିଆଲ ମିଡିଆରେ ଏକ ପୋଷ୍ଟ କରି ନୀତିଶ ଲେଖିଛନ୍ତି କି, 'ଆପଣ ଜାଣିଛନ୍ତି ନଭେମ୍ବର ୨୪, ୨୦୦୫ ରେ ରାଜ୍ୟରେ ପ୍ରଥମଥର ପାଇଁ ଏନଡିଏ ସରକାର ଗଠନ ହୋଇଥିଲା । ସେବେଠାରୁ ବିହାରରେ ଆଇନର ରାଜୁତି ଚାଲିଛି । ଏହାସହ ଏନଡିଏ ସରକର ଲଗାତାର ଭାବେ ବିହାର ବିକାଶ ପାଇଁ କାମ କରୁଛି । ହିନ୍ଦୁ, ମୁସଲମାନ, ଖ୍ରୀଷ୍ଟିୟାନ ସବୁ ବର୍ଗର ଲୋକଙ୍କ ହିତ ପାଇଁ ବିହାର ସରକାର କାମ କରୁଛନ୍ତି । ଶିକ୍ଷା, ସ୍ୱାସ୍ଥ୍ୟ, ବିଜୁଳି, ନିଯୁକ୍ତି, କୃଷି, ମହିଳା, ଯୁବକ ସମସ୍ତଙ୍କ ପାଇଁ ଏନଡିଏ ସରକାର କାମ କରୁଥିଲା ଓ ଆଗାମୀ ଦିନରେ ମଧ୍ୟ କାମ କରିବ'ଆଉ ଏହାରି ମଧ୍ୟରେ ସମ୍ରାଟ ଚୌଧୁରୀ ବିହାରର ନୂତନ ମୁଖ୍ୟମନ୍ତ୍ରୀ ହେବା ନେଇ ଚର୍ଚ୍ଚା ହେଉଛି । ତାଙ୍କ ନାମ ଚୂଡ଼ାନ୍ତ ହୋଇଛି । ସେହିପରି ନୀତିଶ କୁମାରଙ୍କ ପୁଅ ନିଶାନ୍ତ କୁମାର ଉପମୁଖ୍ୟମନ୍ତ୍ରୀ ହୋଇପାରନ୍ତି । ଆସନ୍ତାକାଲି ଅର୍ଥାତ୍ ଏପ୍ରିଲ ୧୫ ତାରିଖ, ପୂର୍ବାହ୍ନ ୧୧ଟାରେ, ଲୋକଭବନରେ ଶପଥ ଗ୍ରହଣ ସମାରୋହ ଅନୁଷ୍ଠିତ ହେବ । ଯେଉଁଠାରେ ମୁଖ୍ୟମନ୍ତ୍ରୀ ଏବଂ ଦୁଇ ଜଣ ଉପମୁଖ୍ୟମନ୍ତ୍ରୀ ଶପଥ ନେବେ । ନିଶାନ୍ତ କୁମାର ଏବଂ ବିଜୟ ଚୌଧୁରୀଙ୍କୁ ଉପମୁଖ୍ୟମନ୍ତ୍ରୀ ଭାବରେ ନାମିତ କରାଯିବା ପ୍ରାୟ ନିଶ୍ଚିତ ହୋଇଥିବା ନେଇ ବିଶେଷ ସୂତ୍ରରୁ ସୂଚନା ମିଳିଛି । ସୋମବାର ଦିନ ବିହାର ରାଜ୍ୟପାଳଙ୍କ ସଚିବ ସମ୍ରାଟ ଚୌଧୁରୀଙ୍କୁ ଭେଟିଥିଲେ । ରାଜ୍ୟପାଳଙ୍କ ସଚିବ ଲୋକଭବନରେ ଶପଥ ଗ୍ରହଣ ସମାରୋହ ସମ୍ପର୍କରେ ତାଙ୍କ ସହିତ ସାକ୍ଷାତ କରିଥିଲେ ଏବଂ ଯୋଗଦେବାକୁ ଥିବା ପ୍ରମୁଖ ବ୍ୟକ୍ତିବିଶେଷଙ୍କ ବିଷୟରେ ବିସ୍ତୃତ ସୂଚନା ପ୍ରଦାନ କରିଥିଲେ । ସମ୍ରାଟ ଚୌଧୁରୀ ରାଜ୍ୟପାଳଙ୍କ ସଚିବଙ୍କ ସହିତ ସମ୍ଭାବ୍ୟ ମନ୍ତ୍ରୀମାନଙ୍କ ତାଲିକା ବିଷୟରେ ଆଲୋଚନା କରିଥିଲେ । ନୀତିଶ କୁମାରଙ୍କ ରାଜ୍ୟସଭାକୁ ନିର୍ବାଚିତ ହେବା ପରେ ବିହାରର ମୁଖ୍ୟମନ୍ତ୍ରୀ ପଦ ଖାଲି ପଡ଼ିଛି । ନୀତିଶ ଗତ ସପ୍ତାହରେ ରାଜ୍ୟସଭା ସଦସ୍ୟ ଭାବରେ ଶପଥ ନେଇଥିଲେ ।

ପବିତ୍ର ପଣାସଂକ୍ରାନ୍ତିରେ ମା' ତାରିଣୀଙ୍କ ଦର୍ଶନ କଲେ ମୁଖ୍ୟମନ୍ତ୍ରୀ

ଓଡ଼ିଶାବାସୀଙ୍କ ମଙ୍ଗଳ ମନାସିଲେ

କେନ୍ଦୁଝର,୧୪/୪(ନି/ପ୍ର): ଆଜି ପବିତ୍ର ମହାବିଷୁବ ବା ପଣାସଂକ୍ରାନ୍ତି ଓ ଓଡ଼ିଆ ନବବର୍ଷ । ପଣାସଂକ୍ରାନ୍ତିକୁ ହନୁମାନ ଜୟନ୍ତୀ ଭାବରେ ମଧ୍ୟ ପାଳନ କରାଯାଏ ।ଏହି ଅବସରରେ ଲକ୍ଷାଧିକ ଭକ୍ତ ମା' ତାରିଣୀଙ୍କୁ ଦର୍ଶନ କରିଥିବା ବେଳେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମଧ୍ୟ ମା' ତାରିଣୀଙ୍କ ଦର୍ଶନ କରି ଆଶିଷ ଲାଭ କରିଛନ୍ତି । ମାଆ ତାରିଣୀଙ୍କୁ ଦର୍ଶନ କରି ସାରା ଓଡ଼ିଶାବାସୀଙ୍କର ମଙ୍ଗଳ କାମନା କରିବା କରିଛନ୍ତି । ସେହିପରି କେନ୍ଦୁଝର ଜିଲ୍ଲା କିଭଳି ସମୃଦ୍ଧ ଜିଲ୍ଲା ହେବ, ଓଡ଼ିଶା କିଭଳି ସମୃଦ୍ଧ ରାଜ୍ୟ ହେବ ଓ ରାଜ୍ୟରେ ଥିବା ଦଳିତ ବର୍ଗର ଲୋକ, ପଛୁଆ ବର୍ଗର ଲୋକ, ଆଦିବାସୀ ଲୋକ ଓ ରାଜ୍ୟରେ ବିଭିନ୍ନ ସମସ୍ୟାରେ ଥିବା ଲୋକ ମାଙ୍କର କିଭଳି ସର୍ବାଙ୍ଗୀନ ଉନ୍ନତି ହେବ ସେନେଇ ମା' ଙ୍କ ନିକଟରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପ୍ରାର୍ଥନା କରିଛନ୍ତି ।

ସେନା ମୁଖ୍ୟ ଭାବେ ମହିଳା ଅଧିକାରୀଙ୍କୁ ମିଳିଲା ଗୁରୁଦାୟିତ୍ୱ

କାନବେରା, ୧୪/୪: ଅଷ୍ଟ୍ରେଲିଆ ନିଜର ୧୨୫ ବର୍ଷ ଇତିହାସରେ ପ୍ରଥମ ଥର ପାଇଁ ଜଣେ ମହିଳା ଅଧିକାରୀଙ୍କୁ ସେନା ମୁଖ୍ୟ ଭାବେ ନିଯୁକ୍ତି କରିଛନ୍ତି । ଲେଫ୍ଟନାଣ୍ଟ ଜେନେରାଲ ସୁସାନ କୟଲ ଚଳିତ ବର୍ଷ ଜୁଲାଇରେ ଦେଶର ସେନା ମୁଖ୍ୟ ଭାବେ ଦାୟିତ୍ୱ ସମ୍ଭାଳିବେ । ସେ ଲେଫ୍ଟନାଣ୍ଟ ଜେନେରାଲ ସାଇମନ୍ ଷ୍ଟୁଆର୍ଟଙ୍କ ସ୍ଥାନ ନେବେ । ୫୫ ବର୍ଷୀୟ ସୁସାନ ୩ ଦଶନ୍ଧିରୁ ଅଧିକ ସମୟ ହେଲା ସେନା ପାଇଁ କାର୍ଯ୍ୟ କରୁଛନ୍ତି । ସେ ୧୯୮୭ରେ ଆର୍ମି ରିଜର୍ଭରେ ଯୋଗଦେଇଥିଲେ । ଏହା ପରେ ସେ ଅଷ୍ଟ୍ରେଲିଆର ଡିଫେନ୍ସ ଫୋର୍ସ ଏକାଡେମିରୁ ବିଜ୍ଞାନରେ ଡିଗ୍ରୀ ହାସଲ କରିଥିଲେ । ୧୯୯୨ ରୟାଲ ମିଲିଟାରି କଲେଜରୁ ସ୍ନାତକ ପାସ କରି ସେନାରେ ସାମିଲ ହୋଇଥିଲେ । ସେ ବିଭିନ୍ନ ରଣନୀତିକ ବିଭାଗରେ କାମ କରିଛନ୍ତି । ଉନ୍ନତ କାର୍ଯ୍ୟଶୈଳୀ, ନେତୃତ୍ୱ କ୍ଷମତା ଏବଂ ପେସାଦାର ଦକ୍ଷତା ପାଇଁ ତାଙ୍କୁ ସେନାରେ ଜଣେ ପ୍ରଭାବଶାଳୀ ଅଧିକାରୀ ଭାବେ ଜଣାଯାଏ । ସେନା ମୁଖ୍ୟ ଭାବେ ଦାୟିତ୍ୱ ନେବା ପରେ ସୁସାନ ବିଶ୍ୱର ତୃତୀୟ ମହିଳା ସେନା ମୁଖ୍ୟ ହେବେ । ଲେଫ୍ଟନାଣ୍ଟ ଜେନେରାଲ ସୁସାନ କୟଲ ଚଳିତ ବର୍ଷ ଜୁଲାଇରେ ଦେଶର ସେନା ମୁଖ୍ୟ ଭାବେ ଦାୟିତ୍ୱ ସମ୍ଭାଳିବେ । ସେ ଲେଫ୍ଟନାଣ୍ଟ ଜେନେରାଲ ସାଇମନ୍ ଷ୍ଟୁଆର୍ଟଙ୍କ ସ୍ଥାନ ନେବେ ।

ଆଶ୍ରମରେ ଝାଡ଼ାବାନ୍ତି ଘଟଣା; ମୃତ ଛାତ୍ରୀଙ୍କ ପରିବାର ପାଇଁ ସହାୟତା ରାଶି ଘୋଷଣା କଲେ ମୁଖ୍ୟମନ୍ତ୍ରୀ

ମୟୁରଭଞ୍ଜ,୧୪/୪(ନି/ପ୍ର): କାକାବନ୍ଧ ଆଶ୍ରମରେ ଝାଡ଼ାବାନ୍ତିରେ ଚିକିତ୍ସାଧୀନ ଅବସ୍ଥାରେ ଜଣେ ଛାତ୍ରୀଙ୍କ ମୃତ୍ୟୁ ହୋଇଥିବା ଘଟଣା । ଏହି ଘଟଣାରେ ଗଭୀର ଶୋକ ପ୍ରକାଶ କରିବା ସହ ମୃତ ଛାତ୍ରୀଙ୍କ ପରିବାର ପାଇଁ ସହାୟତା ରାଶି ଘୋଷଣା ଘୋଷଣା କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ମାଝୀ । ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିରୁ ୩ ଲକ୍ଷ ଟଙ୍କା ସହାୟତା ଘୋଷଣା କଲେ ମୁଖ୍ୟମନ୍ତ୍ରୀ । ଏଥିସହ ସ୍କୁଲ ପ୍ରଧାନ ଶିକ୍ଷକଙ୍କୁ ମଧ୍ୟ ନିଲମ୍ବିତ କରାଯାଇଛି । ସୂଚନା ଥାଉକି, ରାସଗୋବିନ୍ଦପୁର ବ୍ଲକ ଅନ୍ତର୍ଗତ ଗାଁ ଅମର୍ଦା ପଚାଂୟତସ୍ଥ କାକବନ୍ଧ ଆଶ୍ରମ ବିଦ୍ୟାଳୟରେ ବିଷାକ୍ତ ଖାଦ୍ୟ ଖାଇ ୧୪୫ରୁ ଉଦ୍ଧ୍ୱର୍ ଛାତ୍ରଛାତ୍ରୀ ଝାଡ଼ା, ବାନ୍ତି, ଜର, ମୁଣ୍ଡ ଓ ପେଟବ୍ୟଥାରେ ଶିକାର ହୋଇ ରବିବାର ରାସଗୋବିନ୍ଦପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଚିକିତ୍ସାଧୀନ ଥିଲେ । ଦିନ ୯ରୁ ରାତି ତମାମ ଅସୁସ୍ଥ ଛାତ୍ରଛାତ୍ରୀ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଥିବା ବେଳେ ଥମିବାର ନାଁ ଧରୁନଥିଲା ।

ହର୍ମୁଜ୍ ଅବରୋଧ କରି ବିଶ୍ୱ ସମୁଦାୟ ଉପରେ ଇରାନ ଯୁଦ୍ଧରେ ଯୋଗଦେବାକୁ ପରୋକ୍ଷରେ ଚାପ ପ୍ରୟୋଗ କରୁଛନ୍ତି ଟ୍ରମ୍ପ !

ୱାସିଂଟନ,୧୪/୪: ଇସଲାମାବାଦ ରେ ୨୧ ଘଣ୍ଟାର ମାରାଥନ ଆଲୋଚନା କୌଣସି ଶାନ୍ତି ଚୁକ୍ତି ବିନା ଶେଷ ହେବା ପରେ, ଆମେରିକାରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଘୋଷଣା କରିଛନ୍ତି ଯେ ଆମେରିକୀୟ ନୌସେନା ହର୍ମୁଜ୍ ପ୍ରଣାଳୀକୁ ଅବରୋଧ କରିବ । ଏହି ପଦକ୍ଷେପର ଲକ୍ଷ୍ୟ ହେଉଛି ଇରାନ ବନ୍ଦରଗୁଡ଼ିକରେ ପ୍ରବେଶ କିମ୍ବା ପ୍ରସ୍ଥାନ କରୁଥିବା ଜାହାଜଗୁଡ଼ିକୁ ରୋକିବା ଏବଂ ହର୍ମୁଜ୍ ପ୍ରଣାଳୀ ଦେଇ ସୁରକ୍ଷିତ ପଥ ପାଇଁ ଇରାନକୁ ଦେୟ ଦେଉଥିବା ନିରପେକ୍ଷ ଜାହାଜଗୁଡ଼ିକୁ ବାଧା ଦେବା । ତେହରାନ ଉପରେ ଚାପ ପକାଇବା ପାଇଁ ଉଦ୍ଦିଷ୍ଟ, ଟ୍ରମ୍ପଙ୍କ ଅବରୋଧ ଅନ୍ୟ ଦେଶମାନଙ୍କୁ ଅକାରଣ ?ରେ ଦଣ୍ଡିତ କରିବାର ଆଶଙ୍କା ସୃଷ୍ଟି କରିଛି । ଏକ ବିଶ୍ୱ ନୌସେନା କାର୍ଯ୍ୟ ବାହିନୀ ପାଇଁ ଟ୍ରମ୍ପଙ୍କର ଯୋଜନାକୁ ପ୍ରତ୍ୟାଖ୍ୟାନ କରିଥିବା ଏବଂ ନିଜର ଶକ୍ତି କାର୍ଗୋକୁ ସୁରକ୍ଷିତ ରଖିବା ପାଇଁ ନିରପେକ୍ଷ ଭାବରେ କାର୍ଯ୍ୟ ଜାରି ରଖିଥିବା ଦେଶଗୁଡ଼ିକ ଏହା ଦ୍ୱାରା ସମସ୍ୟାରେ ପଡ଼ିବାର ଆଶଙ୍କା ରହିଛି । ଅବରୋଧ ସହିତ, ଟ୍ରମ୍ପ ବିଶ୍ୱର ଅନ୍ୟ ଦେଶକୁ ମଧ୍ୟପ୍ରାଚ୍ୟ ସଙ୍କଟକୁ ଟାଣି ନେବାକୁ ଚେଷ୍ଟା କରୁଥିବା ବିଶେଷଜ୍ଞ ମତପୋଷଣ କରିଛନ୍ତି । ୨୦୨୬ ଇରାନ ଯୁଦ୍ଧ ପୂର୍ବରୁ ବିଶ୍ୱ ତୈଳ ବାଣିଜ୍ୟର ପ୍ରାୟ ଏକ ପଞ୍ଚମାଂଶ ହର୍ମୁଜ୍ ଦେଇ ପରିବହନ ହେଉଥିଲା । ଏହି ମାର୍ଗ ପ୍ରମୁଖ ଉପସାଗରୀୟ ଅଶୋଧିତ ତେ ?ଳ ଉତ୍ପାଦକ ସାଉଦି ଆରବ, କୁଏତ, କତାର ଏବଂ ଇରାନ ଆଦି ଦେଶଗୁଡ଼ିକୁ ପ୍ରମୁଖ ଶକ୍ତି ଆମଦାନିକାରୀ ଦେଶମାନଙ୍କ ସହିତ ସଂଯୋଗ କରିଥାଏ । ବିଶେଷକରି ଏସିଆର ଚୀନ୍, ଭାରତ, ଜାପାନ ଏବଂ ଦକ୍ଷିଣ କୋରିଆ ଆଦି ଦେଶ ଏହି ମାର୍ଗ ଉପରେ ନିର୍ଭରଶୀଳ । ଭାରତର ୯୦% ଏଲପିଜି ଆମଦାନି ହର୍ମୁଜ୍ ବାଟେ ହୋଇଥାଏ । ବିଶ୍ୱର ଅନ୍ୟ ଦେଶମାନଙ୍କୁ ଟ୍ରମ୍ପ ଦଣ୍ଡ ଦେଉଛନ୍ତି କାରଣ, ମିତ୍ର ରାଷ୍ଟ୍ର ଏବଂ ପ୍ରମୁଖ ଶକ୍ତି ଆମଦାନିକାରୀମାନେ ହର୍ମୁଜକୁ ସୁରକ୍ଷିତ ରଖିବା ପାଇଁ ଏକ ମିଳିତ ନୌସେନା କାର୍ଯ୍ୟ ବାହିନୀ ଗଠନ କରିବାକୁ ତାଙ୍କର ପୂର୍ବ ଅନୁରୋଧକୁ ପାଳନ କରିନାହାନ୍ତି । ଏଥିରେ ଅଂଶଗ୍ରହଣ କରିବା ପରିବର୍ତ୍ତେ, ଏହି ଜଳପଥ ଦେଇ ତୈଳ ଏବଂ ଗ୍ୟାସ୍ ପରିବହନ ଉପରେ ନିର୍ଭରଶୀଳ ଅନେକ ରାଷ୍ଟ୍ର ନିଜ ନିଜର ପଦ୍ଧତି ଅନୁସରଣ କରିଥିଲେ । ଚୀନ୍ ହର୍ମୁଜ୍ ଦେଇ ତେଲର ସର୍ବବୃହତ କ୍ରେତା । ନିଜ ଜାହାଜର ନିରାପଦ ପଥ ପାଇଁ ଇରାନ ସହିତ ଚୀନ୍ ସିଧାସଳଖ ସମନ୍ୱୟ ରକ୍ଷା କରିଥିଲା । ଏହି ସଙ୍କଟଜନକ ସ୍ଥିତି ସତ୍ତ୍ୱେ ଚୀନ୍ ପ୍ରତିଦିନ ପ୍ରାୟ ୧.୫ ରୁ ୧.୬ ନିୟୁତ ବ୍ୟାରେଲ ତୈଳ ଆମଦାନି କରିଥିଲା । ଇରାନର ହର୍ମୁଜ୍ ଟୋଲ୍‌ରୁ ମଧ୍ୟ ଚୀନ୍ ଲାଭବାନ ହେଉଛି ।

୫ ଦିନ ଯାଏ ବର୍ଷା ନାହିଁ

ଭୁବନେଶ୍ୱର,୧୪/୪: ଆଗାମୀ ୫ ଦିନ ଯାଏ ରାଜ୍ୟର ଅଧିକାଂଶ ଜିଲାରେ ପାଗ ଶୁଖିଲା ରହିବ । ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ପାଣିପାଗ ବିଭାଗ ପକ୍ଷରୁ ବିଭିନ୍ନ ଜିଲା ପାଇଁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି । ଭୁବନେଶ୍ୱରସ୍ଥିତ ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ଜାରି ସୂଚନା ଅନୁସାରେ ଆଗାମୀ କିଛି ଦିନ ଯାଏ ବର୍ଷା ସମ୍ଭାବନା କମ୍ ଥିବାବେଳେ ତାତି ବଢ଼ିବା ଆଶଙ୍କା ରହିଛି । ବାଲେଶ୍ୱର, ଭଦ୍ରକ, କେନ୍ଦ୍ରାପଡ଼ା, କଟକ, ଜଗତସିଂହପୁର, ଯାଜପୁର, ଖୋରଧା, ନୟାଗଡ଼, ଗଞ୍ଜାମ, ଗଜପତି ଜିଲାରେ ଅଧିକ ତାତି ଅନୁଭୂତ ହେବ । ୧୯ ତାରିଖ ଯାଏ ବିଭିନ୍ନ ଜିଲାରେ ଏପରି ସ୍ଥିତି ଲାଗି ରହିବ । ସୋମବାର ସଂଧ୍ୟା ସୁଦ୍ଧା ଅନୁଗୋଳ, ଝାରସୁଗୁଡ଼ା, ସମ୍ବଲପୁର, ସୁନ୍ଦରଗଡ଼, ତାଳଚେର, ଭବାନୀପାଟଣା,

ରାଷ୍ଟ୍ର ନିର୍ମାଣରେ ବାବା ସାହେବଙ୍କ ଉଦ୍ୟମ ପ୍ରେରଣାଦାୟକ: ମୋଦୀ

ନୂଆଦିଲ୍ଲୀ,୧୪/୪: ଆଜି ବାବାସାହେବ ଡକ୍ଟର ଭୀମରାଓ ଆମ୍ବେଦକରଙ୍କ ୧୩୫ତମ ଜନ୍ମବାର୍ଷିକୀ । ଏହି ଅବସରରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ , ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ଉପରାଷ୍ଟ୍ରପତି ସି.ପି. ରାଧାକୃଷ୍ଣନ୍, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, କଂଗ୍ରେସ ସାଂସଦ ମଲ୍ଲିକାର୍ଜୁନ ଖଡଗେ ଏବଂ ଅନ୍ୟ ସାଂସଦମାନେ ସଂସଦ ପରିସରରେ ଥିବା ବି.ଆର. ଆମ୍ବେଦକରଙ୍କ ପ୍ରେରଣା ସ୍ଥଳରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଟ୍ୱିଟରରେ ପୋଷ୍ଟ କରି କହିଛନ୍ତି ପୋଷ୍ଟ ଭାରତୀୟ ସମ୍ବିଧାନର ମୁଖ୍ୟ ନିର୍ମାତା ଏବଂ ମହାନ ସମାଜ ସଂସ୍କାରକ ବାବାସାହେବ ଡକ୍ଟର ଭୀମରାଓ ଆମ୍ବେଦକରଙ୍କ ଜନ୍ମବାର୍ଷିକୀ ଅବସରରେ, ମୁଁ ତାଙ୍କୁ ସାଦର ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛି । ବାବାସାହେବ ଜଣେ ଆଇନବିତ୍, ଅର୍ଥନୀତିଜ୍ଞ, ଆଇନ ବିଦ୍ୱାନ ଏବଂ ଏକ ସମାନତାବାଦୀ ସାମାଜିକ ବ୍ୟବସ୍ଥାର ଜଣେ ଦୃଢ଼ ପ୍ରବକ୍ତା ଥିଲେ । ସେ କେବଳ ଅସମାନତା ଦୂର କରିବାର ପଥ ଦେଖାଇ ନଥିଲେ ବରଂ ଭାରତର ଗଣତାନ୍ତ୍ରିକ ମୂଲ୍ୟବୋଧ ଏବଂ ସାମ୍ବିଧାନିକ ଅଧିକାରକୁ ସୁଦୃଢ଼ କରିବାରେ ମଧ୍ୟ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ । ଡକ୍ଟର ଆମ୍ବେଦକର ମହିଳା ଶିକ୍ଷା ଏବଂ ସେମାନଙ୍କର ଅଧିକାରକୁ ପ୍ରାଥମିକତା ଦେଇଥିଲେ । ତାଙ୍କର ବହୁମୁଖୀ ଅବଦାନ ଭବିଷ୍ୟତ ପିଢ଼ିକୁ ଦେଶର ସେବା ଏବଂ ବିକାଶରେ ସକ୍ରିୟ ଭୂମିକା ଗ୍ରହଣ କରିବାକୁ ପ୍ରେରଣା ଯୋଗାଇବ । ସେପଟେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏକ୍ସ ରେ ଏକ ପୋଷ୍ଟରେ ଲେଖିଛନ୍ତି, ବାବାସାହେବ ଡକ୍ଟର ଆମ୍ବେଦକରଙ୍କୁ ତାଙ୍କ ଜନ୍ମବାର୍ଷିକୀରେ ଶ୍ରଦ୍ଧାଞ୍ଜଳି । ରାଷ୍ଟ୍ର ନିର୍ମାଣରେ ତାଙ୍କର ପ୍ରୟାସ ଗଭୀର ଭାବରେ ପ୍ରେରଣାଦାୟକ । ତାଙ୍କ ଜୀବନ ଏବଂ କାର୍ଯ୍ୟ ପିଢ଼ିକୁ ଏକ ନ୍ୟାୟପୂର୍ଣ୍ଣ ଏବଂ ପ୍ରଗତିଶୀଳ ସମାଜ ଗଠନ ପାଇଁ ପ୍ରେରଣା ଦେଇ ଚାଲିବ ।

ମେରୁଯାତ୍ରା ଦେଖି ଫେରୁଥିଲେ ଅଜଣା ଗାଡ଼ି ଧକ୍କାରେ ଚାଲିଗଲା ୨ ଯୁବକଙ୍କ ଜୀବନ

ଅନୁଗୁଳ,୧୪/୪(ନି/ପ୍ର): ଅନୁଗୁଳ ଜିଲ୍ଲା ପୁରୁଣାକୋଟ ଥାନା ଅଞ୍ଚଳରେ ଅଭାବନୀୟ ଘଟଣା ଘଟିଛି । ଗତକାଲି ବିଳମ୍ବିତ ରାତିରେ ମେରୁଯାତ୍ରା ଦେଖି ଫେରୁଥିବା ବେଳେ ଅଜଣା ଗାଡ଼ି ଧକ୍କାରେ ୨ଜଣ ଯୁବକଙ୍କ ଜୀବନ ଯାଇଛି ।ସୂଚନା ମୁତାବକ, ପୁରୁଣାକୋଟ ଥାନା ଜଗନ୍ନାଥପୁର ଗାଁରେ ଗତକାଲି ମେରୁଯାତ୍ରା ପାଳିତ ହୋଇଥିଲା । ମେରୁଯାତ୍ରା ପରେ ଦଣ୍ଡୁଆମାନେ ଦଣ୍ଡନାଚ କରିଥିଲେ । ତେବେ ମେରୁଯାତ୍ରା ଦେଖିବାକୁ ଯାଇଥିବା ଜରପଡ଼ା ଥାନା ବଡ଼ହିଂସର ଗାଁର ବୀରବାର ସାହୁଙ୍କ ପୁଅ ଧୀରେନ୍ଦ୍ର ସାହୁ (୨୩) ଓ ଅନ୍ତର୍ଯ୍ୟାମୀ ସାହୁଙ୍କ ପୁଅ ପୂର୍ଣ୍ଣଚନ୍ଦ୍ର ସାହୁ (୪୧) ବିଳମ୍ବିତ ରାତି ପର୍ଯ୍ୟନ୍ତ ଦଣ୍ଡନାଚ ଦେଖିଥିଲେ । ସେଠାରୁ ରାତି ପ୍ରାୟ ଗୋଟାଏ ବେଳେ ବାଇକରେ ନିଜ ଗାଁକୁ ଫେରୁଥିବା ବେଳେ ହିଂଶ୍ରୀଡ଼ା ଗାଁ ନିକଟରେ ଏକ ଅଜଣା ଗାଡ଼ି ତାଙ୍କୁ ଧକ୍କା ଦେଇଥିଲା । ଫଳରେ ରାସ୍ତା କଡ଼ରେ ସେମାନେ ଫୋପାଡ଼ି ହୋଇ ପଡ଼ିଥିଲେ । ଖବର ପାଇ ପୁରୁଣାକୋଟ ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ଦୁଇଜଣଙ୍କୁ ଅନୁଗୁଳ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲା । ତେବେ ଡାକ୍ତର ଉଭୟଙ୍କୁ ମୃତ ଘୋଷଣା କରିଥିଲେ । ଦୁଇ ମୃତଦେହ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ଶବାଗାରରେ ରଖାଯାଇଛି । ପୁଲିସ ଘଟଣାର ତଦନ୍ତ ଜାରି ରଖିଥିବା ଜଣାପଡିଛି ।

ଖେଲୋ ଇଣ୍ଡିଆ ଭାରତର ପାରମ୍ପରିକ କ୍ରୀଡାର ମର୍ଯ୍ୟାଦା ବୃଦ୍ଧି କରିଛି: ରାଜନାଥ ସିଂହ

ଲକ୍ଷ୍ନୌ,୧୪/୪: ଲକ୍ଷ୍ନୌର କେ.ଡି. ସିଂହ ବାବୁ ଷ୍ଟାଡିୟମରେ ସୋମବାର ଆୟୋଜିତ 'ସଂସଦ ଖେଳ ମହାକୁମ୍ଭ' (ସଂସଦ କ୍ରୀଡା ମହୋତ୍ସବ)ରେ ଉଦବୋଧନ ଦେଇ କେନ୍ଦ୍ର ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ କହିଛନ୍ତି ଯେ 'ଖେଲୋ ଇଣ୍ଡିଆ' ପଦକ୍ଷେପ ଭାରତର ପାରମ୍ପରିକ କ୍ରୀଡାର ମର୍ଯ୍ୟାଦାକୁ ଯଥେଷ୍ଟ ବୃଦ୍ଧି କରିଛି ।ଗଟକା ,ମଲ୍ଲଖମ୍ବ, ଥାଙ୍ଗ-ତା, କଲାରିପାୟଟ୍ଟୁ ଏବଂ ଯୋଗାସନ ଭଳି ବିଭିନ୍ନ ବିଷୟକୁ ଉତ୍ସାହିତ କରିବା ପାଇଁ ଛାତ୍ରବୃତ୍ତି ମଧ୍ୟ ପ୍ରଦାନ କରୁଛି । ସେ ଉଲ୍ଲେଖ କରିଛନ୍ତି ଯେ, ବର୍ତ୍ତମାନ ସାରା ଦେଶରେ ୧,୦୦୦ ଖେଲୋ ଇଣ୍ଡିଆ କେନ୍ଦ୍ର ପ୍ରତିଷ୍ଠା କରାଯାଉଛି । ଏହା ସହିତ, ପ୍ରାୟ ଦୁଇ ଡଜନ ଜାତୀୟ ଉତ୍କର୍ଷ କେନ୍ଦ୍ର ଖୋଲାଯାଇଛି । ଏହି କେନ୍ଦ୍ରଗୁଡ଼ିକ ପ୍ରଦର୍ଶନରେ ଉନ୍ନତି ଆଣିବା ଲକ୍ଷ୍ୟରେ ତାଲିମ ଏବଂ କ୍ରୀଡା ବିଜ୍ଞାନ ସହାୟତା ପ୍ରଦାନ କରନ୍ତି ।

ଏଫ୍-୩୫-ବି ସହିତ ୧୫ ଯୁଦ୍ଧଜାହାଜ ଏବଂ ୫ ହଜାର ମାରିନ୍ କମାଣ୍ଡୋ ମୁତୟନ କଲା ଆମେରିକା



ୱାସିଂଟନ,୧୪/୪: ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ନିର୍ଦ୍ଦେଶ ପରେ ଆମେରିକା ସେନା ହର୍ମୁଜ୍ ପ୍ରଣାଳୀକୁ ଅବରୋଧ କରିବା ପାଇଁ ୫ ହଜାର ମାରିନ୍ ସୈନିକ, ବିଧ୍ୱଂସକ ଜାହାଜ ଏବଂ ସୋନାର୍ ଜାହାଜ ମୁତୟନ କରିଛି । ଆମେରିକାର ସେନା ହର୍ମୁଜ୍ ପ୍ରଣାଳୀକୁ ଅବରୋଧ କରିବା ପାଇଁ ଏଫ୍-୩୫-ବି ଲଢୁଆ ବିମାନ, ଏମଭି-୨୨ ଓସପ୍ରେସ୍ ଏବଂ ୧୫ ଯୁଦ୍ଧଜାହାଜ ମୁତୟନ କରିଛି । ଆମେରିକାର ସେନାର ଲକ୍ଷ୍ୟ ଧୀରେ ଧୀରେ ହର୍ମୁଜ୍ ପ୍ରଣାଳୀ ଉପରେ ସମ୍ପୂର୍ଣ୍ଣ ନିୟନ୍ତ୍ରଣ ହାସଲ କରିବା । ଅପରପକ୍ଷରେ ଇରାନ ଏହାକୁ କୌଣସି ଶୁଳ୍କ ନ ଦେଲେ ଖୋଲିବାକୁ ମନା କରିଛି । ଟ୍ରମ୍ପ ନିର୍ଦ୍ଦେଶ ଦେଇଛନ୍ତି, ପ୍ରଣାଳୀରେ ପ୍ରବେଶ କରୁଥିବା କିମ୍ବା ବାହାରୁଥିବା ସମସ୍ତ ଜାହାଜକୁ ବନ୍ଦ କରିଦିଆଯିବ । ଏହି ଅବରୋଧ ଯଦି ସଫଳ ହୁଏ, ତେବେ ଇରାନ ପାଇଁ ବିପର୍ଯ୍ୟୟକାରୀ ସାବ୍ୟସ୍ତ ହୋଇପାରେ । ଇରାନର ତୈଳ ଏବଂ ଗ୍ୟାସ୍ ଯୋଗାଣକୁ ସମ୍ପୂର୍ଣ୍ଣ ଭାବରେ ବନ୍ଦ କରିଦିଆଯିବ । ଫଳରେ ଏହା ଯୁଦ୍ଧ-ବିଧ୍ୱସ୍ତ ଇରାନର ଅର୍ଥନୀତିକୁ ପଙ୍ଗୁ କରିଦେବ । ସମସ୍ୟା ହେଉଛି ଯଦି ଇରାନ ଆମେରିକୀୟ ଯୁଦ୍ଧଜାହାଜ ଉପରେ ଗୁଳି ଚଳାଇବା ଆରମ୍ଭ କରେ, ତେବେ ଅସ୍ତ୍ରବିରତି ଭଙ୍ଗ ହେବ । ଯାହା ପୁଣି ଏକ ନୂଆ ଯୁଦ୍ଧ ଆରମ୍ଭ କରିବ । ହୁଏତ ଆମେରିକା ଏହା କରିବାକୁ ଚାହୁଁଛି ବୋଲି କୁହାଯାଉଛି । ୧୪ ଦିନିଆ ଅସ୍ତ୍ରବିରତି ବର୍ତ୍ତମାନ ଏକ ଅତ୍ୟନ୍ତ ଦୁର୍ବଳ ସ୍ଥିତିରେ ଅଛି ଏବଂ ଯେକୌଣସି ସମୟରେ ଏହା ଭଙ୍ଗ ହୋଇପାରେ । ହର୍ମୁଜ୍ ପ୍ରଣାଳୀରେ ଇରାନ ଦ୍ୱାରା ବିଛାଯାଇଥିବା ସମୁଦ୍ର ମାଇନ୍ସଗୁଡ଼ିକୁ ସ୍ୱତନ୍ତ୍ର ସେନ୍ସର ସହିତ ସଜ୍ଜିତ ତିନୋଟି ହାଲୁକା ସଶସ୍ତ୍ର ମାଇନ୍ସସ୍ୱିପର ଜାହାଜ ଖୋଜୁଛନ୍ତି । ଏହି ମାଇନ୍ସୱିପର ଜାହାଜଗୁଡ଼ିକୁ ମାଇନ୍ସ ଚିହ୍ନଟ କରିବା ପାଇଁ ଡିଜାଇନ୍ କରାଯାଇଛି । ଯଦି ଜାହାଜଗୁଡ଼ିକ ଇରାନ ଦ୍ୱାରା ବିଛା ଯାଇଥିବା ସମୁଦ୍ର ମାଇନ୍ସ ଆବିଷ୍କାର କରନ୍ତି, ତେବେ ଏହା ଇରାନ ରିଭୋଲ୍ୟୁସନାରୀ ଗାର୍ଡ କର୍ପସ୍(ଆଇଆରଜିସି ପାଇଁ ଏକ ବଡ଼ ଆଘାତ ହେବ । ଉପସାଗରର ଅଗଭୀର ଜଳରାଶିରେ କୂଳ ନିକଟରୁ କାର୍ଯ୍ୟ ପାଇଁ ଡିଜାଇନ୍ ହୋଇଥିବା ଏହି ଛୋଟ ଆଲୁମିନିୟମ୍ ଫ୍ରିଗେଟ୍ ଲିଟୋରାଲ୍ କମ୍ବାଟ୍ ସିପ୍ସରେ ମାଇନ୍ସ ଚିହ୍ନଟ କରିବା ପାଇଁ ଅତ୍ୟନ୍ତ ସମ୍ବେଦନଶୀଳ ଏକ୍ୟୁଏସ୍-୨୦ ସୋନାର୍ ରହିଛି । ଆମେରିକାର ମାରିନ୍ କମାଣ୍ଡୋ ଏହି ଅଞ୍ଚଳରେ ୟୁଏସ୍ଏସ୍ ତ୍ରିପୋଲି ଏବଂ ୟୁଏସ୍ଏସ୍ ବକ୍ସର ଯୁଦ୍ଧଜାହାଜରେ ନିୟୋଜିତ ଅଛନ୍ତି । ସେମାନେ ରାତିରେ ଆମ୍ଫିବିୟାନ ଜାହାଜରୁ ହେଲିକପ୍ଟର ଯୋଗୁ ଅବତରଣ କରି ଦ୍ୱୀପପୁଞ୍ଜ ଏବଂ ଉପକୂଳ କ୍ଷେପଣାସ୍ତ୍ର ଘାଟି ସଫା କରିପାରିବେ । ସମୁଦ୍ର ମାଇନ୍ସ ହଟାଇ ଆମେରିକୀୟ ଯୁଦ୍ଧଜାହାଜଗୁଡ଼ିକ ଇରାନ ବନ୍ଦରଗୁଡ଼ିକୁ ଅବରୋଧ କରିବାର ଯୋଜନା ରଖିଛି ବୋଲି ଆମେରିକାର କେନ୍ଦ୍ରୀୟ କମାଣ୍ଡ (ସେଣ୍ଟକମ୍) ନିଶ୍ଚିତ କରିଛି । ଗତକାଲି ଆଇଆରଜିସି ସଂକୀର୍ଣ୍ଣ ୨୦ ମାଇଲ ଚଉଡା ପ୍ରଣାଳୀରେ ପ୍ରବେଶ କରୁଥିବା ଆମେରିକୀୟ ଜାହାଜଗୁଡ଼ିକୁ ଧମକ ଜାରି କରି ଏହା କହିଥିଲା ଯେ, ଓମାନ ସାଗରରେ ଥିବା ସମସ୍ତ ଜାହାଜକୁ ଦଶ ମାଇଲରୁ ଅଧିକ ପାଖକୁ ନ ଆସିବା ଉଚିତ୍ ନଚେତ୍ ଆମେ ଗୁଳି ଚଳାଇବୁ ।

କେନ୍ଦୁଝର ସମାଚାର

A.R. KHAN
ARNMEDIA COMPLEX, New Market, Keonjhar
(Near Collectorate, Dist. Keonjhar, Phone / Fax: (06767) 255016
Email: utkalsamachar@gmail.com, Mob: 9437086122

ଆନନ୍ଦପୁରରେ ହେବ ଇଣ୍ଡୋର ଓ ଫୁଟବଲ ଷ୍ଟାଡିୟମ୍

କେନ୍ଦୁଝର,୧୪/୪(ନି/ପ୍ର): କେନ୍ଦୁଝର ଜିଲ୍ଲାର ଆନନ୍ଦପୁର ଏକ ମୁଖ୍ୟ ନଗର ଓ ଏହା ପ୍ରାଚୀନ କାଳରୁ ଏକ ପ୍ରସିଦ୍ଧ ନଗରୀ ଭାବେ ଖ୍ୟାତି ଲାଭ କରିଛି । ଓଡ଼ିଶାର ଧର୍ମ ପରମ୍ପରାରେ ଆନନ୍ଦପୁରର ସ୍ୱତନ୍ତ୍ରତା ରହିଛି ବୋଲି ଆନନ୍ଦପୁର ମହୋତ୍ସବର ଉଦ୍‌ଯାପନୀ ଅବସରରେ ଆଜି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗଦେଇ କହିଛନ୍ତି । ସେ ଆନନ୍ଦପୁର ଅଂଚଳର ସମୃଦ୍ଧ କଳା, ସଂସ୍କୃତି ଓ ଐତିହ୍ୟକୁ ଉଚ୍ଚ ପ୍ରଶଂସା କରିଥିଲେ । ପୁଣ୍ୟତୋୟା ବୈତରଣୀ ତଟରେ ଅବସ୍ଥିତ ଏହି ପବିତ୍ର ଭୂମି ଧର୍ମୀୟ ସମନ୍ୱୟ ଓ ସଂସ୍କୃତିକ ଐତିହ୍ୟର ଏକ ଅନନ୍ୟ ଦୃଷ୍ଟାନ୍ତ ବୋଲି ସେ ମତ ବ୍ୟକ୍ତ କରିଥିଲେ ।ଆନନ୍ଦପୁର ମହୋତ୍ସବ କେବଳ ଏକ ଉତ୍ସବ ନୁହେଁ, ବରଂ ଗ୍ରାମୀଣ ଓ ଲୋକସଂସ୍କୃତିକୁ ଲୋକମାନଙ୍କ ସମ୍ମୁଖରେ ଆଣିବାର ଏକ ପ୍ରଭାବଶାଳୀ ମଂଚ । ଏହା ମାଧ୍ୟମରେ ଲୁକ୍କାୟିତ ପ୍ରତିଭାମାନଙ୍କୁ ଚିହ୍ନଟ କରାଯାଉଛି ଓ ଲୋକନୃତ୍ୟ, ଲୋକସଙ୍ଗୀତ ପରମ୍ପରାକୁ ସୁରକ୍ଷିତ ରଖାଯାଉଛି । କେନ୍ଦୁଝର ଜିଲ୍ଲାର ସାମଗ୍ରିକ ବିକାଶ ଉପରେ ଜୋର ଦେଇ ସେ କହିଥିଲେ ଯେ ଉତ୍ତର ଓଡ଼ିଶାର ଉନ୍ନତି ପାଇଁ ଉତର ଓଡ଼ିଶା ବିକାଶ ପରିଷଦ ଗଠନ କରାଯାଇଛି ଓ ଏହା ମାଧ୍ୟମରେ ଜିଲ୍ଲାର ବିକାଶ ତ୍ୱରାନ୍ୱିତ ହେବ । କେନ୍ଦୁଝରରେ ମେଗା ଷ୍ଟିଲ୍ ପ୍ଲାଂଟ୍ ସ୍ଥାପନ ପାଇଁ ପ୍ରକ୍ରିୟା ଆଗେଇ ଚାଲିଥିବା ସହ ଜିଲ୍ଲାକୁ ଏକ ଶିଳ୍ପସମୃଦ୍ଧ କେନ୍ଦ୍ର ଭାବେ ଗଢ଼ିବାର ଲକ୍ଷ୍ୟ ରଖାଯାଇଛି ।ଆନନ୍ଦପୁରରେ ଇଣ୍ଡୋର ଓ ଫୁଟବଲ ଷ୍ଟାଡିୟମ୍ ହେବ । ଏହି ଷ୍ଟାଡିୟମ୍ ନିର୍ମାଣରେ ଯାହା ବି ଅର୍ଥ ଆବଶ୍ୟକ ହେବ ସେ ସମସ୍ତ ଖର୍ଚ୍ଚ ଆମ ସରକାର ବହନ କରିବେ ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିଥିଲେ ।ମହୋତ୍ସବ ଅବସରରେ ଆନନ୍ଦପୁର ଅଂଚଳର ସାମଗ୍ରିକ ବିକାଶ ପାଇଁ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ୨୬୭ କୋଟି ୫୦ ଲକ୍ଷ ଟଙ୍କା ବିନିଯୋଗରେ ୪୧ ଗୋଟି ଉନୟନ ମୂଳକ ପ୍ରକଳ୍ପର ଶିଳାନ୍ୟାସ ଏବଂ ୩୪ କୋଟି ୧୫ ଲକ୍ଷ ଟଙ୍କା ଖର୍ଚ୍ଚରେ ୧୪ଟି ପ୍ରକଳ୍ପର ଲୋକାର୍ପଣ ହୋଇଥିଲା ।କେନ୍ଦୁଝର ଅଂଚଳରେ ଟ୍ରାଫିକ୍ ନିୟନ୍ତ୍ରଣ ଦିଗରେ ଆଉ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନେଇ ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ଆଜି କେନ୍ଦୁଝରର ଶାଳପଡା ଠାରେ ନୂତନ ଜାତୀୟ ରାଜପଥ ୨୦ ର ପାଣିକୋଇଲି-ରିମୁଲି ସେକ୍ସନରେ ନବନିର୍ମିତ ଅଣ୍ଡରପାସର ଫ୍ଲାଇଓଭର ଉଦଘାଟନ କରିଛନ୍ତି ।ପ୍ରାୟ ୮୫୦ ମିଟରରୁ ଉର୍ଦ୍ଧ୍ୱ ଲୟର ନିର୍ମିତ ଏହି ଅଣ୍ଡରପାସ୍ ଜାତୀୟ ରାଜପଥ ୨୦ ସହିତ ଏକ ଗୁରୁତ୍ୱପୂର୍ଣ୍ଣ ସଡ଼କ ଭାବରେ ବିକଶିତ ହୋଇଛି, ଯାହାକି ରାଜ୍ୟର ପ୍ରମୁଖ ଶିଳ୍ପ, ଖଣି ଏବଂ ବାଣିଜ୍ୟିକ କ୍ଷେତ୍ରଗୁଡ଼ିକୁ ସଂଯୋଗ କରୁଥିବା ଗୁରୁତ୍ୱପୂର୍ଣ୍ଣ ରାଜପଥ ମଧ୍ୟରୁ ଗୋଟିଏ । ଏଣୁ ଏହି ପ୍ରକଳ୍ପ ସ୍ଥାନୀୟ ଅଂଚଳର ଟ୍ରାଫିକ ହ୍ରାସ କରିବ ।ଶାଳପଡାଠାରେ ଅବସ୍ଥିତ ଏହି ଅଣ୍ଡରପାସ୍ , ଶାଳପଡା, ଖପରାଖାଇ, ବାରିଗାଁ ଓ ସୁଦୁସୁଡ଼ିଆ ଭଳି ନିକଟବର୍ତୀ ଅଂଚଳରୁ ଟ୍ରାଫିକ ହ୍ରାସ କରିବ । ଏହା ଏକ ଗ୍ରେଡ୍ ସେପାରେଟର୍ ଭାବରେ କାର୍ଯ୍ୟ କରିବା ସହିତ ସୁଗମ ପରିବହନ ଏବଂ ନିରବଚ୍ଛିନ୍ନ ଗତିବିଧି ସୁନିଶ୍ଚିତ ଓ ସହିତ ସ୍ଥାନୀୟ ବାସିନ୍ଦାଙ୍କ ପାଇଁ ସୁରକ୍ଷିତ ପଦଯାତ୍ରୀ କ୍ରସିଂ ମଧ୍ୟ ପ୍ରଦାନ କରିବ ବୋଲି ମୁଖ୍ୟମନ୍ତ୍ରୀ ଆଶା ପ୍ରକାଶ କରିଛନ୍ତି । ପିଏମ ଶ୍ରୀ କୁଶଲେଶ୍ୱର ସରକାରୀ ଉଚ୍ଚ ବିଦ୍ୟାଳୟରେ ନିର୍ମାଣ ହେବ ନୂତନ ଅଡିଟୋରିଅମ ,ବାବା କୁଶଳେଶ୍ୱର ମହାଦେବ ପୀଠର ବିକାଶ ନିମିତ୍ତ ୩ କୋଟି ୭ ଲକ୍ଷ ଟଙ୍କା ବିନିଯୋଗ କରାଯିବ ,ବିଦ୍ୟାଳୟ କେବଳ ପାଠପଢାର ସ୍ଥାନ ନୁହେଁ, ଏହା ଜୀବନ ଗଢ଼ିବାର ଏକ ପବିତ୍ର କ୍ଷେତ୍ର । ଏଠାରେ ଜ୍ଞାନ ସହିତ ଜୀବନର ମୂଲ୍ୟବୋଧ ଓ ଶୃଙ୍ଖଳା ଶିକ୍ଷା ଦାନ କରାଯାଏ, ପିଲାଙ୍କ ଚରିତ୍ର ଗଠନର ପ୍ରଥମ ସୋପାନ ବିଦ୍ୟାଳୟରୁ ହିଁ ଆରମ୍ଭ ହୋଇଥାଏ ବୋଲି ଆଜି କେନ୍ଦୁଝର ଜିଲ୍ଲା ପିଏମ ଶ୍ରୀ କୁଶଳେଶ୍ୱର ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ଲାଟିନମ୍ ଜୁବୁଲି ଅବସରରେ ଆୟୋଜିତ ଭବ୍ୟ ସମାରୋହରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗଦେଇ କହିଛନ୍ତି । ଏହି ଅବସରରେ ମୁଖ୍ୟମନ୍ତ୍ରୀ ସ୍ଥାନୀୟ ଅଂଚଳର ଭିତିଭୂମି ଉନ୍ନୟନ ସମ୍ପର୍କରେ ଘୋଷଣା କରି କହିଥିଲେ ଯେ ୬ କୋଟି ୩୪ ଲକ୍ଷ ଟଙ୍କା ବ୍ୟୟରେ ସରେଇ-ହାତିଶିଳା ରାସ୍ତା ନିର୍ମାଣ କାମ ଚାଲିଛି ଏବଂ ବାବା କୁଶଳେଶ୍ୱର ମନ୍ଦିର ଅଂଚଳର ବିକାଶ ପାଇଁ ୩ କୋଟି ୭ ଲକ୍ଷ ଟଙ୍କା ବିନିଯୋଗ କରାଯିବ ।ଏହି କାର୍ଯ୍ୟକ୍ରମରେ ଘସିପୁରା ବିଧାୟକ ଶ୍ରୀ ବଦ୍ରି ନାରାୟଣ ପାତ୍ର, ତେଲକୋଇ ବିଧାୟକ ଡା ଫକିର ମୋହନ ନାୟକ, କେନ୍ଦୁଝର ଜିଲ୍ଲାପାଳ ଶ୍ରୀ ବିଶାଳ ସିଂହ,ଆୟୋଜକ କମିଟି ସଭାପତି ହାଡିବନ୍ଧୁ ପଟ୍ଟନାୟକ , ସମ୍ପାଦକ ରାମଚନ୍ଦ୍ର ନାୟକ, ବିଦ୍ୟାଳୟର ପ୍ରଧାନ ଶିକ୍ଷକ, ଶିକ୍ଷକମାନେ, ପୁରାତନ ଛାତ୍ରଛାତ୍ରୀ ଓ ଅଭିଭାବକମାନେ ଉପସ୍ଥିତ ଥିଲେ ।

ଚିମିଳା ଶିଶୁମନ୍ଦିରର ବାର୍ଷିକ ଉତ୍ସବ

ଚମ୍ପୁଆ,୧୪/୪(ନି/ପ୍ର): ଚମ୍ପୁଆ ବ୍ଲକ ଚିମିଳା ସରସ୍ୱତୀ ଶିଶୁ ମନ୍ଦିରରେ ୨୫ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୁଖ୍ୟଅତିଥି ଭାବେ ସମାଜସେବୀ ଅଗନୁ ଚରଣ ମହାନ୍ତ, ସମ୍ମାନିତ ଅତିଥି ଭାବେ ସାଂସଦ ପ୍ରତିନିଧି ସିଦ୍ଧାର୍ଥ ସିଂହ, ଚମ୍ପୁଆ ବରିଷ୍ଠ ଆଇନଜୀବୀ ରମେଶ ଚନ୍ଦ୍ର ପ୍ରଧାନ, ଝରଣା ମହାନ୍ତ, ମୁଖ୍ୟବକ୍ତା ଭାବେ ପୂର୍ବତନ ଆଚାର୍ଯ୍ୟ ବସନ୍ତ କୁମାର ମହାନ୍ତ, ବିଦ୍ୟାଳୟ ପରିଚାଳନା ସମିତି ସଭାପତି ମାଗୁଣୀ ଚରଣ ପାତ୍ର, ସମ୍ପାଦକ ଶୁଭେନ୍ଦୁ ମହାନ୍ତ , ପ୍ରଧାନଆଚାର୍ଯ୍ୟ ଅକ୍ଷୟ କୁମାର ନାଏକ ଆଦି ମଚାଂସୀନ ଥିଲେ । ଅତିଥି ମାନେ ନିଜ ଅଭିଭାଷଣରେ ବର୍ତ୍ତମାନ ଆଧୁନିକ ଯୁଗରେ ନୈତିକ ଶିକ୍ଷାର ବିକାଶ ଓ ଦେଶଗଠନର ଭୂମିକା ସମ୍ପର୍କରେ ଅବତାରଣା କରିଥିଲେ । ଛାତ୍ରଛାତ୍ରୀମାନେ ଶୃଙ୍ଖଳିତ ହୋଇ ଉନ୍ନମ ଶିକ୍ଷା ଗ୍ରହଣ କଲେ ଦେଶ ଆଗେଇବା ସହିତ ସରକାରଙ୍କ ବିକଶିତ ଭାରତ ଯୋଜନାର ଲକ୍ଷ୍ୟ ହାସଲ ହୋଇପାରିବ ବୋଲି ମତବ୍ୟକ୍ତ କରିଥିଲେ । ପୂର୍ବରୁ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତି ଛାତ୍ରଛାତ୍ରୀଙ୍କୁ ଅତିଥିଙ୍କ ଦ୍ୱାରା ପ୍ରମାଣପତ୍ର ଓ ପୁରସ୍କାର ପ୍ରଦାନ କରା ଯାଇଥିଲା । ଶେଷରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ରଙ୍ଗାରଙ୍ଗ ପରିବେଷଣ କରାଯାଇଥିଲା ।ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ, ସେବକ ସେବିକା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

ଖୁସବୀର ନାୟକ ବେସବଲ ଜାତୀୟ ସ୍କୁଲ କ୍ରୀଡ଼ାର ପ୍ରତିଯୋଗିତା ପାଇଁ ମନୋନୀତ

କେନ୍ଦୁଝର,୧୪/୪(ନି/ପ୍ର): କେନ୍ଦୁଝର ଜିଲ୍ଲା ସଦର ବ୍ଲକ ଅନ୍ତର୍ଗତ ରଘୁନାଥପୁର ଗ୍ରାମ ପଂଚାୟତର ଆଠପଲ୍ଲୀ ସରକାରୀ ଉଚ୍ଚ ବିଦ୍ୟାଳୟ, ହଳଧରପୁରର ଦଶମ ଶ୍ରେଣୀର ଛାତ୍ର ଖୁସବୀର ନାୟକ ବେସବଲ ଜାତୀୟ ସ୍କୁଲ କ୍ରୀଡାର ପ୍ରତିଯୋଗିତା ପାଇଁ ମନୋନୀତ ହୋଇଛନ୍ତି । ଆସନ୍ତା ୧୬ ରୁ ୨୨ ତାରିଖ ପର୍ଯ୍ୟନ୍ତ ଦିଲ୍ଲୀରେ ୬୯ତମ ଜାତୀୟ ସ୍କୁଲ କ୍ରୀଡା ଅନୁଷ୍ଠିତ ହେବ । ଏହା ପୂର୍ବରୁ ୯ ତାରିଖରେ କଟକ ଜଗତପୁରରେ ଆୟୋଜିତ ପ୍ରଶିକ୍ଷଣ ଶିବିରରେ ସେ ଯୋଗଦେବେ ଏବଂ ୧୩ ତାରିଖରେ ଦିଲ୍ଲୀ ପ୍ରସ୍ଥାନ କରିବେ । ଏହି ଅବସରରେ ବିଦ୍ୟାଳୟର ପ୍ରଧାନଶିକ୍ଷକ ବାଞ୍ଛାନିଧି ସାହୁ, କ୍ରୀଡା ଶିକ୍ଷକ ଶ୍ରୀନିବାସ ମଲ୍ଲିକ ଓ ଅନ୍ୟାନ୍ୟ ଶିକ୍ଷକ-ଶିକ୍ଷୟିତ୍ରୀ, କର୍ମଚାରୀ ଏବଂ ଛାତ୍ରଛାତ୍ରୀଙ୍କ ଉପସ୍ଥିତିରେ ଖୁସବୀରଙ୍କୁ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧନା ଜଣାଇଥିଲେ ଓ ତାଙ୍କର ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ଶୁଭେଚ୍ଛା କାମନା କରିଥିଲେ । ଖୁସବୀର ଜଜପଶି ଗ୍ରାମର ମିତ୍ରଭାନୁ ନାୟକ ଓ ରଞ୍ଜୁରାଣୀ ନାୟକଙ୍କ ପୁତ୍ର ଅଟନ୍ତି । ସେହିପରି, କେନ୍ଦୁଝର ଜିଲ୍ଲାର ବଳରାମଧୂର ସରକାରୀ ଉଚ୍ଚ ବିଦ୍ୟାଳୟ, ପୁରୁଣାବାନ୍ଧଗୋଡାର ଛାତ୍ର ନିତିଶ କୁମାର ପଟ୍ଟନାୟକ ଓ ଝାଡେଶ୍ୱର ସରକାରୀ ଉଚ୍ଚ ବିଦ୍ୟାଳୟ, ଘସିପୁରାର ଛାତ୍ରୀ ରିୟା ସାହୁ ମଧ୍ୟ ଏହି ଜାତୀୟ ବେସବଲ ପ୍ରତିଯୋଗିତା ପାଇଁ ମନୋନୀତ ହୋଇଛନ୍ତି । କେନ୍ଦୁଝର ଜିଲ୍ଲାର ଏହି ତିନିଜଣ ଖେଳାଳୀ– ଖୁସବୀର, ନିତିଶ ଓ ରିୟାଙ୍କୁ ଜିଲ୍ଲା କ୍ରୀଡା ସଂସ୍ଥାର ସାଧାରଣ ସମ୍ପାଦକ ସଂଗ୍ରାମ କେଶରୀ ପଟ୍ଟନାୟକ ଶୁଭେଚ୍ଛା ଜଣାଇ ତାଙ୍କ ସଫଳତା ପାଇଁ କାମନା କରିଛନ୍ତି ।

ଅଭିଯୋଗ ଶୁଣିଲେ ମୁଖ୍ୟମନ୍ତ୍ରୀ

କେନ୍ଦୁଝର,୧୪/୪(ନି/ପ୍ର): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ତିନିଦିନିଆ କେନ୍ଦୁଝର ଗସ୍ତର ଦ୍ୱିତୀୟ ଦିନ ରବିବାର ମଧ୍ୟାହ୍ନରେ ଲୋକଙ୍କ ଅଭିଯୋଗ ଶୁଣିଛନ୍ତି । ବହୁ ସଂଖ୍ୟାରେ ଲୋକ କେନ୍ଦୁଝର ସର୍କିଟ୍ ? ହାଉସ୍ ?କୁ ଆସି ନିଜର ବ୍ୟକ୍ତିଗତ ଓ ଆଉ କିଛି ସାମୂହିକ ସମସ୍ୟା ସମ୍ପର୍କରେ ମୁଖ୍ୟମନ୍ତ୍ରୀଙ୍କୁ ଜଣାଇଥିଲେ । ବିଶେଷ କରି ଦିବ୍ୟାଙ୍ଗ ଓ ବିଭିନ୍ନ ରୋଗରେ ଆକ୍ରାନ୍ତ ହୋଇଥିବା ଲୋକେ ମୁଖ୍ୟମନ୍ତ୍ରୀଙ୍କୁ ଭେଟିଥିଲେ । ସେମାନଙ୍କ ସମସ୍ୟା ଶୁଣି ତୁରନ୍ତ ପଦକ୍ଷେପ ନେବାପାଇଁ ମୁଖ୍ୟମନ୍ତ୍ରୀ ଉପସ୍ଥିତ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିବା ଜଣାପଡ଼ିଛି । ଜିଲ୍ଲାପାଳ ଓ ଅଧିକାରୀମାନଙ୍କୁ ପରାମର୍ଶ ଦେଇ ମୁଖ୍ୟମନ୍ତ୍ରୀ ଲୋକଙ୍କ ସମସ୍ୟାଗୁଡ଼ିକୁ ତ୍ୱରିତ ଭିତିରେ ସମାଧାନ କରିବା ପାଇଁ କହିଥିଲେ । ଜନତାଙ୍କ ଅକୁଣ୍ଠ ବିଶ୍ୱାସ ଓ ଆସ୍ଥା ଆମକୁ ପ୍ରତିଦିନ ନିରନ୍ତର ସେବା ପାଇଁ ଅପାର ଶକ୍ତି ଯୋଗାଉଛି । ଆମ ସରକାରରେ କେହି ଜଣେ ବି ଯେମିତି ନ୍ୟାୟରୁ ବଚିଂତ ନ ହେବେ, ସେଥିପାଇଁ ଆମେ ସବୁ ପ୍ରକାର ପ୍ରୟାସ କରୁଛୁ ବୋଲି କହି ମୁଖ୍ୟମନ୍ତ୍ରୀ ଜନସାଧାରଣଙ୍କ ଅଭିଯୋଗ ଶୁଣିବା ସହ ସେମାନଙ୍କ ସୁବିଧାଅସୁବିଧା ପଚାରି ବୁଝିଥିଲେ । ଅଭିଯୋଗ ଶୁଣାଣି ବେଳେ ଡିଆଇଜି ବ୍ରିଜେଶ ରାୟ, କେନ୍ଦୁଝର ଜିଲ୍ଲାପାଳ ବିଶାଲ ସିଂହ, ଆରକ୍ଷୀ ଅଧୀକ୍ଷକ ନୀତିନ କୁଶଲକର, ଡିଏଫ୍‌ଓ ଏଚ୍.ଡି. ଧନରାଜ, ଡିଏମ୍‌ଏଫ୍ ସିଇଓ ଡ. ରୀନା ପ୍ରଧାନ, ମୁଖ୍ୟମନ୍ତ୍ରୀଙ୍କ ଯୁଗ୍ମ ସଚିବ ତ୍ରିଲୋଚନ ମହାନ୍ତି, ଅତିରିକ୍ତ ଜିଲ୍ଲାପାଳ ମନ୍ଦରଧର ମହାଲିକ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ରବୀନ୍ଦ୍ର କୁମାର ପ୍ରଧାନ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ କୁମାର ନାଗଭୂଷଣ ପ୍ରମୁଖ ଉପସ୍ଥିତ ଥିଲେ ।



୧୧ତମ ଶୁଭାଶିଷ ସ୍ମାରକୀ କ୍ରିକେଟ ଟୁର୍ନାମେଟଂ ଫାଇନାଲ ମ୍ୟାଚ ଦେଖିଲେ ମୁଖ୍ୟମନ୍ତ୍ରୀ

କେନ୍ଦୁଝର,୧୪/୪(ନି/ପ୍ର): କେନ୍ଦୁଝର ଷ୍ଟାଡିଅମ ଠାରେ ଆୟୋଜିତ ୧୧ତମ ଶୁଭାଶିଷ ସ୍ମାରକୀ କ୍ରିକେଟ ଟୁର୍ନାମେଂଟରେ ରାଉରକେଲା ୟୁଥ କ୍ରିକେଟ କ୍ଲବ ରାଇଜିଂ ଷ୍ଟୁଡେଂଟସ କଟକକୁ ୩୪ ରନରେ ପରାସ୍ତ କରି ବିଜୟୀ ହୋଇଛି । ଏହି ଫାଇନାଲ ମ୍ୟାଚ ତଥା ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗଦେଇ ଖେଳାଳୀ ମାନଙ୍କୁ ଉତ୍ସାହିତ କରିବା ସହିତ ବିଜୟୀ ଏବଂ ରନର୍ସଅପ ବିଜେତା ଦଳକୁ ପୁରସ୍କୃତ କରିଥିଲେ । ଆମ ଦେଶରେ ପ୍ରତିଭାର କୌଣସି ଅଭାବ ନାହିଁ । କିନ୍ତୁ ଦେଶର ଗ୍ରାମୀଣ ପ୍ରତିଭାମାନଙ୍କୁ ଚିହ୍ନଟ ଚିହ୍ନଟ କରି ସେମାନଙ୍କୁ ବିଶ୍ୱସ୍ତରୀୟ ସ୍ୱୀକୃତି ଆଣିଦେବା ହେଉଛି ଆମ ସରକାରଙ୍କ ପ୍ରମୁଖ ଲକ୍ଷ୍ୟ । ଏଥିପାଇଁ ପ୍ରତି ପଂଚାୟତ ଏବଂ ବ୍ଲକରେ ଷ୍ଟାଡିମୟ ନିର୍ମାଣ କରି ବିଭିନ୍ନ ପ୍ରକାର କ୍ରୀଡା ପ୍ରତିଯୋଗିତା ମାଧ୍ୟମରେ ସରକାର ପ୍ରତିଭା ଚିହ୍ନଟ କରୁଛନ୍ତି ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଥିଲେ । ଏହି ସମାରୋହରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଥିଲେ, କ୍ରୀଡ଼ା କ୍ଷେତ୍ରରେ ଆମର ନିରନ୍ତର ପ୍ରୋତ୍ସାହନ ପାଇଁ ଆଜି ଓଡ଼ିଶା ଭାରତର କ୍ରୀଡ଼ା ରାଜଧାନୀ ଭାବେ ପରିଚିତ । ଓଡ଼ିଶା ଆଜି ଜାତୀୟ ଓ ଆନ୍ତର୍ଜାତୀୟ ସ୍ତରରେ କ୍ରୀଡ଼ା କ୍ଷେତ୍ରରେ ଖ୍ୟାତି ଅର୍ଜନ କରିଛି ।ପ୍ରତ୍ୟେକ ସଫଳତା ସହ ଓଡ଼ିଶା ନିଜକୁ କ୍ରୀଡ଼ା ଜଗତର ଏକ ଉଦୀୟମାନ ଶକ୍ତି ଭାବେ ପ୍ରମାଣିତ କରୁଛି । ଆସନ୍ତା ୨୦୨୮ ମସିହାରେ ହେବାକୁ ଥିବା ୱାର୍ଲଡ ଆଥଲେଟିକ୍ସ ଇନଡ୍ରୋର ଚାମ୍ପିୟନସିପ୍ ଭୁବନେଶ୍ୱର କଳିଙ୍ଗ ଷ୍ଟାଡିଅମରେ ହିଁ ଖେଳହେବ । ଓଡିଶା ଏହାର ଆୟୋଜନ କରିବ । ଯାହା ଆମ ପାଇଁ ଗୌରବର କଥା । ଏଥିରେ ବ୍ଲକ ଠାରୁ ଆରମ୍ଭ କରି ରାଜ୍ୟ ସ୍ତର ପର୍ଯ୍ୟନ୍ତ ଫୁଟବଲ, ଆଥଲେଟିକ୍ସ, ହକି ଓ ବ୍ୟାଡମିଟଂନ ପ୍ରତିଯୋଗିତାରେ ଲକ୍ଷାଧିକ ଆଥଲେଟ୍ ଅଂଶଗ୍ରହଣ କରିବେ । ଗ୍ରାମୀଣ ପ୍ରତିଭାମାନଙ୍କୁ ଚିହ୍ନଟ କରି ସେମାନଙ୍କୁ ବିଶ୍ୱସ୍ତରୀୟ ସ୍ୱୀକୃତି ଆଣିଦେବା ହେବ ଆମର ଲକ୍ଷ୍ୟ ବୋଲି ସେ କହିଥିଲେ । ମୁଖ୍ୟମନ୍ତ୍ରୀ କହିଥିଲେ, ବର୍ତମାନ ଉଦୀୟମାନ ଖେଳାଳି ଛୋଟ ଛୋଟ ସହରରୁ ଆସି ନିଜକୁ ପ୍ରତିଷ୍ଠିତ କରି ପାରୁଛନ୍ତି । ଧୋନୀ, ଜାଡେଜା, ରିଙ୍କୁ ସିଂ, ସୁରେଶ ରାଇନା, ଶୁଭମନ ଗିଲ, ଯଶସ୍ୱୀ ଜୟଶ୍ୱାଲ ଇତ୍ୟାଦି ଦେଖାଇଛନ୍ତି ଯେ ଯଦି ପ୍ରତିଭା ଅଛି ତେବେ ସଫଳତା ଦୂର ନୁହେଁ । କେବଳ, କ୍ରିକେଟ ନୁହେଁ, ଅନ୍ୟ ଖେଳରେ ମଧ୍ୟ ଆମ ଖେଳାଳି ପରି ନିଜ ପାଇଁ ନିଜ ଦେଶ ଭାରତ ପାଇଁ ଗୌରବ ଆଣିଛନ୍ତି । ଏହି ସବୁ ପ୍ରତିଭାବାନ ଖେଳାଳିଙ୍କୁ ଆବଶ୍ୟକ ଭିତିଭୂମି, କିଟ୍ସ, ଖେଳ ପଡିଆ ପ୍ରଦାନ କରିବା ହେଉଛି ସରକାରଙ୍କ କାମ । ତେଣୁ, ଆମ ସରକାର ଏ ଦିଗରେ ଯତ୍ନବାନ ଅଛନ୍ତି ଏବଂ ଏ ଦିଗରେ କାର୍ଯ୍ୟ ମଧ୍ୟ କରୁଛନ୍ତି ବୋଲି ସେ କହିଥିଲେ । ସେ କହିଥିଲେ, କ୍ରିକେଟ ଆମ ପାଇଁ ଗୋଟିଏ ଅନ୍ତର୍ନିହିତ ଆନନ୍ଦ, ଏହି ଖେଳ ଆମକୁ ଏକତା ଦିଏ, ଉତ୍ସାହ ଦିଏ ଓ ଏକ ଆଶା ଦିଏ । ସଚିନ ତେନ୍ଦୁଲକରଙ୍କ ଠାରୁ ଆରମ୍ଭ କରି ଧୋନି, ବିରାଟ କୋହଲି ଏବଂ ରୋହିତ ଶର୍ମାଙ୍କର ଖେଳ ଦେଖି ଅନେକ ଯୁବକ ପ୍ରେରିତ ହୁଅନ୍ତି । କେନ୍ଦୁଝର ଷ୍ଟାଡିୟମ ଠାରେ ଆୟୋଜିତ ଏହି ଟୁର୍ଣ୍ଣାମେଂଟର ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟମନ୍ତ୍ରୀଙ୍କ ସମେତ ଜିଲ୍ଲା ଯୋଜନା ବୋର୍ଡ କମିଟି ଅଧ୍ୟକ୍ଷ, ଡାକ୍ତର ଫକୀର ନାଏକ, ଚମ୍ପୁଆ ବିଧାୟକ ସନାତନ ମହାକୁଡ଼, ଜିଲ୍ଲାପାଳ ବିଶାଳ ସିଂହ, ସ୍ୱତନ୍ତ୍ର ଉନ୍ନୟନ ପରିଷଦ, କେନ୍ଦୁଝରର ଅଧ୍ୟକ୍ଷା ଶ୍ରୀମତୀ ମମିତା ନାଏକ, କେନ୍ଦୁଝରଗଡ଼ ପୌରପରିଷଦର ଅଧ୍ୟକ୍ଷା ଶ୍ରୀମତୀ ନିକୁ ସାହୁ, ସମାଜସେବୀ ଶୁକଦେବ ମହାନ୍ତ ଏବଂ ଫେମସ କ୍ଲବର ସଭାପତି ବିଶ୍ୱଜିତ ତ୍ରିପାଠୀ ଉପସ୍ଥିତ ଥିଲେ ।

ଓଡିଆ ପକ୍ଷ -୨୦୨୬, ଜିଲ୍ଲାସ୍ତରୀୟ 'ବନ୍ଦନୀୟ ବରପୁତ୍ର' କାର୍ଯ୍ୟକ୍ରମ

ଖୋର୍ଦ୍ଧା,୧୪/୪: ଜିଲ୍ଲା ସଂସ୍କୃତି ବିଭାଗ ଓ ଖୋର୍ଦ୍ଧା ସାହିତ୍ୟ ସଂସଦର ମିଳିତ ଆନୁକୂଲ୍ୟରେ ଏବଂ ଓଡିଶା ସାହିତ୍ୟ ଏକାଡ଼େମୀ ସହଯୋଗରେ ଓଡ଼ିଆ ପକ୍ଷ ଅବସରରେ 'ବନ୍ଦନୀୟ ବରପୁତ୍ର' କାର୍ଯ୍ୟକ୍ରମ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଜୟୀରାଜଗୁରୁ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଜ୍ୟୋତି ଶଙ୍କର ସାହୁ ମୁଖ୍ୟ ଜିଲ୍ଲା ଉନୟନ ଅଧିକାରୀ - ତଥା ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ ସଭାପତିତ୍ୱ କରିଥିଲେ । ସମ୍ମାନୀତ ବକ୍ତା ଭାବରେ ଓଡ଼ିଶାର ସୁନାମଧନ୍ୟ ବକ୍ତା ତଥା ନିରାକାର ପୁର କଲେଜର ଇଂରାଜୀ ବିଭାଗର ବରିଷ୍ଠ ଅଧ୍ୟାପକ ଡ.ମୃତ୍ୟୁଞ୍ଜୟ ରଥ ବିଶିଷ୍ଟ ଆଲୋଚକ ଭାବରେ ଯୋଗଦେଇ ବନ୍ଦନୀୟ ବରପୁତ୍ର ତଥା ରକ୍ତ ବିଜଡିତ ପାଇକ ମାଟିର ଅଶି ଓ ମସୀକୁ ନେଇ ବିଭିନ୍ନ ପାଇକ ତଥା ଉତ୍କଳ ର ବାଣୀ ଭଣ୍ଡାର କୁ ରୁଦ୍ଧି ମନ୍ତ କରିଥିବା କବି ସଚ୍ଚିଦାନନ୍ଦ ରାଉତରାୟ, କବିୟତ୍ରି କୁନ୍ତଳା କୁମାରୀ ସାବତ, ଡକ୍ଟର ମାୟାଧର ମାନସିଂ, ବୃନ୍ଦାବତୀ ଦାସୀ,କବି ଜୟଦେବ ,ଶିଶୁ ଅନନ୍ତ, କବି ମାୟାଧର ମାନସିଂହଙ୍କ ଭଳି ବହୁ ମୁଖି ପ୍ରତିଭା ଓ ଉତ୍କଳ ର ବାଣିଭଣ୍ଡାରକୁ ସେମାନଙ୍କ ଦାନ ଉପରେ ଆଲୋକପାତ କରିଥିଲେ । ଅନ୍ୟ ସମ୍ମାନୀୟ ବକ୍ତା ଭାବେ ନିରାକାରପୁର କଲେଜର ପ୍ରାକ୍ତନ ଅଧ୍ୟାପିକା ଡକ୍ଟର ପ୍ରତିଭାମୟୀ ମିତ୍ର ତାଙ୍କର ଅଭିଭାଷଣରେ ବକ୍ସି ଜଗବନ୍ଧୁଙ୍କ ଲୋମଟାଙ୍କୁରା କାହାଣୀ ଉପରେ ଆଲୋକପାତ କରିଥିଲେ । ଅନ୍ୟତମ ଅତିଥି ଭାବେ ସାହିତ୍ୟ ସଂସଦ ର ସମ୍ପାଦକ ଡକ୍ଟର ଧୀରେନ୍ଦ୍ର ନନ୍ଦ ତାଙ୍କର ଏକ ପ୍ରବନ୍ଧ ଜୟୀ ରାଜଗୁରୁଙ୍କ ଉପରେ ପାଠ କରିଥିଲେ ସେହିପରି ଡଃ. କୈଳାଶ ଚନ୍ଦ୍ର ମହାରଣା ମଧ୍ୟ ବଶିଷ୍ଟ ବରପୁତ୍ର ଙ୍କ ଜୀବନୀ ଉପରେ ଆଲୋଚନ କରିଥିଲେ । ପ୍ରାରମ୍ଭ ରେ ଜିଲ୍ଲା ସଂସ୍କୃତି ଅଧିକାରୀ ଚୌଧୁରୀ ଅରବିନ୍ଦ ଦାସ ଓଡ଼ିଆ ପକ୍ଷ ପାଳନର ଉଦେଶ୍ୟ ଉପରେ ନିଜର ବକ୍ତବ୍ୟ ପ୍ରଦାନ କରିବା ସହ ଅତିଥି ପରିଚୟ ପ୍ରଦାନ କରିଥିଲେ ।

ତିହିଡି : ସିଏମ ଟ୍ରଫି ଭଲିବଲ ଟୁର୍ଣ୍ଣାମେଟଂ :

ଆଦର୍ଶ ବିଦ୍ୟାଳୟ ଓ ଖାଙ୍କିହାଟ ଭଲି ଟିମ ଚାମ୍ପିୟନ

ଭଦ୍ରକ,୧୪/୪(ନି/ପ୍ର): ଭଦ୍ରକ ଜିଲ୍ଲା ତିହିଡ଼ି କାଳୀପଡ଼ିଆରେ ୨ଦିନ ଧରି ଚାଲିଥିବା ସିଏମ ଟ୍ରଫି ଭଲିବଲ ଟୁର୍ଣ୍ଣାମେଂଟ ରବିବାର ଉଦଯାପିତ ହୋଇଯାଇଛି । ବାଳିକାମାନଙ୍କ ଫାଇନାଲ ମ୍ୟାଚରେ ତିହିଡି ଖାଙ୍କିହାଟ ଭଲି ଟିମ ୨-୦ରେ ଭଦ୍ରକ ସରକାରୀ ବାଳିକା ହାଇସ୍କୁଲକୁ ହରାଇ ଏବଂ ବାଳକମାନଙ୍କ ଫାଇନାଲ ମ୍ୟାଚରେ ଓଲଙ୍ଗ ଆଦର୍ଶ ବିଦ୍ୟାଳୟ ୨-୦ରେ ଏସବିଡି ଇଂଟରନ୍ୟାସନାଲକୁ ହରାଇ ଚାମ୍ପିୟନ ହୋଇଥିବା ଜଣାଯାଇଛି । ଏହି ଟୁର୍ଣ୍ଣାମେଂଟରେ ବାଳିକା ବିଭାଗରେ ୬ଟି ଟିମ ଏବଂ ବାଳକ ବିଭାଗରେ ୭ଟି ଟିମ ଅଂଶଗ୍ରହଣ କରିଥିଲେ । ବାଳିକାମାନଙ୍କ ଫାଇନାଲ ମ୍ୟାଚକୁ ଅତିଥି ଭାବେ ତହସିଲଦାର ଜୟଦ୍ରଥ ଆଚାର୍ଯ୍ୟ, ସାଂସଦଙ୍କ ପ୍ରତିନିଧି ସୀତାକାନ୍ତ ନାୟକ ଓ ଭାଟପଡ଼ା ସରପଂଚ ଶୁଭ୍ର ନାରାୟଣ ସେଠୀ ଏବଂ ବାଳକମାନଙ୍କ ଫାଇନାଲ ମ୍ୟାଚକୁ ଅତିଥି ଭାବେ ଭଦ୍ରକ ଆଥଲେଟିକ ଆସୋସିଏସନ ସମ୍ପାଦକ ଧୀରେନ ପଲାଇ, ତିହିଡ଼ି କଲେଜ ପୂର୍ବତନ ଅଧ୍ୟକ୍ଷ ଡ. ଲକ୍ଷ୍ମୀଧର ତ୍ରିପାଠୀ, ଶିକ୍ଷାବିତ ସୋମନାଥ ପାଢ଼ୀ, ନାଟ୍ୟକାର ଚନ୍ଦ୍ରକାନ୍ତ ମହାନ୍ତି, ସାମାଜସେବୀ ଧୀରେନ୍ଦ୍ର ସାହୁ ଯୋଗଦେଇ ଉଦଘାଟନ କରିଥିଲେ । ଉଦଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଡେପୁଟି କଲେକ୍ଟର ତଥା ଜିଲା କ୍ରୀଡ଼ା ଅଧିକାରୀ କାର୍ତ୍ତିକ ନାଥ ମଣ୍ଡଳ, ବରେଣ୍ୟ ଅତିଥି ଭାବେ ଡିଏସଓ ଦେବବ୍ରତ ମହାପାତ୍ର ଓ ଭଦ୍ରକ ଆଥଲେଟିକ ଆସୋସିଏସନ ସମ୍ପାଦକ ଶ୍ରୀ ପଲାଇ ଯୋଗଦେଇ ଚାମ୍ପିୟନ ଦଳକୁ ଟ୍ରଫି ପ୍ରଦାନ କରିଥିଲେ । ଏହି ଟୁର୍ଣ୍ଣାମେଂଟରେ ୧୨ଜଣ ଲେଖାଏଁ ବାଳିକା ଓ ବାଳକ ରାଜ୍ୟସ୍ତରକୁ ମନୋନୀତ ହୋଇଥିବା ଜଣାଯାଇଛି । ବାଳକ ବିଭାଗ ମ୍ୟାଚକୁ ଜିଲା ଭଲିବଲ ସଂଯୋଜକ ଗିରିଜା ରମଣ ଜେନା ଏବଂ ବାଳିକା ବିଭାଗ ମ୍ୟାଚକୁ ଅଭିଲିପସା ପାଢ଼ୀ ପରିଚାଳନା କରିଥିବା ବେଳେ ପ୍ରଭାତ କୁମାର ଜେନା, ରଞ୍ଜନ ବେହେରା, ପ୍ରିୟଦର୍ଶନୀ ଧଡ଼ା, ତନ୍ମୟ ବେହେରା, ସୁଶାନ୍ତ କୁମାର ଯତି, ବାବାଜୀ ମହାକୁଡ଼ ପ୍ରମୁଖ ସହଯୋଗ କରିଥିଲେ ।

କଲ୍ୟାଣୀ ପଂଚାୟତରେ ଐତିହାସିକ ଘଟ ଯାତ୍ରା

ଭଦ୍ରକ,୧୪/୪(ନି/ପ୍ର): ଭଦ୍ରକ ଜିଲା ଧାମନଗର ବ୍ଲକ ଅନ୍ତର୍ଗତ କଲ୍ୟାଣୀ ପଂଚାୟତରେ ଐତିହାସିକ ପାଟୁଆ ଘଟଯାତ୍ରା ଆରମ୍ଭ ହୋଇଛି । ଏହି ଘଟ ଯାତ୍ରା ବହୁ ପୁରାତନ । ଏହା ଚୈତ୍ରମାସ ବାରୁଣୀ ସ୍ନାନ ଠାରୁ ଆରମ୍ଭ ହୋଇ ବୈଶାଖ ମାସ ପଣା ସଂକ୍ରାନ୍ତି ପର୍ଯ୍ୟନ୍ତ ପାଳିତ ହୋଇଥାଏ ।ସର୍ବେ ପ୍ରଥମେ ମା' ମଙ୍ଗଳାଙ୍କ ଘଟ ଶନିବାର ଗ୍ରାମ ପରିକ୍ରମା କରିଥିଲେ ଓ ନିଶାଘଟ ରାତ୍ର ୨ ଘଟିକା ସମୟରେ ଘଟରେ ମାନସିକ ଧାରି ମାନେ ଘଟ ଉପରେ ଚାଉଳ ଭରିଗୁଆ ଆମ୍ବ ପଇସା ହଳିଦି ବାହାଡା ଶଙ୍ଖା ସିନ୍ଦୁର ପାଂଚି ଦେଇ ପୂଜା ଅର୍ଚ୍ଚନା କରିଥିଲେ ।

ଆସାମ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱ ଶର୍ମାଙ୍କ କଂଗ୍ରେସ ପକ୍ଷରୁ କୁଶପୁତଳିକା ଦାହ

କେନ୍ଦୁଝର,୧୪/୪(ନି/ପ୍ର): ଅଖିଳ ଭାରତୀୟ କଂଗ୍ରେସ କମିଟିର ସଭାପତି ତଥା ରାଜ୍ୟସଭା ବିରୋଧୀଦଳ ନେତା ମାଲିକାର୍ଜୁନ ଖଡ଼ଗେଙ୍କୁ ଆସାମ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱ ଶର୍ମା ଆଶାଳୀନ ମନ୍ତବ୍ୟ ଦେଇଥିବାରୁ ସାରା ଦେଶରେ କଂଗ୍ରେସ ପକ୍ଷରୁ ହିମନ୍ତ ବିଶ୍ୱ ଶର୍ମାଙ୍କ ବିକ୍ଷୋଭ କରିବା ସହିତ କୁଶ ପୁତଳିକା ଦାହ କରାଯାଉଛି । ଆଜି କେନ୍ଦୁଝର ଜ଼ିଲ୍ଲା କଂଗ୍ରେସ ପକ୍ଷରୁ କଂଗ୍ରେସ ଭବନ ସମ୍ମୁଖରେ ହିମନ୍ତ ବିଶ୍ୱ ଶର୍ମାଙ୍କ କୁଶ ପୁତଳିକା ଦାହ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ପୂର୍ବତନ ପିସିସି ସାଧାରଣ ସମ୍ପାଦକ ଆଲୋକ ମିଶ୍ର, ପୂର୍ବତନ ପିସିସି ସମ୍ପାଦକ ସଂଗ୍ରାମ ଦାସ, ଜ଼ିଲ୍ଲା ଯୁବ କଂଗ୍ରେସ ସଭାପତି ସୁନେଶ ଧୀର, ଜ଼ିଲ୍ଲା ଛାତ୍ର କଂଗ୍ରେସ ସଭାପତି ଶୁଭମ ରାଜ, ଜ଼ିଲ୍ଲା କଂଗ୍ରେସ ସାଧାରଣ ସମ୍ପାଦକ ସୁଦଳ କୁମାର ସେଠି, ବରିଷ୍ଠ କଂଗ୍ରେସ ନେତା ରତ୍ନାକର ଜେନା, ଜ଼ିଲ୍ଲା ସମ୍ପାଦକ ଜୁଲ ଫିକାର ଅଲି ଭୁଟୋ, ପୂର୍ଣ୍ଣଚନ୍ଦ୍ର ଦାସ, ଜ଼ିଲ୍ଲା ଦଳିତ କଂଗ୍ରେସ ସଭାପତି ରଶ୍ମି ରଞ୍ଜନ ଜେନା, ଯୁବ କଂଗ୍ରେସ ନେତା ସୁରେଶ ଚନ୍ଦ୍ର ଦାସ, ଅର୍ଜୁନ ଜେନା, ସୁଧୀର ମହାକୁଡ଼, ଅଭିନାଶ କୁମାର ଓ ଅମିତ ରାଉତ ପ୍ରମୁଖ ଉପସ୍ଥିତ ଥିଲେ ।

ବିବିଧା

ରାଶିଫଳ

ମେଷ: ଦୀର୍ଘଦିନର ଆଶା ପୂରଣ ହେବ। ଆର୍ଥିକ ସ୍ଥିତି ବିଗିଡ଼ିପାରେ। ଦାମ୍ପତ୍ୟ ଜୀବନ ସୁଖମୟ ହେବ। ପୁରୁଣା ମିତ୍ରଙ୍କଠାରୁ ଲାଭ ମିଳିପାରେ। ନୂଆ ଯାନ କିଣିବା ଯୋଗ ଅଛି।

ବୃଷ: ରାଜନେତାଙ୍କ ପାଇଁ ଦିନଟି ଭଲ। ଧନ ମିଳିପାରେ। ପରିବାର ସଦସ୍ୟଙ୍କ ସହିତ ଖୁସି ସମୟ ଅତିବାହିତ କରିବେ। ଧାର୍ମିକ କାର୍ଯ୍ୟରେ ସାମିଲ ହେବେ। ଭାବିଚିନ୍ତି ନିଷ୍ପତ୍ତି ନିଅନ୍ତୁ।

ମିଥୁନ: ମନୋରଞ୍ଜନରେ ସମୟ ଅତିବାହିତ କରିବେ। ଧୈର୍ଯ୍ୟ ଧରି କାମ କରନ୍ତୁ। ଅବିବାହିତଙ୍କ ପାଇଁ ବିବାହ ପ୍ରସ୍ତାବ ଆସିପାରେ। ନୂଆ ଲୋକଙ୍କ ସଂସ୍ପର୍ଶରେ ଆସିବେ।

କର୍କଟ: ଦୀର୍ଘ ଦିନର ଆଶା ପୂରଣ ହେବ। ଗୁରୁଜନଙ୍କ ଆଶୀର୍ବାଦ ନେଇ ନୂତନ ବ୍ୟବସାୟ ଆରମ୍ଭ କରିପାରନ୍ତି। ମାନସିକ ଶାନ୍ତି ମିଳିବ। ବାପାମାଆଙ୍କ ସ୍ୱାସ୍ଥ୍ୟ ପାଇଁ ଯତ୍ନବାନ ହେବେ।

ସିଂହ: ଯାତ୍ରା ସମୟରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବେ। ପେଟ ଜନିତ ସମସ୍ୟା ଦେଖା ଦେଇପାରେ। ଉଧାର ଟଙ୍କା ଫେରି ପାଇବେ। କୋର୍ଟ କଚେରୀ ମାମଲାରୁ ଦୂରେଇ ରହିବା ଭଲ।

କନ୍ୟା: ଅତ୍ୟଧିକ ଚିନ୍ତାରୁ ସ୍ୱାସ୍ଥ୍ୟ ସମସ୍ୟା ଦେଖାଦେବ। ସଫଳତା ପାଇବା ପାଇଁ କଠିନ ପରିଶ୍ରମ କରିବେ। ବହୁ ଦିନର ଆଶା ପୂରଣ ହେବ। ମହିଳାମାନେ ଘର କାର୍ଯ୍ୟରେ ବ୍ୟସ୍ତ ରହିବେ।

ତୁଳା: କ୍ରୋଧ ଉପରେ ନିୟନ୍ତ୍ରଣ ରଖନ୍ତୁ। ଅଯଥା ଖର୍ଚ୍ଚ ବଢ଼ିପାରେ। ନିଜ ଲୋକ ଶତ୍ରୁ ସାଜି ପାରନ୍ତି। ମାନସିକ ଚିନ୍ତା ବଢ଼ିପାରେ। ଗୁରୁତ୍ୱପୂର୍ଣ୍ଣ ଖବର ପ୍ରାପ୍ତ ହେବ। ଧାର୍ମିକ କାର୍ଯ୍ୟରେ ଯୋଗ ଦେବେ।

ବିଛା: ବୈବାହିକ ଜୀବନ ସୁଖମୟ ହେବ। ବିଦେଶ ଯାତ୍ରା କରିପାରନ୍ତି। ବ୍ୟବସାୟରେ ଉନ୍ନତି ପରିଲକ୍ଷିତ ହେବ। ଅଫିସ୍ କାମରେ ଦୂର ସ୍ଥାନକୁ ଯାତ୍ରା କରିବେ।

ଧନୁ: ଆଜି ଦିନଟି ଆପଣଙ୍କୁ ମିଶ୍ରିତ ଫଳ ପ୍ରଦାନ କରିବ। ଗୁରୁଜନମାନଙ୍କୁ ମାପିଚୁପି କଥା କୁହନ୍ତୁ। ବୈବାହିକ ଜୀବନ ସୁଖମୟ ହେବ। ଆଇନଜୀବୀଙ୍କୁ ସଫଳତା ମିଳିବ।

ମକର: ଘରେ ସୁଖ ସମୃଦ୍ଧି ବୃଦ୍ଧି ପାଇବ। ବାକିରିଆଙ୍କୁ ନୂତନ ନିଯୁକ୍ତି ମିଳିବ। ସନ୍ତାନ ସୁଖ ପ୍ରାପ୍ତ ହେବ। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ। ଆୟ ଓ ବ୍ୟୟ ସମାନ ରହିବ।

କୁମ୍ଭ: ଆଜି ଦିନଟି ଆପଣଙ୍କ ପାଇଁ ବହୁତ ଭଲ। ପୁରୁଣା ବନ୍ଧୁଙ୍କ ସହ ସାକ୍ଷାତଯୋଗ ରହିଛି। କଳା ଓ ସାହିତ୍ୟ ପ୍ରତି ରୁଚି ବଢ଼ିବ। ଚିନ୍ତାଗ୍ରସ୍ତ ରହିବେ। ଜୀବନସାଥୀଙ୍କୁ ମନ କଥା କହିବେ।

ମୀନ: ବୈବାହିକ ଜୀବନ ସୁଖମୟ ହେବ। ବନ୍ଧୁଙ୍କ ସାହାଯ୍ୟ ମିଳିପାରେ। କଳା ଓ ସାହିତ୍ୟ କ୍ଷେତ୍ରରେ ସଫଳତା ମିଳିବ। ସ୍ୱାସ୍ଥ୍ୟ ସମସ୍ୟା ଦେଖା ଦେବ। ଦାନ ଧର୍ମ କରନ୍ତୁ।

ଆଜିର ଇତିହାସ

- ୧୯୧୨- ଟାଇଟାନିକ୍ ହିମଖଣ୍ଡରେ ବାଡ଼େଇ ହେଲା।
- ୧୯୫୮ - ସ୍ପୁଟନିକ୍-୨ ମହାକାଶ ଅଭିଯାନର ୧୬୨ ଦିନ ପରେ ନଷ୍ଟ ହୋଇଗଲା।
- ୨୦୦୬- ଚୀନ୍‌ରେ ପ୍ରଥମ ବିଶ୍ୱ ବୌଦ୍ଧ ସମ୍ମିଳନୀର ଆରମ୍ଭ।
- ୨୦୦୮ - କଲିକତା ଓ ଢାକା ମଧ୍ୟରେ ୧୯୬୫ ପରେ ପ୍ରଥମ ଥର ପାଇଁ ଯାତ୍ରୀ ରେଳସେବା ଆରମ୍ଭ ହେଲା।
- ୨୦୧୦-ପଶ୍ଚିମବଙ୍ଗ, ବିହାର, ଝାଡ଼ଖଣ୍ଡ ଓ ଓଡ଼ିଶାରେ ଆସିଥିବା ତୋଫାନ କାରଣରୁ ୧୨୩ ଲୋକଙ୍କ ମୃତ୍ୟୁ।

ଆଜି ଆସିଥିଲେ

ବାବାସାହେବ ଆମ୍ବେଦକର

ଆଜି ହେଉଛି ଭାରତୀୟ ସମ୍ବିଧାନର ପ୍ରଣେତା ଡକ୍ଟର ଭୀମରାଓ ରାମଜୀ ଆମ୍ବେଦକରଙ୍କ ଜୟନ୍ତୀ। ଡ. ଭୀମରାଓ ଆମ୍ବେଦକର ବାବା ସାହେବ ଆମ୍ବେଦକର ନାମରେ ଅଧିକ ଲୋକପ୍ରିୟ ଥିଲେ। ବାବାସାହେବଙ୍କ ଜନ୍ମ ମଧ୍ୟପ୍ରଦେଶର ମହୁ ଅଞ୍ଚଳରେ ଏକ ମରାଠୀ ପରିବାରରେ ୧୮୯୧ ମସିହା ଆଜିର ଦିନରେ ହୋଇଥିଲା। ତାଙ୍କ ପିତାଙ୍କ ନାମ ରାମଜୀ ମାଲୋଜି ସାକପାଲ ଓ ମାତାଙ୍କ ନାମ ଥିଲା ଭୀମାବାଈ। ଆମ୍ବେଦକର ମହାର ଜାତିର ଥିଲେ। ଏହି ଜାତିର ଲୋକମାନେ ସମାଜରେ ଅଛୁଆଁ ବର୍ଗରେ ବିବେଚିତ ହୋଇଥିଲେ ଏବଂ ସେମାନଙ୍କ ପ୍ରତି ଭେଦଭାବ କରାଯାଉଥିଲା। ଦରିଦ୍ର ଓ ଅଛୁଆଁ ଜାତିର ହୋଇଥିବାରୁ ସେ ଶୈଶବରୁ ସାମାଜିକ-ଆର୍ଥିକ ପକ୍ଷପାତର ସମ୍ମୁଖୀନ ହୋଇଥିଲେ। ସ୍କୁଲରେ ଉଚ୍ଚ ଜାତିର ସହପାଠୀଙ୍କଠାରୁ ତାଙ୍କୁ ଦୂରରେ ବସିବାକୁ ପଡୁଥିଲା। ୧୮୯୭ରେ ତାଙ୍କ ପରିବାର ମୁମ୍ବାଇ ଚାଲିଆସିଥିଲା। ସେଠାରେ ଥିବା ଏଲଫିନଷ୍ଟନ୍ ହାଇସ୍କୁଲରେ ଏକମାତ୍ର ଦଳିତ ଛାତ୍ର ଭାବେ ଆମ୍ବେଦକର ଯୋଗ ଦେଇଥିଲେ। ଏହାପରେ ଏଲଫିନଷ୍ଟନ୍ କଲେଜରୁ ସ୍ନାତକ ହାସଲ କରି ଉଚ୍ଚ ଶିକ୍ଷା ପାଇଁ ବିଦେଶ ଯାଇଥିଲେ। ଆମ୍ବେଦକର ବିଦେଶରୁ ଅର୍ଥନୀତିରେ ପିଏଚ୍.ଡି ହାସଲ କରିଥିବା ପ୍ରଥମ ଭାରତୀୟ। ୧୯୧୭ରେ ସେ ଭାରତ ଫେରି ସିଡେନହମ୍ କଲେଜରେ ପ୍ରଫେସର ଭାବେ ଯୋଗ ଦେଇଥିଲେ। ସେଠାରେ ଉଚ୍ଚ ଶିକ୍ଷିତ ଅଧ୍ୟାପକଙ୍କ ଦ୍ୱାରା ପ୍ରଭେଦର ଶିକାର ହୋଇ ସେ ଅଧ୍ୟାପନା ବୃତ୍ତି ଛାଡ଼ି ଓକିଲାତି କଲେ। ଏହି ସମୟରେ ସେ ଦଳିତଙ୍କ ଅଧିକାର ପାଇଁ ଆନ୍ଦୋଳନ ଆରମ୍ଭ କରିଥିଲେ। ୧୯୨୦ରେ ଏକ ସାପ୍ତାହିକ ମରାଠୀ ଖବରକାଗଜ ଆରମ୍ଭ କରି ଜାତିଭେଦର କଡ଼ା ସମାଲୋଚନା କରିବା ସହିତ ବୈଷମ୍ୟ ବିରୋଧରେ ଲଢ଼ିବା ପାଇଁ ଆହ୍ୱାନ କରି ନିଷ୍ପେଷିତ ବର୍ଗର ପ୍ରତିନିଧି ସାଜିଥିଲେ। ଜଣେ ମେଧାବୀ ଛାତ୍ର ଭାବେ ସେ ଦେଶ ବିଦେଶର ଅନେକ ବିଶ୍ୱବିଦ୍ୟାଳୟରୁ ପ୍ରାୟ ୩୨ଟି ଡିଗ୍ରୀ ହାସଲ କରିଥିଲେ। ସ୍ୱାଧୀନତା ପରେ ସମ୍ବିଧାନ କାର୍ଯ୍ୟକାରୀ ସମିତିର ସେ ଅଧ୍ୟକ୍ଷ ହୋଇଥିଲେ। ତାଙ୍କର ତତ୍ତ୍ୱାବଧାନରେ ପ୍ରସ୍ତୁତ ବିଶ୍ୱର ସର୍ବବୃହତ୍ ଲିଖିତ ଭାରତୀୟ ସମ୍ବିଧାନ ୧୯୫୦ ମସିହା ଜାନୁଆରୀ ୨୬ ତାରିଖରୁ ଲାଗୁ କରାଯାଇଥିଲା। ସ୍ୱାଧୀନ ଭାରତରେ ସେ ପ୍ରଥମ ଆଇନ ମନ୍ତ୍ରୀ ହୋଇଥିଲେ। ଦଳିତ ସମ୍ପ୍ରଦାୟର ଉନ୍ନତି ପାଇଁ ସେ ନିରନ୍ତର ଉଦ୍ୟମ କରିଥିଲେ। ଭାରତୀୟ ସମ୍ବିଧାନରେ ସଂରକ୍ଷଣ ବ୍ୟବସ୍ଥା ଅନ୍ତର୍ଭୁକ୍ତ କରିବାରେ ବାବାସାହେବ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ। ୬ ଡିସେମ୍ବର, ୧୯୫୬ ରେ ବାବାସାହେବଙ୍କର ଦେହାନ୍ତ ହୋଇଥିଲା।

ମହାବତାର

ଦୀପିକାଙ୍କ ସ୍ଥାନ ନେଲେ ଶ୍ରଦ୍ଧା



ଅନେକ ଦିନରୁ ଦର୍ଶକେ 'ମହାବତାର' ଫିଲ୍ମକୁ ଅପେକ୍ଷା କରିଛନ୍ତି। ଏହି ଫିଲ୍ମ ଚଳିତବର୍ଷ ରିଲିଜ୍ ହେବାର ଥିଲା। ଏବେ ଅନିର୍ଦ୍ଦିଷ୍ଟ କାଳ ପାଇଁ ଏହାର ରିଲିଜ୍‌କୁ ଟାଳି ଦିଆଯାଇଛି। ଏହାକୁ ମାଡକେ ଫିଲ୍ମସ୍ ନିର୍ମାଣ କରୁଛି। ଏହି ଚଳଚ୍ଚିତ୍ରରେ ଭିକି କୌଶଲ ଲିଡ୍ ରୋଲରେ ନଜର ଆସିବେ। ସେ ଏଥିରେ ପର୍ଶୁରାମଙ୍କ ଭୂମିକାରେ ନଜର ଆସିବେ। ଏହି ପୌରାଣିକ ଆକ୍ସନ ଫିଲ୍ମଟି ଭିକିଙ୍କ କ୍ୟାରିୟରର ସବୁଠୁ ବଡ଼ ପ୍ରୋଜେକ୍ଟ ହେବ ଏବଂ ଏଥିରେ ସେ ଭିନ୍ନ ଅବତାରରେ ଦର୍ଶକଙ୍କ ମନୋରଞ୍ଜନ କରିବେ। ପୂର୍ବରୁ ଏଥିରେ ଭିକିଙ୍କ ବିପକ୍ଷରେ ଦୀପିକା ପାଦୁକୋନ୍ ନଜର ଆସିବେ ବୋଲି କୁହାଯାଉଥିଲା। ଏବେ କିନ୍ତୁ ଏଥିରେ ଦୀପିକାଙ୍କ ସ୍ଥାନ ଶ୍ରଦ୍ଧା କପୁର ନେଇଥିବା ଚର୍ଚ୍ଚା ହେଉଛି। ଫିଲ୍ମର ନିର୍ଦ୍ଦେଶକ ଓ ପ୍ରଯୋଜକ ଏନେଇ ଶ୍ରଦ୍ଧାଙ୍କ ସହ ଆଲୋଚନା କରୁଛନ୍ତି। ତେବେ ଏହି ଫିଲ୍ମ ପାଇଁ ଟିମ୍ ଏଭଳି ଜଣେ ନାୟିକାଙ୍କ ତଲାସରେ ଥିଲା ଯାହାଙ୍କର ଷ୍ଟାର୍ ଭାଲ୍ୟୁ ଥିବା ସହ ଦମଦାର ଅଭିନୟ ଦକ୍ଷତା ଥିବ। ଏଥିପାଇଁ ଶ୍ରଦ୍ଧା ହିଁ ପୂରା ଫିଟ୍ ବୋଲି ଟିମ୍ ଅନୁଭବ କରିଥିଲା। ତେବେ 'ମହାବତାର' ମାଧ୍ୟମରେ ଶ୍ରଦ୍ଧା ଓ ଭିକି ପ୍ରଥମ ଥର ପାଇଁ ବଡ଼ ପରଦାରେ ଏକାଠି ନଜର ଆସିବେ। ଫିଲ୍ମର ସୁଟିଂ ଜୁନ୍ ମାସ ପରେ ଆରମ୍ଭ ହୋଇପାରେ ବୋଲି କୁହାଯାଉଛି। ଏହା ୨୦୨୭ରେ ପରଦାକୁ ଆସିବ।

ଓଡ଼ିଆ ନୂଆବର୍ଷ

ପଣା ସଂକ୍ରାନ୍ତି ବା ମହାବିଷୁବ ସଂକ୍ରାନ୍ତିକୁ ଓଡ଼ିଆ ନବ ବର୍ଷ ଭାବରେ ପାଳନ କରାଯାଏ। ପୃଥିବୀର କ୍ରାନ୍ତି ପଥକୁ ୧୨ ଭାଗ ବା ୧୨ ମାସ କିମ୍ବା ୧୨ ରାଶିରେ ବିଭକ୍ତ କରାଯାଇଥାଏ। ଏଣୁ ବୈଶାଖ ମାସ ବା ମେଷ ସଂକ୍ରାନ୍ତିଠାରୁ ନୂତନ ବର୍ଷର ଆରମ୍ଭ ହୋଇଥାଏ। ଏହିଦିନ ସୂର୍ଯ୍ୟ ବିଷୁବ ରେଖା ଉପରେ ଥିବାରୁ ଏହାକୁ ବିଷୁବ ସଂକ୍ରାନ୍ତି ବୋଲି ମଧ୍ୟ କୁହାଯାଏ। ପଣା ସଂକ୍ରାନ୍ତି ଅବସରରେ ନୂତନ ପଞ୍ଜିକା ଓଡ଼ିଶାରେ ଲାଗୁ ହେଉଥିବାରୁ ଏହାକୁ ଓଡ଼ିଆ ନବବର୍ଷ ଭାବେ ପାଳନ କରାଯାଉଛି। ଏହିଦିନ ଠାରୁ ସୂର୍ଯ୍ୟଙ୍କ ବିଷୁବରେଖା ଆଡ଼କୁ ଉତ୍ତରାୟଣ ଗତି ଆରମ୍ଭ ହୁଏ। ସୂର୍ଯ୍ୟଙ୍କର ରୌଦ୍ରତାପର ପ୍ରଚଣ୍ଡ ପ୍ରଭାବକୁ ପ୍ରଶମିତ କରିବା ପାଇଁ ଓଡ଼ିଆ ପରମ୍ପରାରେ ମା' ବୃନ୍ଦାବତୀ (ତୁଳସୀ)ଙ୍କ ଉପରେ ଛାମୁଡ଼ିଆ କରାହୁଏ। ଏକ ଛୋଟ ଘଡ଼ା ବା ଠେକିରେ ପଣା ରଖି ବଉଁଶରେ ବାନ୍ଧି ଦିଆଯାଏ। ଏଥିରେ ଛୋଟ କଣାଟିଏ କରାଯାଇ ବୃନ୍ଦାବତୀଙ୍କ ପାଖରେ ପାଣି ଲଗାଯାଏ। ଏହାକୁ ବସୁନ୍ଧରା ଠେକି କୁହାଯାଏ। ଜଳରା ମୂଳେ ଛତୁଆ ଓ ପଣା ଭୋଗ ହୋଇଥାଏ। ଏହି ଦିନର ଆଉ ଏକ ବିଶେଷତ୍ୱ ହେଉଛି, ଏହି ଦିନ ପ୍ରଭୁ ହନୁମାନ ଜନ୍ମ ହୋଇଥିଲେ। ତେଣୁ ଏହି ଦିନକୁ ହନୁମାନ ଜୟନ୍ତୀ ଭାବେ ମଧ୍ୟ ପାଳନ କରାଯାଏ। ହନୁମାନଙ୍କ ଉପାସନା ସହ ଭକ୍ତମାନେ ହନୁମାନ ଚାଳିଶା ପାଠ କରନ୍ତି। ପଣା ସଂକ୍ରାନ୍ତି ଦିନ ପଡ଼ିଶା, ବନ୍ଧୁବାନ୍ଧବ ଓ ବ୍ରାହ୍ମଣମାନଙ୍କୁ ପଣା ଦିଆଯାଏ। ବେଲ, ଆମ୍ବ, ଗୁଡ଼, ନଡ଼ିଆ ତଥା ବିଭିନ୍ନ ଫଳ ଆଦି ପକାଇ ପଣା ପ୍ରସ୍ତୁତ କରାଯାଏ। ଠାକୁରଙ୍କ ପାଖରେ ପଣା ଭୋଗ ଲାଗିବା ପରେ ସମସ୍ତେ ଏହାକୁ ପିଇଥାନ୍ତି। ପୁରାଣରେ ମଧ୍ୟ ମହାବିଷୁବ ସଂକ୍ରାନ୍ତି ଓ ହନୁମାନ ଜୟନ୍ତୀର ବିଶେଷ ମହତ୍ତ୍ୱ ରହିଛି। ସହରରେ ପାରମ୍ପରିକ ଜାଗା ଆଖଡ଼ାରେ ହନୁମାନ ଇଷ୍ଟଦେବ ରୂପେ ପୂଜା ପାଉଥିବାରୁ ଏଠାରେ ହନୁମାନ ଜୟନ୍ତୀକୁ ବେଶ୍ ଉତ୍ସାହର ସହ ପାଳନ କରାଯାଏ। ଜାଗା ଆଖଡ଼ାଗୁଡ଼ିକରେ କ୍ଷୀରି, ଖେଚୁଡ଼ି, ରାବିଡ଼ି ଓ ପଣା ସହ ଛତୁଆକୁ ଭୋଗ କରାଯାଇ ସମସ୍ତଙ୍କୁ ବଣ୍ଟନ କରାଯାଏ। ଓଡ଼ିଶାର ବିଭିନ୍ନ ସ୍ଥାନ ଓ ଦେବାଳୟରେ ମଧ୍ୟ ଏହିଦିନ ପଣା ବଣ୍ଟନ କରାଯାଇଥାଏ। ଦକ୍ଷିଣ ଓଡ଼ିଶାରେ ଏକ ମାସ ଧରି ଚାଲିଥିବା ଦଣ୍ଡ ନାଚର ଅନ୍ତ ଭାବେ ଏହି ଦିନ ମେରୁ ଯାତ ପାଳନ କରାଯାଏ। ପଣା ସଂକ୍ରାନ୍ତି ପାଇଁ ପୁରୀର ଶ୍ରୀମନ୍ଦିରରେ ସ୍ୱତନ୍ତ୍ର ନୀତି ଅନୁଷ୍ଠିତ ହୋଇଥାଏ। ଶ୍ରୀମନ୍ଦିରରେ ସକାଳ ଧୂପ ସରିବା ପରେ ଦକ୍ଷିଣ ଘରେ ଥିବା ଶ୍ରୀ ହନୁମାନଙ୍କୁ ରତ୍ନ ସିଂହାସନକୁ ଅଣାଯାଇଥାଏ। ତା'ପରେ ପୂଜାପଣ୍ଡା ସେବାୟତଙ୍କ ଦ୍ୱାରା ଅଜ୍ଞାମାଳ ପ୍ରଦାନ କରାଯାଏ। ମହାବିଷୁବ ସଂକ୍ରାନ୍ତିରେ ଘଟଗାଁ ମା' ତାରିଣୀଙ୍କ ଚଇତି ପର୍ବ ପାଳିତ ହୁଏ। ପଣା ସଂକ୍ରାନ୍ତି ଦିନଠାରୁ ବୃକ୍ଷଲତା ଏବଂ ଜୀବଜନ୍ତୁଙ୍କୁ ଜଳ ପ୍ରଦାନ କରାଯାଉଥିବାରୁ ଏହି ସଂକ୍ରାନ୍ତିର ଅନ୍ୟ ନାମ ଜଳସଂକ୍ରାନ୍ତି। ବିଭିନ୍ନ ସ୍ଥାନରେ ଜଳଛତ୍ର ଖୋଲାଯାଇ ଲୋକଙ୍କୁ ମାଗଣାରେ ଥଣ୍ଡା ପାଣି ଯୋଗାଇ ଦିଆଯାଏ। ଏହି ଦିନଠାରୁ ଗଛରେ ଜଳଦାନ କରାଯିବା ସହ ପୂର୍ବଜଙ୍କ ସମାଧି ଉପରେ ମଧ୍ୟ ଜଳଦାନ କରାଯାଏ। ଆଉ କେତେକ ଘର ସାମ୍ନାରେ ଜୀବଜନ୍ତୁଙ୍କ ପାଇଁ ଜଳଦାନର ବ୍ୟବସ୍ଥା କରିଥାନ୍ତି। ଏହିଦିନ ପବିତ୍ର ଝାମୁ ବ୍ରତର ଉଦ୍‌ଯାପନ କରାଯାଏ। ଯେଉଁମାନେ ଏହି ବ୍ରତ ପାଳନ କରନ୍ତି ତାଙ୍କୁ ପାଟୁଆ ବୋଲି କୁହାଯାଏ। ବ୍ରତ ଉଦ୍‌ଯାପନ ଦିନ ବ୍ରତଧାରୀ କଣ୍ଟା ବା ଜଳନ୍ତା ଅଗ୍ନିରେ ଚାଲନ୍ତି। ମହା ବିଷୁବ ସଂକ୍ରାନ୍ତି ଓଡ଼ିଶାର ବିଶିଷ୍ଟ ଲୋକ ପର୍ବ। ପ୍ରଚଣ୍ଡ ରୌଦ୍ର ତାପରୁ ଜନଜୀବନକୁ ଚଳଚଞ୍ଚଳ ରଖିବା ସହିତ ଆମୋଦ ପ୍ରଦାନ କରିବାରେ ଏହାର ସ୍ୱତନ୍ତ୍ରତା ରହିଛି।

ଗଛର ସ୍ମାର୍ଟ ସୁରକ୍ଷା

ବର୍ତ୍ତମାନ ଦିନକୁ ଦିନ ବାୟୁମଣ୍ଡଳର ତାପମାତ୍ରା ବୃଦ୍ଧି ପାଇବାରେ ଲାଗିଛି। ପ୍ରଚଣ୍ଡ ସୂର୍ଯ୍ୟକିରଣ, ଉତ୍ତପ୍ତ ବାୟୁ ପ୍ରବାହ ଯୋଗୁଁ ମାଟି ଶୁଷ୍କ ହେବା ସହ ଏହାର ପ୍ରଭାବ ଗଛ ଉପରେ ପଡ଼ିଥାଏ। ଗଛ ଲତା ଝାଉଁଳି ପଡ଼ନ୍ତି। ଅଧିକାଂଶ ଫସଲରେ ଅଧିକ ଜଳସେଚନ କରିବାକୁ ଗୁରୁତ୍ୱ ଦିଅନ୍ତି। ତେବେ ଫସଲରେ ଜଳସେଚନ ସହିତ ସ୍ମାର୍ଟ ଉପାୟରେ ଗଛକୁ ସୁରକ୍ଷା ଦେଇ ପାରିବେ।

ସର୍ବଦା ସକାଳ କିମ୍ବା ସନ୍ଧ୍ୟାରେ ଫସଲରେ ପାଣି ଦେବା ଉଚିତ। ଗଛକୁ ସୁରକ୍ଷା ଦେବାକୁ ସେଡନେଟ୍ କିମ୍ବା କପଡ଼ା ବ୍ୟବହାର କରି ପାରିବେ। ଏହା ଗଛକୁ ସିଧାସଳଖ ସୂର୍ଯ୍ୟକିରଣ ପଡ଼ିବାକୁ ଦିଏ ନାହିଁ। ସେହିପରି ମାଟିର ଆର୍ଦ୍ରତା ଓ ଜଳଧାରଣ କ୍ଷମତା ବଜାୟ ରଖିବା ପାଇଁ ସଢ଼ା ଗୋବର ଖତ/କମ୍ପୋଷ୍ଟ ଖତ/କୋକୋପିଟ୍, ଶୁଖିଲା ପତ୍ର କିମ୍ବା କିଆରି ଖତ ପ୍ରୟୋଗ କରି ଗଛ ମୂଳକୁ ଥଣ୍ଡା ପ୍ରଦାନ କରିପାରିବେ। ସପ୍ତାହକୁ ଥରେ ହାଲୁକା ଖତ ପ୍ରୟୋଗ ଜରୁରି। ଫସଲର ଦୁଇ ଧାଡ଼ି ମଝିରେ ଜୈବ ଆଚ୍ଛାଦନ କରନ୍ତୁ। ଡ୍ରିପ୍ ଇରିଗେସନ ପଦ୍ଧତିରେ ଜଳସେଚନ କରିବା ଭଲ। ଫସଲରେ କୌଣସି କୀଟନାଶକ ଓ ତୃଣନାଶକ ଖରାବେଳେ ପ୍ରୟୋଗ କରନ୍ତୁ ନାହିଁ। କୁଣ୍ଡରେ ଦୈନିକ ଦୁଇ ଥର ଜଳସେଚନ କରିବା ଭଲ। କୁଣ୍ଡକୁ ସିମେଣ୍ଟ ଚଟାଣରେ ନ ରଖି ଥରମୋକୁଲ, ବାଉଁଶ କାଠି ଆଦି ଉପରେ ରଖିବା ଆବଶ୍ୟକ।

ଖରାଦିନିଆ ଫୁଲ ଚାଷ



ଗ୍ରୀଷ୍ମ ଋତୁରେ ବଗିଚାରେ ରଙ୍ଗ ବେରଙ୍ଗର ଫୁଲ ଫୁଟିବା କାଠିକର ପାଠ। ହେଲେ ଏମିତି କିଛି ଫୁଲ ଗଛ ରହିଛି ଯାହା ଅଧିକ ତାପମାତ୍ରା ବି ସହିପାରେ। ଏହି ଗଛର ଠିକ୍ ଭାବେ ଯତ୍ନ ନେଲେ ଅଧିକ ଫୁଲ ଫୁଟିପାରେ।

ମଧୁମାଳତୀ ଗଛ ବୃଦ୍ଧି ପାଇଁ ସୂର୍ଯ୍ୟକିରଣ ଅତ୍ୟନ୍ତ ଜରୁରି। ଛାତ, ଗେଟ୍ କିମ୍ବା ଉଚ୍ଚାସ୍ଥାନରେ ମଧୁମାଳତୀ ଗଛ ଲଗାଇ ନିୟମିତ ହାଲୁକା ଜଳସେଚନ କରି ପାରିବେ। ମନ୍ଦାର ଗଛ ଲଗାଇବା ପାଇଁ ଏବେ ଉପଯୁକ୍ତ ସମୟ। ଗଛକୁ ସୁରକ୍ଷା ଦେବାକୁ ଗଛ ମୂଳରେ ଅଳ୍ପ ଜୈବିକ ଖତ ଦେବା ସହ ମଲଚିଂ କରି ପାରିବେ। ମଲଚିଂ ପାଇଁ ଶୁଖିଲା ପତ୍ର, ଫୁଲ, ଘାସ ଆଦିକୁ ମୋଟା ପରସ୍ତ କରି ବିଛାଇବା ଦ୍ୱାରା ଏହା ମାଟିର ତାପମାତ୍ରାକୁ ସ୍ଥିର ରଖେ। ଅନାବନା ଘାସ ଉଠିବାକୁ ଦିଏ ନାହିଁ। ଫୁଲ ଫୁଟିଥାଏ। ସେହିପରି ଅପରାଜିତା ଗଛରେ ହାଲୁକା ଜଳ ସେଚନ ଦ୍ୱାରା ଅଧିକ ଫୁଲ ଫୁଟିଥାଏ। ଏହା ସହ ଏବେ ଗେଣ୍ଡୁ, କନିଅର, ମଲ୍ଲୀ, ଜିନିଆ, ସୂର୍ଯ୍ୟମୁଖୀ, ସଦାବାହାର ଆଦି ଫୁଲ ଗଛ ଲଗାଇ ପାରିବେ। ଖରାଦିନେ ଫୁଲ ଗଛରେ ଜଳସେଚନ ଓ ରୋଗପୋକ ନିୟନ୍ତ୍ରଣକୁ ଗୁରୁତ୍ୱ ଦେବା ଆବଶ୍ୟକ। ଅଧିକ ସୂର୍ଯ୍ୟକିରଣ ସହି ପାରୁ ନ ଥିବା ଗଛ ପାଇଁ ଅସ୍ଥାୟୀ ଛାଇର ବନ୍ଦୋବସ୍ତ କରିବା ଆବଶ୍ୟକ। ଗଛରୁ ସମୟେ ସମୟେ ଶୁଖିଲା ଫୁଲ ଓ ପତ୍ରକୁ ହଟାଇବା ଦ୍ୱାରା ନୂଆ ଫୁଲ ଫୁଟିଥାଏ।

କୃଷି ପାଣିପାଗ

ଏ ସପ୍ତାହ ପାଇଁ କେତେକ ପରାମର୍ଶ

- ମୁଗ, ବିରି, ଚିନାବାଦାମ ଫସଲ ଅମଳ ଉପଯୋଗୀ ହୋଇଥିଲେ ଅମଳ କରି ସୁରକ୍ଷିତ ସ୍ଥାନରେ ରଖନ୍ତୁ।
- ଭେଣ୍ଡିଫସଲରେ ଜଉପୋକ, ପତ୍ରଡିଆଁପୋକ ଆଦି ଲାଗିବାର ସମ୍ଭାବନା ରହିଛି। ଏହି ପୋକର ପରିଚାଳନା ପାଇଁ ପ୍ରାଥମିକ ଅବସ୍ଥାରେ ଏକର ପ୍ରତି ୬୦୦ମିଲି ନିମ୍ବଜାତୀୟ କୀଟନାଶକ ୧୫୦୦ପିପିଏମ୍‌କୁ ୨୦୦ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ।
- କଖାରୁଜାତୀୟ ପରିବାରେ ଫଳମାଛିର ପରିଚାଳନା ପାଇଁ ୪ ଲିଟର ପାଣିରେ ୪୦୦ ଗ୍ରାମ ଗୁଡ଼ ଓ ୮ ମିଲି ମାଲାଥିଅନ ମିଶାଇ ବିଷ ଟୋପ ପ୍ରସ୍ତୁତ କରି ଏହାକୁ ଏକ ଏକର ଫସଲରେ ୮୦ଟି ସ୍ଥାନରେ ଛୋଟ ପାତ୍ରରେ ରଖି ଗଛ ମୂଳରେ ରଖନ୍ତୁ। ଏହାଦ୍ୱାରା ଫଳମାଛିଗୁଡ଼ିକ ବିଷ ଟୋପ ପ୍ରତି ଆକୃଷ୍ଟ ହୋଇ ଆସି ସେଥିରେ ପଡ଼ି ମରିଯିବେ।

ସବୁଜ ଗୃହରେ କାକୁଡ଼ି ଚାଷ

ଅଧୁନା ଚାଷୀ ପାରମ୍ପରିକ ଚାଷ ବଦଳରେ ଆଧୁନିକ ପ୍ରଣାଳୀର ଚାଷକାର୍ଯ୍ୟକୁ ଗୁରୁତ୍ୱ ଦେଉଛନ୍ତି। ଅତ୍ୟାଧୁନିକ ପ୍ରଣାଳୀରେ ଚାଷ କରି ରାଜସ୍ଥାନ, ଉଦୟପୁର ଜିଲ୍ଲା ଅନ୍ତର୍ଗତ ଖେଡ଼ା ଗାଁର ଲକ୍ଷ୍ମୀ ଲାଲ୍ ଜନାଥ ସ୍ୱତନ୍ତ୍ର ପରିଚୟ ଗଢ଼ିଛନ୍ତି। ଲକ୍ଷ୍ମୀ ସବୁଜ ଗୃହ (ଗ୍ରୀନ୍‌ହାଉସ୍)ରେ କାକୁଡ଼ି ଚାଷ କରି ଲାଭାନ୍ୱିତ ହେବା ସହ ସ୍ଥାନୀୟ ଅଞ୍ଚଳର ଚାଷୀଙ୍କ ପାଇଁ ଉଦାହରଣ ସୃଷ୍ଟି କରିଛନ୍ତି।

ପ୍ରଥମେ ଲକ୍ଷ୍ମୀ ପାରମ୍ପରିକ ପ୍ରଣାଳୀରେ ଚାଷ କରୁଥିଲେ। ଏଥିରେ ଅଧିକ ଶ୍ରମ ସାଙ୍ଗକୁ ଖର୍ଚ୍ଚ ବଢୁଥିଲା। ଅମଳ କମ୍ ହେଉଥିଲା। ପ୍ରାୟତଃ ଜଳବାୟୁ ପରିବର୍ତ୍ତନ ଯୋଗୁଁ ଚାଷକାର୍ଯ୍ୟରେ ତାଙ୍କୁ ଅଧିକ କ୍ଷତି ମଧ୍ୟ ସହିବାକୁ ପଡୁଥିଲା। ତେଣୁ ସେ ଜାତୀୟ ଉଦ୍ୟାନ କୃଷି ମିଶନ ଅଧୀନରେ ସବୁଜ ଗୃହ ସେଟ୍‌ଅପ୍ କରି କାକୁଡ଼ି ଚାଷ ଆରମ୍ଭ କଲେ। କୃଷି ବିଶେଷଜ୍ଞଙ୍କ ମାର୍ଗଦର୍ଶନରେ ଚାଷକାମକୁ ସଠିକ୍ ପରିଚାଳନା କରିଥିଲେ। ସାଧାରଣତଃ ସବୁଜ ଗୃହରେ ନିୟନ୍ତ୍ରିତ ବାତାବରଣ ସହ ଆଧୁନିକ ପଦ୍ଧତିରେ ଚାଷ କରାଯାଇଥାଏ। ଏହାଦ୍ୱାରା ତାପମାତ୍ରା, ଆର୍ଦ୍ରତା ଏବଂ ଆଲୋକକୁ ନିୟନ୍ତ୍ରଣ କରି ଉତ୍ତମ ଅମଳ ମିଳିପାରେ। ଏହି କୌଶଳରେ ସୂକ୍ଷ୍ମ ଜଳ ସେଚନ ପଦ୍ଧତିରେ ବୁନ୍ଦା ବୁନ୍ଦା ପାଣି ଉପଯୋଗ ହେଉଥିବାରୁ ଅଧିକ ପାଣି ଅପଚୟ ହୁଏ ନାହିଁ। ରୋଗ ପୋକ ଲାଗିବାର ଆଶଙ୍କା ମଧ୍ୟ ଖୁବ୍ କମ୍ ଥାଏ। ଏହି କୌଶଳରେ ଚାଷ କରିବା ଦ୍ୱାରା ଅଧିକ ଅମଳ ମିଳିପାରେ ବୋଲି ଲକ୍ଷ୍ମୀ କୁହନ୍ତି। ଏହି କାକୁଡ଼ି ଚାଷରୁ ଲକ୍ଷ୍ମୀଙ୍କୁ ପୂର୍ବ ତୁଳନାରେ ଚାରିଗୁଣ ଲାଭ ମିଳୁଛି। ବର୍ତ୍ତମାନ ଲକ୍ଷ୍ମୀ ସ୍ଥାନୀୟ ଅଞ୍ଚଳର ଚାଷୀମାନଙ୍କୁ ସବୁଜଗୃହରେ ଚାଷ କରିବାକୁ ପ୍ରେରଣା ଦେଉଛନ୍ତି।



ସାଇଜ୍ ଗ୍ରେଡର୍ ମେସିନ୍

ଭାରତ ଏକ କୃଷି ପ୍ରଧାନ ଦେଶ। ଏଠାରେ ଅଧିକାଂଶ ଲୋକ ବିଭିନ୍ନ ଚାଷ କାର୍ଯ୍ୟ ଉପରେ ନିର୍ଭରଶୀଳ। ତେବେ ଚାଷକାର୍ଯ୍ୟରେ ଚାଷୀଙ୍କ ଶ୍ରମ ଲାଘବ କରିବାକୁ ଏବେ ବଜାରରେ ଅନେକ ଆଧୁନିକ କୃଷି ଉପକରଣ ମିଳୁଛି। ଏହି କ୍ରମରେ ଫସଲ ଅମଳ ପରେ ଭଲ ଫଳ ଓ ପରିବାକୁ ଅଲଗା କରିବାକୁ ଏକ କୃଷି ଯନ୍ତ୍ର ରହିଛି। ଏହି କୃଷି ଯନ୍ତ୍ରପାତିର ନାଁ ସାଇଜ୍ ଗ୍ରେଡର୍ ମେସିନ୍। କମ୍ ସମୟ ମଧ୍ୟରେ ଏହା ଛୋଟ, ମଧ୍ୟମ ଏବଂ ବଡ଼ଆକାର ଫଳ ଓ ପରିବାକୁ ଚିହ୍ନଟ କରେ। ଚାଷୀମାନେ ଉତ୍ପାଦିତ ଫଳ ଓ ପରିବାକୁ ଏହି ମେସିନ୍‌ରେ ଭର୍ତ୍ତି କରନ୍ତି। ଏହି ମେସିନ୍ ସ୍ୱୟଂଚାଳିତ ଭାବେ ଛୋଟ, ମଧ୍ୟମ ଏବଂ ବଡ଼ ଫଳ ଓ ପରିବାକୁ ସେମାନଙ୍କ ଆକାର ଅନୁସାରେ ସଜାଇ ପୃଥକ୍ କରିଥାଏ। ଏହି ମେସିନ୍‌ରେ ସ୍ୱତନ୍ତ୍ର ସେଟ୍‌ଅପ୍ ଥିବାରୁ ଫଳ ଓ ପରିବାରେ ଆଦୌ ଦାଗ ହୁଏନି। ଯାହାଫଳରେ ଚାଷୀଙ୍କୁ ବଜାରରେ ଉଚିତ ଦରଦାମ ମିଳିପାରେ। ଏହି ମେସିନ୍‌ଟି ଟମାଟୋ, ଆଳୁ, ପିଆଜ, ରସୁଣ, ସେଓ, କମଳା, ଅଁଳା, ଚିକୁ, ଲେମ୍ବୁ ଆଦି ଗୋଲାକାର ଫଳ ବା ପରିବାପାଇଁ ଫଳପ୍ରଦ।

ଉତ୍କଳ ସମାଚାର

ସମ୍ପାଦକୀୟ...

ବୁଧବାର ୧୫ ଏପ୍ରିଲ ୨୦୨୬

ସରସ ରସ :ଓଃ, କି ପିତା !

ସକାଳୁ ଉଠି ମୁହଁ ଧୋଇ ସାରିବା ପରେ ବୋହୂ ଆଣି ବଢ଼େଇ ଦିଏ କଟୁ ରସାୟନର ଗୋଟିଏ ଗ୍ଲାସ ତ୍ରିଫଳା ପାଣି । ଓଃ, କି ପିତା ତା'ର ସ୍ୱାଦ! ଦିନଚର୍ଯ୍ୟା ଆମର ଆରମ୍ଭ ହୁଏ ମିଠା ବଦଳରେ ଏକ ତିକ୍ତ ସ୍ୱାଦର ଅନୁଭୂତିରୁ । କୁଆଡ଼େ ଏ ତିକ୍ତ ରସର ପାନୀୟଟି ରକ୍ତଚାପ ଓ ମଧୁମେହ ରୋଗର ନିବାରକ ଏବଂ ମଳ ନିଷ୍କାସକ । ଆଣ୍ଠୁ ଯନ୍ତ୍ରଣାର ଉପଶମ ପାଇଁ ଘରେ ଅଛି ଦୁଇ ଭିନ୍ନ ଉତ୍ପାଦନକାରୀଙ୍କ ଦ୍ୱାରା ପ୍ରସ୍ତୁତ ଏକ ପ୍ରକାରର ଦୁଇଟି 'ଡାୟକ୍ଲୋଫେନାକ୍' ମଲମ । ଗୋଟିକରେ ମିଶିଛି ପ୍ରଦାହ ସୃଷ୍ଟିକାରୀ ପିପରମିଂଟ । ମଲମ ଲଗାଇବା ପରେ ପୋଡ଼ାଜଳା କରିବାର ଗୁଣଟି ଥିବାରୁ ପତ୍ନୀ କୁହନ୍ତି ପିପରମିଂଟ୍ ମିଶ୍ରିତ ମଲମଟି ଅଧିକ ଭଲ କାମ ଦେଉଛି । ବିନା ପ୍ରଦାହର ମଲମ ବ୍ୟବହାର କରି ଉପଶମ ପାଇବା ବୁଦ୍ଧିମାନର କାର୍ଯ୍ୟ ହେଲେ ମଧ୍ୟ ଆମର ଧାରଣା ଯେ, ଯେଉଁ ଔଷଧ ଯେତେ କଡ଼ା ତାହା ଅଧିକ ଉପକାରୀ । ସାଧା 'ଅମୃତାଞ୍ଜନ'ଠୁ 'ଅମୃତାଞ୍ଜନ ଷ୍ଟ୍ରଙ୍ଗ୍' ଅଧିକ ଭଲ । ଏମିତି ବିଶ୍ୱାସ ଆମର ପିଲା ଦିନରୁ । ପାଠ ଯେତେ କଡ଼ା ହେବ ବୁଦ୍ଧି ସେତେ ଉନ୍ନତ ହେବ । ପଣକିଆ ଖନ୍ଦା ଯିଏ ଯେତେ ଅଧିକ ମନେରଖିବ ଅଙ୍କ ପାଠ ସେତେ ଭଲ ହେବ । ଇତିହାସର ତାରିଖ ଅଧିକ ମନେରହିଲେ ମେଧାଶକ୍ତି ଅଧିକ ଶାଣିତ ହେବ । ଠିକ୍ ସେମିତି ଯେତେସବୁ ଖରାପ ସ୍ୱାଦର ଖାଦ୍ୟ ତାହା ଦେହପାଇଁ କୁଆଡ଼େ ଉପକାରୀ । ସିଙ୍ଗଡ଼ା, ଜିଲିବି, ମିଠେଇ ସ୍ୱାଦିଷ୍ଟ ହେଲେ ମଧ୍ୟ ସ୍ୱାସ୍ଥ୍ୟ ପାଇଁ ଅହିତକର, କିନ୍ତୁ କଲରା, ପିତାଶାଗ, ମେଥିଶାଗ, ନିମ୍ବ କଢ଼, ତ୍ରିଫଳା ଆଦି କଟୁ ସ୍ୱାଦଯୁକ୍ତ ଖାଦ୍ୟ ଦେହପାଇଁ ଭଲ । ସତେ ଯେମିତି ମୁଖକୁ କଷ୍ଟ ନାହିଁ ତ ଶରୀରକୁ ମୁନାଫା ନାହିଁ । କଠିନ ସହଜଠୁ ଭଲ ଓ କଠୋର ନରମଠୁ ଉତ୍ତମ । କିନ୍ତୁ ସମାଜରେ ଚଳିବା ପାଇଁ ଏହାର ବିପରୀତ ସ୍ୱାଦର ଗୁଣଟି ଏକାନ୍ତ ଆବଶ୍ୟକ । କର୍କଶ ବଦଳରେ ନରମ ସ୍ୱଭାବ ଜରୁରି । ଭାବନାରେ, ବ୍ୟବହାରରେ ଓ କଥାବାର୍ତାରେ ମଧୁରତା ଟିକିଏ ପରଷିଦେଲେ ହିଁ ଜୀବନ ମଧୁମୟ ହୋଇଥାଏ । ଜିଭରେ ଲାଗିଥିବା ତିକ୍ତ ସ୍ୱାଦ ଅପରିବର୍ତ୍ତିତ ରହିପାରେ, ମାତ୍ର ଜିଭ ନିଃସୃତ ଶବ୍ଦ ମଧୁର ହେବା ଚାହାନ୍ତି ସମସ୍ତେ । ଆମେ କିନ୍ତୁ ଏପରି କରି ନଥାଉ । ଅନ୍ୟଠାରୁ ମଧୁର ଶବ୍ଦ ଶୁଣିବାର ଇଚ୍ଛା ରଖି ନିଜେ କଟୁ ଶବ୍ଦର ବ୍ୟବହାର କରୁ । ଅର୍ଥାତ୍, ଜୀବନ ମଧୁର କିମ୍ବା ତିକ୍ତ ହେବାପାଇଁ ଆମର ନିଜ ସ୍ୱଭାବ ହିଁ ଦାୟୀ । ଏ ସଂପର୍କରେ ଜଣେ ବ୍ୟକ୍ତି ଥରେ ସାଧୁଙ୍କୁ ପ୍ରଶ୍ନଟିଏ ପଚାରିଲେ । ସାଧୁ ଉତ୍ତର ଦେଲେ, ପ୍ରଥମେ ଗ୍ଲାସେ ପାଣିରେ ଲୁଣ ମୁଠାଏ ପକାଇ ତାକୁ ପିଅ ଏବଂ ସ୍ୱାଦ କିପରି ଲାଗିଲା କୁହ । ଲୋକଟି ମୁହଁ ବିକୃତ କରି ଲୁଣି ଲାଗିବା କଥା କହିଲା । ଏଥର ସାଧୁ କହିଲେ, ସେଇ ମୁଠାଏ ଲୁଣକୁ ପାଖ ଜଳାଶୟରେ ପକାଇ ସେ ପାଣିର ସ୍ୱାଦ ପରୀକ୍ଷା କର । ଏଥର ଲୋକଟି ପାଣି ଲୁଣିଆ ବଦଳରେ ମଧୁର ଲାଗିବା କଥା କହିଲା । ସାଧୁ ବୁଝାଇଦେଲେ, ଆମେ ଆମ ଜୀବନର ସମସ୍ତ ତିକ୍ତ ଅନୁଭୂତିକୁ ଗ୍ଲାସେ ପାଣିରେ ପଡ଼ିଥିବା ଲୁଣ ପରି ମସ୍ତିଷ୍କର ଏକ ସଂକୀର୍ଣ୍ଣ ପରିଧି ମଧ୍ୟରେ ରଖିଦେଉଛେ । ଯଦି ତାକୁ ଜଳାଶୟ ପରି ମସ୍ତିଷ୍କର ଏକ ବିସ୍ତୃତ ପରିସରରେ ହଜାଇ ଦେବା, କୌଣସି କଥା ଆଉ କଟୁ ମନେହେବନି । ସତ୍ୟକୁ ଆମେ କଟୁ ବୋଲି କହିଥାଉ । କଟୁସତ୍ୟ ଏକ ଅପ୍ରିୟ ବାସ୍ତବତା, ଯାହାକୁ ଗ୍ରହଣ କରିନେବା କଷ୍ଟକର, ଠିକ୍ କାହାରି ଜନ୍ମଦିନ ଉତ୍ସବରେ ପହଚିଂ 'ରାମ ନାମ ସତ୍ୟ ହେ' ଆଶୀର୍ବାଦ ଦେବା ପରି । ଜୀବନ, ତା'ର ବିକାଶ ଓ ପରିପ୍ରେକ୍ଷକୁ ବୁଝିବା ପାଇଁ ହେଲେ ସତ୍ୟର କଟୁତାକୁ ସହ୍ୟ କରିବାକୁ ହେବ । ସତ୍ୟର ସ୍ୱାଦ ନିର୍ଭର କରେ ତାକୁ ଶୁଣି ଗ୍ରହଣ କରୁଥିବା ଲୋକଟି ଉପରେ । ଶୁଣିବା ଲୋକ ସତ୍ୟକୁ ଗ୍ରହଣ କରିବାକୁ ପ୍ରସ୍ତୁତ ନଥିଲେ ତାହା କଟୁ ହୋଇଯାଏ । ଆମେ ଏକଦା ଏକ ଚିତ୍ରକଳା ପ୍ରଦର୍ଶନୀରେ ଚୀନ୍ ଦେଶୀୟ ତୈଳଚିତ୍ରଟିଏ ଦେଖିଥିଲୁ । ଚିତ୍ରଟିର ନାଆଁ ଥିଲା 'ଦ ଭିନେଗାର ଟେଷ୍ଟର । ଅମ୍ଳ ରସର ଚାଖୁଣିଆ । ଚିତ୍ରରେ ତିନିଜଣ ବୃଦ୍ଧ, କନଫ୍ୟୁସିଅସ୍, ବୁଦ୍ଧଦେବ ଓ ତାଓବାଦର ପ୍ରବର୍ତ୍ତକ ଲାଓଜି ଏକତ୍ର ଠିଆହୋଇ ସମ୍ମୁଖସ୍ଥ ପାତ୍ରରୁ ଅଙ୍ଗୁଳି ଦ୍ୱାରା ଅମ୍ଳରସର ସ୍ୱାଦ ପରୀକ୍ଷା କରୁଛନ୍ତି । କନଫ୍ୟୁସିଅସଙ୍କ ମୁଖମଣ୍ଡଳ ଅମ୍ଳର କଟୁ ସ୍ୱାଦ ହେତୁ ବିକୃତ ଦେଖାଯାଉଛି । ବୁଦ୍ଧଙ୍କ ମୁହଁରେ ଫୁଟିଉଠୁଛି ତିକ୍ତ ସ୍ୱାଦର ପ୍ରତିକ୍ରିୟା ଏବଂ ଲାଓଜିଙ୍କ ମୁହଁରେ ଅମ୍ଳ ଚାଖିବା ପରେ ଶୋଭା ପାଉଛି ଚେନାଏ ମଧୁର ହସ । ତିନି ଦାର୍ଶନିକଙ୍କର ଏ ତିନି ପ୍ରକାର ଅନୁଭୂତିର ଅର୍ଥ ହେଉଛି, କଟୁ ରସ ନିଜେ ହିଁ ଜୀବନର ସାରାଂଶ ଓ ମୌଳିକ ପ୍ରକୃତିର ପ୍ରତୀକ । କନଫ୍ୟୁସିଅସ ଜୀବନକୁ ଖଟା ସ୍ୱାଦ ପରି ଅନୁଭବ କରନ୍ତି ଯାହା ମନୁଷ୍ୟର ମନୋଭାବକୁ ସଂଶୋଧନ କରିବାର ଆବଶ୍ୟକତାକୁ ଦର୍ଶାଇଥାଏ ଏବଂ ସୂଚାଇ ଦିଏ ଯେ ଜୀବନ ତ୍ରୁଟିପୂର୍ଣ୍ଣ, ତେଣୁ ସ୍ୱାଭାବିକ ଭାବରେ ସ୍ୱାଦ ତାହାର ଖଟା । ବୁଦ୍ଧ ଜୀବନକୁ ଏକ ତିକ୍ତ ଅଭିଜ୍ଞତା ଭାବରେ ଗ୍ରହଣ କରନ୍ତି ଯାହା ଅସୁମାରି ଦୁଃଖ ଓ ଯନ୍ତ୍ରଣାରେ ପରିପୂର୍ଣ୍ଣ । ତେଣୁ ତାଙ୍କ ପାଇଁ ଜୀବନର ସ୍ୱାଦ ଅତ୍ୟନ୍ତ ତିକ୍ତ । ଅପରପକ୍ଷେ ତାଓବାଦ ଜୀବନକୁ ମଧୁର ଓ ମୂଲ୍ୟବାନ ମନେ କରେ ଏବଂ ତାର ସ୍ଥିତାବସ୍ଥାକୁ ସ୍ୱୀକାର କରିନିଏ । ତେଣୁ ଲାଓଜିଙ୍କ ପାଇଁ ଜୀବନର ସ୍ୱାଦ ସର୍ବଦା ମଧୁର । ଏସବୁ ଆଲୋଚନା ସତ୍ତ୍ୱେ ବାସ୍ତବ କଥାଟି ହେଉଛି, ତିକ୍ତ ସ୍ୱାଦ ମଧୁରରେ ରୂପାନ୍ତରିତ ହୁଏ କେବଳ ଗୋଟିଏ ପରିସ୍ଥିତିରେ; ତାହା ହେଉଛି ମଣିଷର ଭୋକ । ଏ ଭୋକ ଖାଲି ପେଟର ନୁହେଁ, ମନର, ଶରୀରର, ଆତ୍ମାର ଓ ବାକି ସମସ୍ତ ଚିରପୋଷିତ ଅଭିଳାଷର । ଅଭୀଷ୍ଟ ଯେତେ କଟୁ ଓ କଷ୍ଟସାଧ୍ୟ ହେଉ, ପାଇବାର ଭୋକ ସ୍ୱାଦକୁ ତା'ର ମିଠା କରିଦିଏ । ଏ ସୃଷ୍ଟି ଏବେ ତାହା ହିଁ ହୋଇ ଯାଇନି କି ? ଜଣେ ବ୍ୟଙ୍ଗ କବି ଦୁନିଆର ସାଂପ୍ରତିକ ସ୍ଥିତିକୁ ନେଇ ବ୍ୟଙ୍ଗ କରିଛନ୍ତି: "ଶହର୍ ମେଁ ନିମ୍ କେ ଦରଖ୍ତ୍ କମ୍ ହୋ ରହେ ହୈ, ଔର୍ ଘରୋଁ ମେଁ କଡ୍ୱାହଟ୍ ବଢ୍ ରହି ହୈ/ଜବାନ୍ ସେ ମିଠାସ୍ କମ୍ ହୋ ରହି ହୈ, ଔର୍ ବଦନ୍ ମେଁ ଶକ୍କର୍ ବଢ୍ ରହି ହୈ..." । ସହରରେ ନିମ୍ବଗଛ କମି ଯାଉଛି, ହେଲେ ଘର ଭିତରେ ତିକ୍ତତା ବଢ଼ିବାରେ ଲାଗିଛି । ମୁହଁରୁ ଦି'ପଦ ମିଠା କଥା ହଜି ଯାଉଛି, ଏଣେ ଶରୀରରେ ଶର୍କରା ବଢ଼ି ଚାଲିଛି । ଆମେ ଏବେ ବୁଝିଗଲୁ ବୋହୂର ପ୍ରାତଃ ପରିବେଷିତ ତ୍ରିଫଳା ପାଣି ତା'ର ସମସ୍ତ ତିକ୍ତତା ସତ୍ତ୍ୱେ ଅକ୍ଳେଶରେ ଗଳାଧଃକରଣ ହୋଇଯାଏ କେମିତି !

ଆସନ୍ତୁ, ନାରୀଙ୍କୁ ସଶକ୍ତ କରିବା !

ଆମ ପ୍ରତିଷ୍ଠାନଗୁଡ଼ିକରେ ସବୁ ନାଗରିକ, ବିଶେଷ କରି ଅଧା ଜନସଂଖ୍ୟାର ଆକାଂକ୍ଷା ପ୍ରତିଫଳିତ ହେବା ଜରୁରି । ଏହା ପ୍ରକୃତରେ ଆମର ଗଣତନ୍ତ୍ରକୁ ଅଧିକ ପ୍ରତିନିଧିତ୍ୱପୂର୍ଣ୍ଣ, ପ୍ରତିକ୍ରିୟାଶୀଳ ଏବଂ ଭବିଷ୍ୟତ ପାଇଁ ପ୍ରସ୍ତୁତ କରିବାର ଏକ ଐତିହାସିକ ସୁଯୋଗ । ଏହି ମୁହୂର୍ତ୍ତ ଆମ ସମସ୍ତଙ୍କର ସାମୂହିକ ପ୍ରୟାସ ନିମନ୍ତେ ଆହ୍ୱାନ କରୁଛି । ଆଉ କିଛି ଦିନ ପରେ, ସମଗ୍ର ଭାରତବର୍ଷ ଉତ୍ସବ ମୁଖର ହୋଇଉଠିବ ଏବଂ ଦେଶର କୋଣ ଅନୁକୋଣରେ ହର୍ଷଉଲ୍ଲାସର ସହ ପାର୍ବଣର ପରିବେଶ ଦେଖିବାକୁ ମିଳିବ । ଆସାମର ଲୋକମାନେ ରଙ୍ଗାଲି ବିହୁ ପାଳନ କରିବାକୁ ଯାଉଥିବା ବେଳେ ଓଡ଼ିଶାବାସୀ ମହାବିଷୁବ ପଣା ସଂକ୍ରାନ୍ତି ପାଳିବେ । ପଶ୍ଚିମବଙ୍ଗରେ ପୋଇଲା ବୈଶାଖ ପାଳନ ସହିତ ବଙ୍ଗୀୟ ନବବର୍ଷର ଶୁଭାରମ୍ଭ ହେବ । କେରଳରେ ପ୍ରବଳ ଉତ୍ସାହ ଓ ଉଦ୍ଦୀପନାର ସହିତ ବିଶୁ ପାଳନ କରାଯିବ । ସେହିପରି ତାମିଲନାଡୁରେ ପୁଥାଣ୍ଡୁ ପାଳିତ ହେବାକୁ ଥିବା ବେଳେ ପଞ୍ଜାବ ଓ ଉତର ଭାରତର ଅନ୍ୟ ପ୍ରାନ୍ତରେ ବୈଶାଖୀ ପାଳନ କରାଯିବ । ଏସବୁ ପର୍ବପର୍ବାଣି ସକାରାତ୍ମକତା ସହିତ ଆଶାର ଏକ ଭାବନା ସୃଷ୍ଟି କରିବ । ଭାରତ ଓ ବିଦେଶରେ ଏସବୁ ପର୍ବପର୍ବାଣି ପାଳନ କରୁଥିବା ସମସ୍ତଙ୍କୁ ମୋର ଶୁଭକାମନା । ଏହି ପବିତ୍ର ପର୍ବପର୍ବାଣି ସମସ୍ତଙ୍କ ଜୀବନରେ ସୁଖ ଓ ସମୃଦ୍ଧି ନେଇ ଆସୁ । ଏହା ସହିତ, ଏପ୍ରିଲ୍ ୧୧ ତାରିଖରେ ଆମେ ମହାତ୍ମା ଫୁଲେଙ୍କ ୨୦୦ତମ ଜନ୍ମ ବାର୍ଷିକୀ ପାଳନ ଆରମ୍ଭ କରିବା ଏବଂ ୧୪ ତାରିଖରେ ସମଗ୍ର ଭାରତ ଆମ୍ବେଦକର ଜୟନ୍ତୀରେ ଡକ୍ଟର ବାବାସାହେବ ଆମ୍ବେଦକରଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବ । ଏହି ବିଶେଷ ଅବସରଗୁଡ଼ିକ ସହିତ, ଯେତେବେଳେ ଆମର ହୃଦୟ ଓ ମନରେ ନୂତନ ଜାଗରଣର ଭାବନା ଭରିଯାଇଛି, ସେତିକିବେଳେ ଆମ ଦେଶ ଆଉ ଏକ ଐତିହାସିକ ମୁହୂର୍ତର ଦ୍ୱାରଦେଶରେ ଛିଡ଼ା ହୋଇଛି । ଆମ ଗଣତନ୍ତ୍ରର ଭିତିଭୂମିକୁ ଅଧିକ ସୁଦୃଢ଼ କରିବା ଏବଂ ସମାନତା ଓ ଅନ୍ତର୍ଭୁକ୍ତୀକରଣ ପ୍ରତି ଆମର ସାମୂହିକ ପ୍ରତିବଦ୍ଧତାକୁ ପୁନଃନିଶ୍ଚିତ କରିବା ପାଇଁ ଏହା ଏକ ଶ୍ରେଷ୍ଠ ସୁଯୋଗ । ଆସନ୍ତା ଏପ୍ରିଲ୍ ୧୬ ତାରିଖରେ, ମହିଳା ଆରକ୍ଷଣକୁ ଆଗକୁ ବଢ଼ାଇବା ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ବିଲ୍ ଉପରେ ଆଲୋଚନା ଓ ଏହାକୁ ଗୃହୀତ କରିବା ନିମନ୍ତେ ସଂସଦର ଅଧିବେଶନ ବସିବ । ଏହାକୁ କେବଳ ଏକ ଆଇନଗତ କାର୍ଯ୍ୟ ଭାବରେ ବର୍ଣ୍ଣନା କରିବା ନ୍ୟୂନ ହେବ । ଏହା ଭାରତର କୋଟି କୋଟି ମହିଳାଙ୍କ ଆକାଂକ୍ଷାର ପ୍ରତିବିମ୍ବ । ମହିଳାଙ୍କ ଉନ୍ନତି ହେଲେ ସମାଜର ପ୍ରଗତି ହୋଇପାରିବ । ଏହା ହେଉଛି ସେହି ସିଦ୍ଧାନ୍ତର ସୁଦୃଢ଼ୀକରଣ ଯାହା ଦୀର୍ଘ ସମୟ ଧରି ଆମ ସଭ୍ୟତାଗତ ଭାବନାକୁ ମାର୍ଗଦର୍ଶନ କରି ଆସିଛି । ଭାରତର ଜନସଂଖ୍ୟାର ପ୍ରାୟ ଅଧା ଭାଗ ହେଉଛନ୍ତି ମହିଳା । ଆମ ଦେଶ ଗଠନରେ ସେମାନଙ୍କର ଅବଦାନ ଅତୁଳନୀୟ ତଥା ଅମୂଲ୍ୟ । ଆଜି ଭାରତର ପ୍ରତିଟି କ୍ଷେତ୍ରରେ ମହିଳାମାନେ ଉଲ୍ଲେଖନୀୟ ସଫଳତା ହାସଲ କରୁଥିବାର ଦେଖିବାକୁ ମିଳୁଛି । ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ଠାରୁ ଆରମ୍ଭ କରି ଉଦ୍ୟୋଗ ପର୍ଯ୍ୟନ୍ତ, କ୍ରୀଡ଼ା ଠାରୁ ପ୍ରତିରକ୍ଷା ବାହିନୀ ଏବଂ ସଙ୍ଗୀତ ଠାରୁ କଳା ପର୍ଯ୍ୟନ୍ତ- ସବୁଠି ମହିଳାମାନେ ଭାରତର ପ୍ରଗତିର ଅଗ୍ରଭାଗରେ ରହିଛନ୍ତି । ବିଗତ ବର୍ଷଗୁଡ଼ିକରେ, ମହିଳା ସଶକ୍ତୀକରଣ ପାଇଁ ଏକ ଅନୁକୂଳ ପରିବେଶ ସୃଷ୍ଟି କରିବାକୁ ନିରନ୍ତର ପ୍ରୟାସ କରାଯାଇଛି । ଶିକ୍ଷା କ୍ଷେତ୍ରରେ ସୁଯୋଗ, ଉନ୍ନତ ସ୍ୱାସ୍ଥ୍ୟସେବା, ଆର୍ଥିକ ଅନ୍ତର୍ଭୁକ୍ତୀକରଣ ଏବଂ ମୌଳିକ ସୁବିଧା ସୁଯୋଗର ଉପଲବ୍ଧତା ସାମାଜିକ ଓ ଅର୍ଥନୈତିକ ଜୀବନରେ ମହିଳାମାନଙ୍କ ଭାଗୀଦାରିକୁ ଆହୁରି ସୁଦୃଢ଼ କରିଛି । ଏହା ସତ୍ତ୍ୱେ, ରାଜନୀତି ଓ ବିଧାନପାଳିକା କ୍ଷେତ୍ରରେ ସେମାନଙ୍କର ପ୍ରତିନିଧିତ୍ୱ ସମାଜରେ ସେମାନଙ୍କର ଭୂମିକା ଅନୁସାରେ ସମାନ ହୋଇପାରି ନାହିଁ । ଏହା ବିଶେଷ ଭାବରେ ଦୁର୍ଭାଗ୍ୟଜନକ, କାରଣ ଯେତେବେଳେ ମହିଳାମାନେ ପ୍ରଶାସନ ଏବଂ ନିଷ୍ପତି ଗ୍ରହଣ ପ୍ରକ୍ରିୟାରେ ଅଂଶଗ୍ରହଣ କରନ୍ତି, ସେମାନେ ନିଜ ସହିତ ଏପରି ଅଭିଜ୍ଞତା ଓ ଦୂରଦୃଷ୍ଟି ଆଣିଥାନ୍ତି ଯାହା ସାଧାରଣ ଆଲୋଚନାକୁ ସମୃଦ୍ଧ କରିବା ସହ ଶାସନ ପ୍ରଣାଳୀର ଗୁଣବତାରେ ଉନ୍ନତି ଆଣିଥାଏ । ମହିଳାଙ୍କ ଭାଗୀଦାରି ବଢ଼ାଇବା କେବଳ ପ୍ରତିନିଧିତ୍ୱର ବିଷୟ ନୁହେଁ, ଏହା ଆମ ଗଣତନ୍ତ୍ରକୁ ଅଧିକ ସମ୍ବେଦନଶୀଳ, ସନ୍ତୁଳିତ ଓ ଉତରଦାୟୀ କରିବାର ପ୍ରୟାସ । ମହିଳାଙ୍କ ପାଇଁ ଆରକ୍ଷଣ ବ୍ୟବସ୍ଥା ସହିତ ୨୦୨୯ ଲୋକସଭା ନିର୍ବାଚନ ଏବଂ ଆଗାମୀ ସମୟରେ ବିଭିନ୍ନ ରାଜ୍ୟର ବିଧାନସଭା ନିର୍ବାଚନ କରାଯିବା ଅତ୍ୟନ୍ତ ଜରୁରି । କିଛି ଦଶନ୍ଧି ଧରି, ପୂର୍ବ ସରକାରମାନଙ୍କ ଦ୍ୱାରା ଗଣତାନ୍ତ୍ରିକ ପ୍ରତିଷ୍ଠାନଗୁଡ଼ିକରେ ମହିଳାମାନଙ୍କୁ ଉପଯୁକ୍ତ ସ୍ଥାନ ଦେବା ପାଇଁ ବାରମ୍ବାର ପ୍ରୟାସ କରାଯାଇଛି । କମିଟି ଗଠନ ହୋଇଛି, ଚିଠା ବିଲ୍ ମଧ୍ୟ ପ୍ରସ୍ତୁତ ହୋଇଛି, କିନ୍ତୁ ସେଗୁଡ଼ିକ କେବେ ବାସ୍ତବ କ୍ଷେତ୍ରରେ କାର୍ଯ୍ୟକାରୀ ହୋଇପାରିନାହିଁ । ବିଧାନପାଳିକାଗୁଡ଼ିକରେ ମହିଳାଙ୍କ ପ୍ରତିନିଧିତ୍ୱ ବଢ଼ାଇବା ନେଇ ବ୍ୟାପକ ସହମତି ହାସଲ କରାଯାଇପାରିନାହିଁ । ତେବେ ସେପ୍ଟେମ୍ବର ୨୦୨୩ରେ ସର୍ବସମ୍ମତିକ୍ରମେ ସଂସଦ 'ନାରୀ ଶକ୍ତି ବନ୍ଦନ ଆଇନ'କୁ ଅନୁମୋଦନ କରିଥିଲା । ଏହାକୁ ମୁଁ ମୋ ଜୀବନର ସବୁଠୁ ସ୍ୱତନ୍ତ୍ର ମୁହୂର୍ତ୍ତ ମଧ୍ୟରୁ ଅନ୍ୟତମ ବୋଲି ବିବେଚନା କରିଥାଏ । ମହିଳା ଆରକ୍ଷଣ ସୁନିଶ୍ଚିତ କରିବାର ଏହି ସୁଯୋଗ ଆମ ସମ୍ବିଧାନର ମୂଳ ଭାବନା ସହିତ ଗଭୀର ଭାବରେ ଜଡ଼ିତ । ଆମ ସମ୍ବିଧାନର ନିର୍ମାତାମାନେ ଏପରି ଏକ ସମାଜର ପରିକଳ୍ପନା କରିଥିଲେ ଯେଉଁଠି ସମାନତା କେବଳ ସମ୍ବିଧାନରେ ସୀମିତ ରହିବ ନାହିଁ ବରଂ ଏହାକୁ ବାସ୍ତବ କ୍ଷେତ୍ରରେ ମଧ୍ୟ କାର୍ଯ୍ୟକାରୀ କରାଯାଇପାରିବ । ବିଧାନପାଳିକା ପ୍ରତିଷ୍ଠାନରେ ମହିଳାମାନଙ୍କ ଅଂଶଗ୍ରହଣକୁ ସୁଦୃଢ଼ କରିବା ସେହି ପରିକଳ୍ପନାକୁ ସାକାର କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ । ଏହା ଏପରି ଏକ ସମାଜ ଗଠନ ପ୍ରତି ଆମର ପ୍ରତିବଦ୍ଧତାକୁ ପ୍ରତିଫଳିତ କରିଥାଏ, ଯେଉଁଠାରେ ପ୍ରତ୍ୟେକ ନାଗରିକଙ୍କ ରାଷ୍ଟ୍ରର ଭାଗ୍ୟ ଗଠନରେ ସମାନ ଭୂମିକା ରହିବ । ଏହା ଏପରି ଏକ ମୁହୂର୍ତ ଯାହାକୁ ଆଉ ସ୍ଥଗିତ ରଖାଯାଇପାରିବ ନାହିଁ । ମହିଳା ପ୍ରତିନିଧିତ୍ୱକୁ ଆଗକୁ ବଢ଼ାଇବାରେ ଡେରି କରିବାର ଅର୍ଥ ହେଉଛି, ବାସ୍ତବରେ, ଆମର ଗଣତନ୍ତ୍ରର ଗୁଣବତା ଓ ଅନ୍ତର୍ଭୁକ୍ତୀକରଣକୁ ସୁଦୃଢ଼ କରିବାର ନିଷ୍ପତିକୁ ଟାଳିଦେବା । ଅନେକ ଦଶନ୍ଧି ଧରି, ବିଧାନପାଳିକା ପ୍ରତିଷ୍ଠାନଗୁଡ଼ିକରେ ମହିଳାଙ୍କ ଅଧିକ ଅଂଶଗ୍ରହଣ ଆବଶ୍ୟକତାକୁ ସ୍ୱୀକାର କରି ଆଲୋଚନା ଓ ବିଚାରବିମର୍ଶ ହୋଇଛି । ଏହାକୁ କାର୍ଯ୍ୟରେ ପରିଣତ କରିବାରେ ଆଉ ବିଳମ୍ବ କରାଯିବା ଉଚିତ ହେବ ନାହିଁ । ଏହାକୁ ସ୍ୱୀକାର କରି ସଂଶୋଧନ କରିବାର କ୍ଷମତା ଆମ ପାଖରେ ରହିଛି । ଅଧିକ ବିଳମ୍ବର ଅର୍ଥ ହେଉଛି ପୁରୁଣା ଅସନ୍ତୁଳନକୁ ଆଗକୁ ବଢ଼ାଇବା । ଭାରତ ଏବେ ଆତ୍ମବିଶ୍ୱାସ ସହିତ ସ୍ପଷ୍ଟ ଉଦ୍ଦେଶ୍ୟ ନେଇ ଆଗକୁ ବଢୁଛି । ଆମ ପ୍ରତିଷ୍ଠାନଗୁଡ଼ିକରେ ସବୁ ନାଗରିକ, ବିଶେଷ କରି ଅଧା ଜନସଂଖ୍ୟାର ଆକାଂକ୍ଷା ପ୍ରତିଫଳିତ ହେବା ଜରୁରି । ଏହା ପ୍ରକୃତରେ ଆମର ଗଣତନ୍ତ୍ରକୁ ଅଧିକ ପ୍ରତିନିଧିତ୍ୱପୂର୍ଣ୍ଣ, ପ୍ରତିକ୍ରିୟାଶୀଳ ଏବଂ ଭବିଷ୍ୟତ ପାଇଁ ପ୍ରସ୍ତୁତ କରିବାର ଏକ ଐତିହାସିକ ସୁଯୋଗ । ଏହି ମୁହୂର୍ତ ଆମ ସମସ୍ତଙ୍କର ସାମୂହିକ ପ୍ରୟାସ ନିମନ୍ତେ ଆହ୍ୱାନ କରୁଛି । ଏହା କୌଣସି ନିର୍ଦ୍ଦିଷ୍ଟ ସରକାର, ଦଳ ବା ବ୍ୟକ୍ତିବିଶେଷର ବିଷୟ ନୁହେଁ; ବରଂ ଏହି ପଦକ୍ଷେପର ଗୁରୁତ୍ୱକୁ ସମଗ୍ର ଦେଶ ହୃଦୟଙ୍ଗମ କରି ଏହାର ସଫଳ ରୂପାୟନ ପାଇଁ ଏକଜୁଟ ହେବାର ସମୟ । ଆମର 'ନାରୀ ଶକ୍ତି' ପ୍ରତି ଏହା ହିଁ ହେବ ପ୍ରକୃତ ସମ୍ମାନ । ସେଥିପାଇଁ, ମହିଳା ଆରକ୍ଷଣ ବିଲ୍ ଅନୁମୋଦିତ ହେବା ସମୟରେ ବ୍ୟାପକ ସହମତି ପ୍ରକାଶ ପାଇବା ଆବଶ୍ୟକ ଏବଂ ଏହା ବୃହଦ୍ ଜାତୀୟ ସ୍ୱାର୍ଥ ଦ୍ୱାରା ପରିଚାଳିତ ହେବା ଉଚିତ । ଏଭଳି ସୁଯୋଗ ଆମକୁ ନିଜ ପାଇଁ ନୁହେଁ, ବରଂ ଆଗାମୀ ପିଢ଼ି ପାଇଁ କାର୍ଯ୍ୟ କରିବାକୁ ପ୍ରେରଣା ଦିଏ । ଏହା ଆମକୁ ମନେ ପକାଇଦିଏ ଯେ, ସମୟ ସହିତ ପରିବର୍ତ୍ତିତ ହେବା ଏବଂ ସମସ୍ତଙ୍କୁ ସାମିଲ କରି ଅଧିକ ସମାବେଶୀ ହେବା ମଧ୍ୟରେ ହିଁ ଏକ ଗଣତନ୍ତ୍ରର ପ୍ରକୃତ ଶକ୍ତି ନିହିତ । ଏହି ଐତିହାସିକ ସଂସଦୀୟ ଅଧିବେଶନ ପୂର୍ବରୁ, ମୁଁ ସମସ୍ତ ରାଜନୈତିକ ଦଳର ସାଂସଦମାନଙ୍କୁ ନିବେଦନ କରୁଛି ଯେ, ଭାରତର ମହିଳାମାନଙ୍କ ପାଇଁ ଉଦ୍ଦିଷ୍ଟ ଏହି ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପକୁ ସମସ୍ତେ ମିଳିମିଶି ସମର୍ଥନ କରନ୍ତୁ । ଆସନ୍ତୁ, ଏହି ସୁଯୋଗକୁ ଏକ ଦାୟିତ୍ୱବୋଧ ଏବଂ ନିର୍ଦ୍ଦିଷ୍ଟ ଲକ୍ଷ୍ୟ ସହିତ ଗ୍ରହଣ କରିବା । ଆମେ ଏପରି ଭାବରେ କାର୍ଯ୍ୟ କରିବା, ଯାହା ଆମ ଗଣତନ୍ତ୍ରର ସର୍ବୋଚ୍ଚ ପରମ୍ପରାକୁ ପ୍ରତିଫଳିତ କରିବ । ଭାରତ ସର୍ବଦା ଏହା ପ୍ରମାଣିତ କରିଛି ଯେ, ଯେତେବେଳେ ଜାତୀୟ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଆସେ, ଦେଶ ସମସ୍ତ ମତଭେଦରୁ ଊର୍ଦ୍ଧ୍ୱକୁ ଉଠି ଏକଜୁଟ ହୋଇ କାର୍ଯ୍ୟ କରିଥାଏ । ଏହା ସେହିଭଳି ଏକ ମୁହୂର୍ତ୍ତ । ଆସନ୍ତୁ, ଆମେ ସମସ୍ତେ ମିଳିମିଶି ଆଗକୁ ବଢ଼ିବା ଏବଂ ସାମ୍ବିଧାନିକ ମୂଲ୍ୟବୋଧକୁ ସୁଦୃଢ଼ କରିବା ସହ ଦେଶର ପ୍ରଗତି ପାଇଁ ଆମର 'ନାରୀ ଶକ୍ତି'କୁ ସଶକ୍ତ କରିବା ।

ପ୍ରବାଳର ସ୍ୱାସ୍ଥ୍ୟ କଥା ଓ ଚିନ୍ତା

ପ୍ରବାଳ ଏକ ସାମୁଦ୍ରିକ ଜୀବ; ଯାହା ଅମେରୁଦଣ୍ଡୀ ଜେଲି ମାଛ ଓ ସାଗର ପୁଷ୍ପର ବଂଶଜ । ପ୍ରବାଳର ବିଶେଷତ୍ୱ ହେଲା, ଏହା ଯଦିଓ ପ୍ରାଣୀ ଭାବରେ ପରିଗଣିତ, ବାସ୍ତବରେ ଏହା ସଜୀବ ଉଦ୍ଭିଦ ବା ପ୍ରାଣୀ ଏବଂ ନିର୍ଜୀବ ଖଣିଜ ଦ୍ରବ୍ୟର ଏକ ଜୀବନ୍ତ ସମନ୍ୱୟ । ତେଣୁ ପରସ୍ପର ସହଯୋଗଭିତ୍ତିକ ପରିପୋଷଣ ଓ ପ୍ରଜନନର ଏହା ହେଉଛି ଏକ ଉଲ୍ଲେଖନୀୟ ଉଦାହରଣ । କ୍ଷୁଦ୍ର ପ୍ରବାଳ 'ପଲିପ୍'ଗୁଡ଼ିକ ସମୁଦ୍ର ଶଯ୍ୟାରେ ନିଘଂଚ ଅରଣ୍ୟ ଭଳି ଦିଶନ୍ତି । ଏହାକୁ ପ୍ରବାଳ ପ୍ରାଚୀର ବା ପ୍ରବାଳ ପାହାଡ଼ ବୋଲି ମଧ୍ୟ କୁହାଯାଏ । ସମୁଦ୍ର ଜଳରେ ମଗ୍ନ ପ୍ରବାଳ ପ୍ରାଚୀର ବା ପାହାଡ଼ ଏକ ଅତ୍ୟନ୍ତ ମହତ୍ତ୍ୱପୂର୍ଣ୍ଣ ପରିସଂସ୍ଥା; ପ୍ରାୟ ୪୮.୫ କୋଟି ବର୍ଷ ପୁରୁଣା ବୋଲି ଆକଳନ କରାଯାଇଛି । ଯଦିଓ, ସାଗର ଶଯ୍ୟାର ମାତ୍ର ୨%ରୁ କମ୍ ସ୍ଥାନରେ ଏହାର ଅବସ୍ଥିତି, ୨୫% ସାମୁଦ୍ରିକ ଜୀବଙ୍କ ସକାଶେ ଏହା ଲାଳନପାଳନ, ଭରଣପୋଷଣ, ଆହାର, ବିଚରଣ ଓ ଶରଣ ସ୍ଥଳୀ । 'ପଲିପ'ଗୁଡ଼ିକ ବନ୍ଦ ମୁହାଁ ନଳୀ ସଦୃଶ, ଯହିଁରେ ଥିବା ଏକମାତ୍ର ଦ୍ୱାର ଦେଇ ଭିତରକୁ ଖାଦ୍ୟ ପ୍ରବେଶ କରେ ଓ ବାହାରକୁ ବର୍ଜ୍ୟ ନିଷ୍କାସିତ ହୋଇଥାଏ । 'ପଲିପ'ଗୁଡ଼ିକର ଲମ୍ବ ୧.୫ରୁ ୩୦ ସେଣ୍ଟିମିଟର ପର୍ଯ୍ୟନ୍ତ ଏବଂ ଗୋଲେଇ ମାତ୍ର ୨ରୁ ୬ ମିଲିମିଟର ପର୍ଯ୍ୟନ୍ତ ହୋଇଥାଏ । ଏହାର ତନ୍ତୁରେ ବାସ କରୁଥିବା ଶୈବାଳ ଦ୍ୱାରା ଖାଦ୍ୟ ସଂଶ୍ଳେଷିତ ହୁଏ, ଯାହା 'ପଲିପ୍'ର ଖାଦ୍ୟ ଚାହିଦାର ପ୍ରାୟ ୯୦ ପ୍ରତିଶତ ପୂରଣ କରିଥାଏ । 'ପଲିପ୍'ର ତଳ ଓ ବାହାର ଅଂଶରେ ଖଣିଜ ଦ୍ରବ୍ୟ ଦ୍ୱାରା ଗଠିତ ଏକ ସ୍ୱଚ୍ଛ କଠିନ ଆବରଣ ଥାଏ, ଯାହା ଉଜ୍ଜ୍ୱଳ ଦେଖାଯାଏ । 'ପଲିପ'ଗୁଡ଼ିକ ସ୍ୱଉତ୍ପନ୍ନ କ୍ୟାଲସିଅମ୍ କାର୍ବୋନେଟ୍ ଦ୍ୱାରା କଠିନ ଏବଂ ସେଗୁଡ଼ିକର ଘଂଚ ଅରଣ୍ୟ ଭିତରେ ଅସଂଖ୍ୟ ପ୍ରକୋଷ୍ଠ ତୁଲ୍ୟ ସ୍ଥାନ ରହିଥାଏ, ଯେଉଁଠି ସାମୁଦ୍ରିକ ଜୀବ ବାସ କରନ୍ତି ଓ ଆଶ୍ରୟ ନିଅନ୍ତି । ପ୍ରବାଳର ଗଠନ ପାଇଁ ଉପକୂଳ ଅଗଭୀର, ନିର୍ମଳ, ଆଲୋକିତ ହେବା ଦରକାର । ପବନର ଦିଗ ଓ ବେଗ, ଢେଉର ଗତି ଓ ଶକ୍ତି, ପାଣିର ଉତ୍ତାପ ଓ ଲବଣାଂଶ ମଧ୍ୟ ପ୍ରବାଳ ପ୍ରାଚୀର ବା 'କୋରାଲ୍ ? ରିଫ୍'ର ଆକାର ଓ ସ୍ଥିତି ନିର୍ଦ୍ଧାରଣ କରିଥାଏ । ରଙ୍ଗୀନ ହୋଇ ଝଟକୁ ଥିବାରୁ କେତେକ ଏହାକୁ ପ୍ରବାଳ ସହର ବୋଲି ମଧ୍ୟ କହିଥାନ୍ତି । ପଁାଅଶୀ ପ୍ରକାରର ରଙ୍ଗ ହେଉଛି ପ୍ରବାଳର ବୈଶିଷ୍ଟ୍ୟ । ନାଲି, ନୀଳ, ସବୁଜ, ହଳଦିଆ ଓ ଧୂସର ବର୍ଣ୍ଣର ପ୍ରବାଳ ସମୁଦ୍ର ଶଯ୍ୟାକୁ ଚିତ୍ତାକର୍ଷକ ରୂପ ଦିଅନ୍ତି । ପୃଥିବୀର ଶତାଧିକ ସ୍ଥାନରେ ୨ ଲକ୍ଷ ୮୦ ହଜାର ବର୍ଗ କିଲୋମିଟର ପରିବ୍ୟାପ୍ତ 'କୋରାଲ୍ ରିଫ୍'ମାନ ରହିଛି । ପ୍ରଶାନ୍ତ ମହାସାଗର, ଭାରତ ମହାସାଗର ଓ ଲୋହିତ ସାଗର ଉପକୂଳ ଅଂଚଳରେ ପ୍ରାୟ ୯୨% ପ୍ରବାଳ ପ୍ରାଚୀର ଥିବା ବେଳେ ବଳକା ମାତ୍ର ୮% ଆଟଲାଣ୍ଟିକ ମହାସାଗର ଓ କାରିବୀୟ ସାଗରରେ ଦେଖାଯାଏ । ବିଷୁବ ଓ ଉପ ବିଷୁବ ମଣ୍ଡଳୀୟ ଜଳବାୟୁରେ ଏହାର ପରିମାଣ ଅଧିକ । ଅଷ୍ଟ୍ରେଲିଆ, ଇଣ୍ଡୋନେସିଆ ଓ ଫିଲିପିନ୍ସ ଇତ୍ୟାଦି ଦେଶର ଉପକୂଳ ପ୍ରବାଳ ଦ୍ୱାରା ସର୍ବାଧିକ ପରିପୁଷ୍ଟ । ଅଷ୍ଟ୍ରେଲିଆର ୨୦ ହଜାର ବର୍ଷର ପୁରୁଣା ୨୬୦୦ କିଲୋମିଟର ବ୍ୟାପ୍ତ 'ଦି ଗ୍ରେଟ୍ ବାରିଅର ରିଫ' ହେଉଛି ବିଶ୍ୱର ସର୍ବବୃହତ୍ ଓ ସର୍ବ ପ୍ରସିଦ୍ଧ । ଏକ ଆକଳନ ଅନୁଯାୟୀ ଭାରତରେ ଏହାର ଆୟତନ ୨୩୦୦ ବର୍ଗକିଲୋମିଟରରୁ ଅଧିକ । ମନ୍ନାର, କଚ୍ଛ, ଆଣ୍ଡାମାନ ନିକୋବର, ଲାକ୍ଷାଦ୍ୱୀପ, କୋଲାମ ଓ ରତ୍ନଗିରି ଅଂଚଳର ସମୁଦ୍ରରେ ପ୍ରବାଳ ଦେଖାଯାଏ । ଓଡ଼ିଶା ଉପକୂଳରେ ଏହାର ଉପସ୍ଥିତି ନଗଣ୍ୟ । ବିଶ୍ୱ କୋରାଲ ରିଫ୍ ନିରୀକ୍ଷଣ ସଂସ୍ଥାର ୨୦୨୦ ମସିହା ମୂଲ୍ୟାଙ୍କନ ଅନୁସାରେ ପ୍ରବାଳ କ୍ଷେତ୍ର ବର୍ଷକୁ ୨.୭ ଟ୍ରିଲିୟନ ଡଲାର ମୂଲ୍ୟର ସେବା ଓ ଦ୍ରବ୍ୟ ଯୋଗାଉଛି । ଅଗଣିତ ସାମୁଦ୍ରିକ ଜୀବଙ୍କ ପାଇଁ ଏକ ବୃହତ୍ ଖାଦ୍ୟ ଶୃଙ୍ଖଳ ଭାବେ ବାର୍ଷିକ ୩୬ ବିଲିଅନ ଡଲାର ମୂଲ୍ୟର ରୋଜଗାର ପନ୍ଥାର ଉତ୍ସ ହୋଇଛି । ହେନ୍ତାଳ ଓ ସାଗର ତୃଣର ବିସ୍ତାର ପାଇଁ ଏହା ସାହାଯ୍ୟ କରୁଛି । କିନ୍ତୁ ସଂପ୍ରତି ଏହା ବହୁ ବିପଦର ସମ୍ମୁଖୀନ ମଧ୍ୟ ହେଉଛି । ସମୁଦ୍ର ଅମ୍ଳୀକରଣ ହେତୁ କ୍ୟାଲସିଅମ୍ କାର୍ବୋନେଟ୍ ପ୍ରସ୍ତୁତିରେ ଅନ୍ତରାୟ ଘଟି ପ୍ରାଚୀର ଗଠନ ବାଧାପ୍ରାପ୍ତ ହେଉଛି । ବୈଜ୍ଞାନିକମାନେ କହନ୍ତି ଯେ ସ୍ଥିତିରେ ସୁଧାର ନ ଆସିଲେ ୨୦୮୫ ମସିହା ସୁଦ୍ଧା ସମସ୍ତ ପ୍ରବାଳ ଲୋପ ପାଇଯିବ । ସେମିତି, ପରିବେଶରେ ମାତ୍ରାଧିକ ସବୁଜ ଗୃହ ଗ୍ୟାସ ହେତୁ ସମୁଦ୍ର ତାପମାତ୍ରାରେ ବୃଦ୍ଧି ଘଟୁଛି, ଯାହା ପ୍ରବାଳର ରଙ୍ଗ ନାଶ କରି ସେସବୁକୁ ଧଳା କରି ଦେଉଛି । ୧୯୯୮ ମସିହାରେ ଭାରତ ମହାସାଗରରେ ଏହାର ପ୍ରଭାବ ଦେଖିବାକୁ ମିଳିଥିଲା । ଅଷ୍ଟ୍ରେଲିଆର 'ଦି ଗେଟ୍ ବାରିଅର ରିଫ' ମଧ୍ୟ ୨୦୧୬ ମସିହାରୁ ୨୦୨୪ ମସିହା ମଧ୍ୟରେ ଏହି କାରଣରୁ ୫ ଥର ଆକ୍ରାନ୍ତ ହେଲାଣି । ସବୁଠାରୁ ବଡ଼ ବିପଦ ହେଲା ଖାଦ୍ୟ ଯୋଗାଣକାରୀ ଶୈବାଳର ବିଲୋପନ ହେତୁ ଖାଦ୍ୟାଭାବରୁ ପ୍ରବାଳର ମୃତ୍ୟୁ ଘଟିବା ଆରମ୍ଭ ହେଲାଣି । ୨୦୦୯ ମସିହାରୁ ୨୦୧୮ ମସିହା ମଧ୍ୟରେ ପୃଥିବୀର ୧୪% ପ୍ରବାଳ ନିଶ୍ଚିହ୍ନ ହୋଇଯାଇଛି ବୋଲି ଜଣାପଡ଼ିଛି । ମାଛ ଧରିବା ପାଇଁ ଅହରହ ଯାନ୍ତ୍ରିକ ନୌକା ଓ ଟ୍ରଲର ଚଳାଚଳ ହେତୁ ପ୍ରବାଳ ପ୍ରାଚୀର ଚୂରମାର ହେଉଥିବା ଦେଖିବାକୁ ମିଳୁଛି । ସମୁଦ୍ର ଶଯ୍ୟାରୁ ବାଲି ଖନନ ଏବଂ ସମୁଦ୍ର ମଧ୍ୟକୁ ବର୍ଜ୍ୟ ଜଳ ଓ ବସ୍ତୁର ନିଷ୍କାସନ ମଧ୍ୟ ପ୍ରବାଳର ସ୍ୱାସ୍ଥ୍ୟ କ୍ଷୟର କାରଣ ହୋଇଛି । ତେବେ, ଅନ୍ତର୍ଜାତୀୟ ସ୍ତରରେ ବିଶ୍ୱ ପ୍ରବାଳ ପ୍ରାଚୀର ପାଣ୍ଠି, ଇଂଟରନେସନାଲ କୋରାଲ ରିଫ୍ ଆକ୍ସନ ଓ ବିଶ୍ୱ ପ୍ରବାଳ ପ୍ରାଚୀର ନିରୀକ୍ଷଣ ଇତ୍ୟାଦି ଭଳି ଅନୁଷ୍ଠାନ ସଂଗଠିତ ଭାବେ ପ୍ରବାଳ ସଂରକ୍ଷଣ ଦିଗରେ ପ୍ରଶଂସନୀୟ କାର୍ଯ୍ୟ କରୁଛନ୍ତି । ଭାରତ ସରକାର ମଧ୍ୟ ଅନେକ ସାମୁଦ୍ରିକ ଜାତୀୟ ଉଦ୍ୟାନ ଓ ଅଭୟାରଣ୍ୟ ପ୍ରତିଷ୍ଠା କରି ଏବଂ କୃତ୍ରିମ ରିଫ୍ ଯୋଜନା ଇତ୍ୟାଦି ମାଧ୍ୟମରେ ପ୍ରବାଳ ସୁରକ୍ଷା ଉଦ୍ୟମ କରୁଛନ୍ତି । ଗୁଜରାଟରେ ମିଠାପୁର ରିଫ୍ ପୁନରୁଦ୍ଧାର କାର୍ଯ୍ୟ ବହୁ ବର୍ଷ ଧରି ଚାଲିଛି । ସତ କହିଲେ, ପ୍ରବାଳ ପ୍ରାଚୀର ଏଭଳି ଏକ ସାମୁଦ୍ରିକ ପରିସଂସ୍ଥା ଯାହା ଉଜୁଡ଼ି ଗଲେ ସମୁଦ୍ରର ସ୍ୱାସ୍ଥ୍ୟ ବିଗିଡ଼ି ଯିବ ।

ଦୈନିକ ଦେଣନେଣ କାରବାରରେ ଗୋଲଡ଼ ଓଭର ଡ୍ରାଫ୍ଟ ସର୍ଭିସ

ଇସଲାମବାଦରେ ଆମେରିକା-ଇରାନ ଭିତରେ ଯୁଦ୍ଧ ପ୍ରଶମିତ ନିମିତ ବୈଠକ ଚାଲିଛି । ଆପଣ ହୁଏତ ପଚାରି ପାରନ୍ତି ଯେ ଏ ଖବର ସହିତ ମୋ ଶୀର୍ଷକର ସମ୍ପର୍କ କ'ଣ ରହିଛି ? ବାସ୍ତବ କଥା ହେଉଛି କେବଳ ଭାରତୀୟ ବଜାରରେ ନୁହେଁ ବିଶ୍ୱ ଅର୍ଥନୀତି, ପ୍ରତିପତ୍ତି ଓ ଆର୍ଥିକ ଆଧିପତ୍ୟରେ ସୁନାର ସ୍ଥାନ କାଳେ କାଳେ ସ୍ୱତନ୍ତ୍ର ଓ ଅନନ୍ୟ ହୋଇ ରହିଛି । ସମଗ୍ର ବିଶ୍ୱ ବଜାରରେ ପ୍ରତି ବର୍ଷ ଭାରତ କ୍ୱିଂଟାଲ କ୍ୱିଂଟାଲ ସୁନା ବାହାରରୁ ଆମଦାନୀ କରିଥାଏ । ତେବେ ବିଶ୍ୱର ଯେ କୌଣସି ବଡ଼ ଶକ୍ତି ସହିତ ଅନ୍ୟ ଦେଶର ଯୁଦ୍ଧ ଆରମ୍ଭ ହୋଇଗଲେ ସୁନାର ବଜାର ମୂଲ୍ୟ ଉଚ୍ଚା ନୀଚା ହୋଇଥାଏ । ତେବେ ଭାରତରେ ସୁନା କେବଳ ଗହଣା ଭାବେ ସମସ୍ତଙ୍କର ଆଦରଣୀୟ ହୋଇନଥାଏ । ସବୁଠାରୁ ବଡ଼କଥା ହେଉଛି ଅସୁବିଧା, ଆବଶ୍ୟକତା ସମୟରେ ସୁନା ହେଉଛି ଘରର ସବୁଠାରୁ ନିର୍ଭରଯୋଗ୍ୟ ସହାୟକ ଓ ମଜଭୁତ ଆର୍ଥିକ ସମ୍ପତ୍ତି । ଏହି କାରଣ ପାଇଁ ଅନେକ ଭାରତୀୟ ପରିବାର ସୁନାରେ ନିବେଶ ବା ଇନଭେଷ୍ଟ କରିଥାନ୍ତି । ସୁନା ଏକ ପ୍ରକାରର ପ୍ରମୁଖ ସହାୟକ ସଂଚୟ କହିଲେ ଅତ୍ୟୁକ୍ତି ହେବନାହିଁ । ଜଣଙ୍କର ବା ଗୋଟିଏ ପରିବାରର କୌଣସି ଆବଶ୍ୟକତା ବା ଦୁଃସ୍ଥିତି ପଡ଼ିଲେ ସୁନା ବ୍ୟାଙ୍କରେ ବନ୍ଧକ ରଖି ହେଉ ବା ହାତ ଉଧାରି ସୁଧ ଲଗାଉଥିବା ଲୋକମାନଙ୍କ ପାଖରେ ସୁନା ରଖି ନିରାପଦରେ କିଛି ଟଙ୍କା ଅଣାଯାଇଥାଏ । ତେବେ ମୋର ଆଜିର ଛୋଟିଆ ଆଲୋଚନାଟି ହେଉଛି ଜଣେ ଗୋଲଡ ଓଭର ଡ୍ରାଫ୍ଟ ମାଧ୍ୟମରେ କିପରି ବ୍ୟାଙ୍କରୁ ପଇସା ଉଠାଇ ପାରିବ ଏବଂ ଏହାର ନିରାପଦ ଦେଣ ନେଣ ବ୍ୟବସ୍ଥାଟି କ'ଣ ? ଯୁଗେ ଯୁଗେ ସୁନାର ମୂଲ୍ୟ ପ୍ରାୟତଃ ଚଢ଼ା ରହିଥାଏ । କେତେବେଳେ କେମିତି ବିଶ୍ୱ ଅର୍ଥନୀତି ଉଠପଡ଼କୁ ଦେଖି କିଛି ମୂଲ୍ୟ କମିଥାଏ କିନ୍ତୁ ସୁନାର ମୂଲ୍ୟ କ୍ରମାଗତ ଭାବେ ଯେ ବଢ଼ି ଚାଲିଛି ଏହା ଯେ କେହି ଅନୁଭବ କରିବା । ମୋର ଆଜିର ଆଲୋଚନାଟି ହେଉଛି ବ୍ୟାଙ୍କିଙ୍ଗ ସେବାରେ ଗୋଲଡ ଓଭର ଡ୍ରାଫ୍ଟ ସୁବିଧା ସମ୍ପର୍କରେ । କୌଣସି ବ୍ୟାଙ୍କ ହେଉ ବା ଅର୍ଥନୈତିକ ସଂସ୍ଥା ଜଣଙ୍କ ସୁନାକୁ ବନ୍ଧକରେ ରଖି ଗୋଲଡ଼ ଓଭର ଡ୍ରାଫ୍ଟ ବ୍ୟବସ୍ଥା ଅନୁଯାୟୀ ଏକ ବିଧିବଦ୍ଧ ଭାବେ ଓଭର ଡ୍ରାଫ୍ଟ ଖାତା ଖୋଲି ଥାଆନ୍ତି । ଯେଉଁଥିରେ ନିର୍ଦ୍ଧାରିତ ପରିମାଣର ଅର୍ଥ ମଞ୍ଜୁର ହୋଇଥାଏ । ତେବେ ଏଇଠି ଆଉ ଟିକିଏ ସ୍ପଷ୍ଟ କରିରଖୁଛି ଆପଣଙ୍କର ଅନୁମୋଦିତ ହୋଇଥିବା ବା ମଞ୍ଜୁର ହୋଇଥିବା ସମସ୍ତ ଅର୍ଥ ଏକାଥରକେ ନେବା ଜରୁରୀ ନୁହେଁ । ଏଠାରେ ମୁଁ ଏକ ଉଦାହରଣରେ ଏହି ଓଭର ଡ୍ରାଫ୍ଟ ବ୍ୟବସ୍ଥାର ପରିଚାଳନା ସମ୍ପର୍କରେ ଆଉ ଟିକିଏ ସରଳ ଭାବରେ ବୁଝାଉଛି । ଧରନ୍ତୁ ଆପଣଙ୍କର ଯେତିକି ପରିମାଣର ସୁନା ବ୍ୟାଙ୍କକୁ ନେଇଛନ୍ତି ଆପଣଙ୍କୁ ବ୍ୟାଙ୍କ ମନେ କରନ୍ତୁ ପାଂଚଲକ୍ଷ ଟଙ୍କାର ଓଭର ଡ୍ରାଫ୍ଟର ଅନୁମତି ଦେଇଛି । ଯଦି ଆପଣ ସଂପୂର୍ଣ୍ଣ ଅର୍ଥରାଶି ବା ପାଂଚଲକ୍ଷ ଟଙ୍କା ଏକକାଳୀନ ନ ଉଠାଇବା ପାଇଁ ଚାହାଁନ୍ତି କେବଳ ସର୍ବନିମ୍ନ ଭାବେ ପଚାଶ ହଜାର ଟଙ୍କା ଉଠାଇବାକୁ ଚାହୁଁଥିବେ, ଏ କ୍ଷେତ୍ରରେ ଗୋଲଡ ଓଭର ଡ୍ରାଫ୍ଟର ସ୍ୱତନ୍ତ୍ର ବିଶେଷତ୍ୱ ଅନୁଯାୟୀ ଆପଣଙ୍କୁ କେବଳ ଉଠାଇ ଥିବା ପଚାଶ ହଜାର ଟଙ୍କା ଉପରେ ହିଁ ସୁଧ ପରିଶୋଧ କରିବାକୁ ପଡ଼ିବ । ଅନେକଙ୍କ ଭିତରେ ପ୍ରଶ୍ନ ଉଠେ ସତରେ କ'ଣ ଗୋଲଡ଼ ଓଭର ଡ୍ରାଫ୍ଟ ବ୍ୟବସ୍ଥା ଲାଭଜନକ ଓ ନିରାପଦ ? ଏହା ନିଶ୍ଚିନ୍ତ ଯେ ଆପଣ ଯେତେ ଟଙ୍କା ବ୍ୟାଙ୍କରୁ ଉଠାଇବାକୁ ଚାହିଁଲେ କେବଳ ସେତିକ ଟଙ୍କା ଉପରେ ହିଁ ବ୍ୟାଙ୍କ ଆପଣଙ୍କ ଠାରୁ ସୁଧ ଗ୍ରହଣ କରିବ । ପରବର୍ତ୍ତୀ ସମୟରେ ଆପଣଙ୍କର ସୁବିଧା ଅସୁବିଧା ଦେଖି ନିୟମିତ ବ୍ୟବଧାନରେ ସମୟର ଆବଶ୍ୟକତାକୁ ପୂରଣ ପାଇଁ ବାରମ୍ବାର ଟଙ୍କା ଉଠାଇ ପାରିବେ । ସେହିପରି କୌଣସି ସୂତ୍ରରୁ ଅର୍ଥ ଆସୁଥିଲେ ତାର ପରିଚାଳନ ସହଜ ହୁଏ ଏବଂ ଜରୁରୀ ପରିସ୍ଥିତିରେ ଆପଣଙ୍କୁ ତୁରନ୍ତ ଅର୍ଥ ବ୍ୟାଙ୍କ ଠାରୁ ମିଳିବାର ବଡ଼ ସୁଯୋଗ ପାଇଥାନ୍ତି । ବ୍ୟାଙ୍କରେ ସୁନା ବନ୍ଧକ ରଖି ଟଙ୍କା ଆଣିବା ସମ୍ପର୍କରେ ଅନ୍ୟ ଏକ ବ୍ୟବସ୍ଥା ମଧ୍ୟ ରହିଛି । ଯାହାକୁ ପାରମ୍ପରିକ ଗୋଲଡ଼ ଲୋନ ବ୍ୟବସ୍ଥା କୁହାଯାଇଥାଏ । ତେବେ ସାଧାରଣ ସୁନା ଋଣରେ ଗୋଟିଏ ଥରରେ ସମସ୍ତ ଅର୍ଥରାଶି ମିଳିଯାଉଥିବାବେଳେ ଏବଂ ସେହି ସମୁଦାୟ ଅର୍ଥରାଶି ଉପରେ ଆପଣଙ୍କୁ ସୁଧ ଦେବାକୁ ପଡ଼ିଥାଏ । ହୁଏତ ଆପଣ ସେ ଟଙ୍କାକୁ କାର୍ଯ୍ୟରେ ଲଗାଇ ପାରନ୍ତି ବା ନହେଲେ ଆପଣଙ୍କ ଆକାଉ[ରେ ତାହା ପଡ଼ି ରହିଥାଏ । ଏହା ହେଉଛି ପାରମ୍ପରିକ ଗୋଲଡ଼ ଲୋନ । ତେବେ ଆମେ ଆଲୋଚନା କରୁଥିବା ଗୋଲଡ଼ ଓଭର ଡ୍ରାଫ୍ଟ ସର୍ଭିସରେ କିନ୍ତୁ ସୁବିଧା ସ୍ୱତନ୍ତ୍ର ଓ ଅଲଗା । ଗୋଲଡ଼ ଓଭର ଡ୍ରାଫ୍ଟ ସେବା ସବୁଠାରୁ ନିରାପଦ ଓ ଶ୍ରେଷ୍ଠ ବିକଳ୍ପ କୁହାଯାଏ ଏହି କ୍ଷେତ୍ରରେ ଯେ ଯେଉଁମାନେ ବାରମ୍ବାର କିଛି ଅର୍ଥରାଶି ଆବଶ୍ୟକ କରିଥାନ୍ତି ସେମାନଙ୍କ ପାଇଁ ଏହା ସୁବିଧା ଜନକ । ବଡ଼କଥା ହେଉଛି ଏହା ଏକ ଏପରି ବିଶ୍ୱାସଯୋଗ୍ୟ ଉପାୟ ଯାହା ଆପଣଙ୍କୁ ସୁନାର ଉଚିତ ବ୍ୟବହାର କରିବା ପାଇଁ ସୁଯୋଗ ଦେଇଥାଏ । ତେବେ ଏଇଠି ସୁନା ବନ୍ଧକ ରଖୁଥିବା ଗ୍ରାହକ ଜଣଙ୍କ ଏକ ସ୍ୱତନ୍ତ୍ର ସୁବିଧା ପାଇଥାନ୍ତି । ତାହା ହେଉଛି ଅନ୍ୟ ଋଣ ସୁବିଧା ଭଳି ଆପଣଙ୍କୁ ଏ କ୍ଷେତ୍ରରେ ଅନାବଶ୍ୟକ ସୁଧ ଦେବାକୁ ପଡ଼ି ନଥାଏ । ଗୋଲଡ଼ ଓଭରଡ୍ରାଫ୍ଟ ସେବା ଜଣଙ୍କ ପରିବାରର ସ୍ୱର୍ଣ୍ଣିମ ଅର୍ଥନୀତିର ଏମ ମଜଭୁତ୍ ଓ ନିରାପଦ ବ୍ୟବସ୍ଥା । ଆଜିକାଲି ଅନେକ ଘରୋଇ ବ୍ୟାଙ୍କ, ବିଦେଶୀ ବ୍ୟାଙ୍କ ଓ ରିଜର୍ଭ ବ୍ୟାଙ୍କର ଅନୁମୋଦନ ନପାଇଥିବା ଆର୍ଥିକ ସଂସ୍ଥା ଗୁଡ଼ିକ ସୁନା ରଖି ବନ୍ଧକ ବାବଦ ଟଙ୍କା ଦେଉଛନ୍ତି । ଏ କ୍ଷେତ୍ରରେ ନିବେଶ କରିବା ପୂର୍ବରୁ ଆପଣ ଭଲ ଭାବେ ବୁଝି ନିଅନ୍ତୁ । କାରଣ ଏପରି ଅନେକ ଠକ ଓ ମିଛ ପ୍ରମାଣପତ୍ର ଲୋକଙ୍କୁ ଦେଖାଇ ସୁନା ବନ୍ଧକ ରଖି ପରବର୍ତ୍ତୀ ସମୟରେ ଚମ୍ପଟ ମାରିବାର ଅଭିଯୋଗ ମଧ୍ୟ ଅନେକ ରହିଛି । ଅନେକ ଲୋକ ସୋସିଆଲ ମିଡ଼ିଆରୁ ବୁଝି ବ୍ୟାଙ୍କିଙ୍ଗ ସେବା ସମ୍ପର୍କରେ କିଛି ତଥ୍ୟ ପାଉଥିଲେ ମଧ୍ୟ ସୁନା ପରି ଆପଣଙ୍କର ଜୀବନର ମୂଲ୍ୟବାନ ପରିଶ୍ରମର ଏତେବଡ଼ ସମ୍ପତ୍ତିକୁ କିଭଳି ସୁରକ୍ଷିତ ଭାବେ ରଖି ନିଜ ତତ୍କାଳ କର୍ମ ଚଳେଇବା ପାଇଁ ଅର୍ଥ ଉଠାଉଥିବାରୁ, ଏ କ୍ଷେତ୍ରରେ ଆଦୌ ତରବର ନହୋଇ ବା କାହାର କାନକୁହା କଥା ନଶୁଣି କେବଳ ବଡ଼ ବଡ଼ ସରକାରୀ ଅନୁବନ୍ଧିତ ବ୍ୟାଙ୍କରେ ସୁନା ରଖନ୍ତୁ ନଚେତ ଆପଣଙ୍କର ମୂଲ୍ୟବାନ ସମ୍ପତି ଅକାରଣରେ ହଡ଼ପ ହୋଇଯିବ । ଓଡ଼ିଆରେ ଏକ ପ୍ରାଚୀନତମ କଥା ଅଛି 'ଦୁଃଖି ସଚିଂଥିଲା ଧନ, ମୂଷା କଲା ଜଳପାନ' ।

Printed, Published,Edited and Ownedby Prakash Kumar Dhal,Printed at Das Offset Printers,Uditnagar,Main Road,Rourkela, Dist. Sundargarh, orissa -769012 & Published at QR.No. ECR-73,Chhend Colony,Rourkela -15, Dist. Sundergarh, Orissa. ସଂପାଦକ: ପ୍ରକାଶ କୁମାର ଧଳ
Mobile : 9439951525,Email: utkalsamachar@gmail.com / utkalsamachar@rediffmail.com (ଏହି ଅଙ୍କରେ ପ୍ରକାଶିତ ସମସ୍ତ ଖବରର ଚୟନ ଏବଂ ସଂପାଦନା ପାଇଁ ପି.ଆର.ବି. ଆକ୍ଟ ଅନ୍ତର୍ଗତ ଉତରଦାୟୀ ସମସ୍ତ ବିବାଦ ରାଉରକେଲା ନ୍ୟାୟପାଳିକାର ଅଧୀନରେ ହିଁ ହେବ ।) Phone: 0661-2646999 Editor : Prakash Kumar Dhal
CITY OFFICE: B/204, SECTOR-16, ROURKELA, Pin :769003

ବିଜେଡି ସଂସଦୀୟ ଦଳ ନେତା ହେଲେ ମାନସ ମଙ୍ଗରାଜ

ଭୁବନେଶ୍ୱର,୧୪/୪(ନି/ପ୍ର):ମାନସ ମଙ୍ଗରାଜ ହେଲେ ବିଜେଡି ସଂସଦୀୟ ଦଳ ନେତା । ସେହିଭଳି ସୁଲତା ଦେଓଙ୍କୁ ବିଜେଡି ସଂସଦୀୟ ଦଳ ଉପନେତା ସହ ମୁଖ୍ୟ ସଚେତକର ଦାୟିତ୍ୱ ମିଳିଛି । ମାନସ ମଙ୍ଗରାଜ ଏବେ ମୁଖ୍ୟ ସଚେତକ ଦାୟିତ୍ୱରେ ଥିବା ବେଳେ ପୂର୍ବରୁ ସୁଲୋତା ଦେଓ ମୁଖ୍ୟ ସଚେତକ ଦାୟିତ୍ୱ ତୁଲାଇ ଥିଲେ । ଏହି ଦୁଇ ଜଣଙ୍କ ଚୟନକୁ ଅନୁମୋଦନ ଦେଇ ରାଜ୍ୟସଭା ଅଧ୍ୟକ୍ଷଙ୍କୁ ଚିଠି ଲେଖିଛନ୍ତି ବିଜେଡି ସଭାପତି ନବୀନ ପଟ୍ଟନାୟକ । ବିଜୁ ଜନତା ଦଳର ସଭାପତି ଶ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ସାଂସଦ ମାନସ ମଙ୍ଗରାଜଙ୍କୁ ବିଜେଡି ସଂସଦୀୟ ଦଳର ନେତା ଓ ଶ୍ରୀମତୀ ସୁଲତା ଦେଓଙ୍କୁ ସଂସଦୀୟ ଦଳର ଉପନେତା ତଥା ମୁଖ୍ୟ ସଚେତକ ଭାବେ ମନୋନୀତ ହେବା ପରେ ଦୁହେଁ ତାଙ୍କ ଉପରେ ଦଳ ଆସ୍ଥା ପ୍ରକଟ କରି ଏହି ଦାୟିତ୍ୱ ଦେଇଥିବାରୁ, ଦଳର ସଭାପତିଙ୍କ ପ୍ରତି କୃତଜ୍ଞତା ଜଣାଇବା ସହିତ ଏହି ଦାୟିତ୍ୱକୁ ସୁଚାରୁ ରୂପେ ନିର୍ବାହ କରିବା ପାଇଁ ପାରୁ ପର୍ଯ୍ୟନ୍ତ ଚେଷ୍ଟା କରିବେ ବୋଲି କହିଛନ୍ତି । ଆଜି ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଦଳର ବରିଷ୍ଠ ଉପସଭାପତି ଶ୍ରୀ ଦେବୀ ପ୍ରସାଦ ମିଶ୍ର ଓ ଉପସଭାପତି ଶ୍ରୀ ପ୍ରଦୀପ ଅମାତ, ଶ୍ରୀ ମାନସ ମଙ୍ଗରାଜ ଓ ଶ୍ରୀମତୀ ସୁଲତା ଦେଓଙ୍କୁ ପ୍ରଦାନ କରାଯାଇଥିବା ନିଯୁକ୍ତିକୁ ସ୍ୱାଗତ କରିବା ସହିତ ତାଙ୍କୁ ଅଭିନନ୍ଦନ ଜଣାଇଥିଲେ । ସାମ୍ବାଦିକ ମାନଙ୍କୁ ସମ୍ବୋଧନ କରି ଶ୍ରୀ ମଙ୍ଗରାଜ କହିଥିଲେ, ଦଳ ମୋ ଉପରେ ଭରସା କରି ଏହି ଗୁରୁ ଦାୟିତ୍ୱ ପ୍ରଦାନ କରିଥିବାରୁ ମୁଁ ଦଳର ସଭାପତି ଶ୍ରୀ ନବୀନ ପଟ୍ଟନାୟକଙ୍କୁ କୃତଜ୍ଞତା ଜଣାଉଛି । ଏହା ସହିତ ଦଳର ସମସ୍ତ ନେତୃମଣ୍ଡଳୀ ଓ ଦଳର ଅଗଣିତ କର୍ମୀମାନଙ୍କୁ ମଧ୍ୟ କୃତଜ୍ଞତା ଜଣାଉଛି । ବିଜୁ ଜନତା ଦଳର ସାଂସଦ ମାନେ ନିଷ୍ଠାର ସହିତ ରାଜ୍ୟର ହିତ ଦୃଷ୍ଟିରୁ ବିଭିନ୍ନ ପ୍ରସଙ୍ଗ ଉଠାଇ ଆସୁଛନ୍ତି । ବିଜେଡି ସାଂସଦ ମାନଙ୍କର ପ୍ରଦର୍ଶନ ଓ ଶୃଙ୍ଖଳା ସଂସଦରେ ସବୁ ସମୟରେ ଆଦୃତ ହୋଇଛି । ଆଗାମୀ ଦିନରେ ମଧ୍ୟ ରାଜ୍ୟର ହିତରେ ବିଭିନ୍ନ ପ୍ରସଙ୍ଗରେ ବିଜେଡି ସାଂସଦ ମାନଙ୍କ ସ୍ୱର ନିଶ୍ଚିତ ଭାବେ ଶାଣିତ ରହିବ । ଶ୍ରୀମତୀ ସୁଲତା ଦେଓ କହିଥିଲେ, ଦଳର ନେତା ମୋତେ ଏହି ଗୁରୁ ଦାୟିତ୍ୱ ପ୍ରଦାନ କରିଥିବାରୁ, ମୁଁ ମୋର ନେତା ଶ୍ରୀ ନବୀନ ପଟ୍ଟନାୟକଙ୍କୁ କୃତଜ୍ଞତା ଜଣାଉଛି । ଦଳର ସଭାପତି ଶ୍ରୀ ନବୀନ ପଟ୍ଟନାୟକ ଯେତେବେଳେ ଯେଉଁ ଦାୟିତ୍ୱ ପ୍ରଦାନ କରିଛନ୍ତି, ଜଣେ ଦାୟିତ୍ୱବାନ ସୈନିକ ହିସାବରେ ମୁଁ ସେହି ଦାୟିତ୍ୱକୁ ନିଷ୍ଠାର ସହିତ ତୁଲାଇଛି । ତେଣୁ ଏହି ଦାୟିତ୍ୱକୁ ମଧ୍ୟ ମୁଁ ନିଷ୍ଠାର ସହିତ ତୁଲାଇବା ପାଇଁ ଚେଷ୍ଟା କରିବି । ସାମ୍ବାଦିକ ସମ୍ମିଳନୀରେ ଉପସ୍ଥିତ ଶ୍ରୀ ଦେବୀ ପ୍ରସାଦ ମିଶ୍ର, ଶ୍ରୀ ପ୍ରଦୀପ ଅମାତ, ବିଜେଡି ମିଡ଼ିଆ ସଂଯୋଜକ ତଥା ମୁଖପାତ୍ର ଡ଼ ଲେନିନ ମହାନ୍ତି ଓ ଛାତ୍ର ବିଜେଡି ସଭାନେତ୍ରୀ ଇପ୍ସିତା ସାହୁ, ଶ୍ରୀ ମଙ୍ଗରାଜ ଓ ଶ୍ରୀମତୀ ଦେଓଙ୍କୁ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଇଥିଲେ ।

ରାଜନୈତିକ ଚିନ୍ତାଧାରା ଉର୍ଦ୍ଧ୍ୱରେ ରହିଲେ ଅଂଚଳର ବିକାଶ ହେବ : ନରସିଂହ

ବଲାଙ୍ଗିର, ୧୪/୪(ନି/ପ୍ର) : ବନଦୁର୍ଗା ମହୋତ୍ସବର ପରିକଳ୍ପନା ବିସ୍ଥାପିତଙ୍କ ଭିତରେ ଏକତା, ଡ୍ୟାମ ଅଂଚଳର ସମ୍ପୂର୍ଣ୍ଣ ବିକାଶ ଏବଂ ବିସ୍ଥାପିତଙ୍କ ବାକି ରହିଯାଇଥିବା ଦାବି ଗୁଡିକର ସମାଧାନର ସୂତ୍ର ବାହାର କରିବା ପାଇଁ କରାଯାଇଛି । ଏଥର ହେଉଛି ଏହି ମହୋତ୍ସବର ଦ୍ୱିତୀୟ ବର୍ଷ । ଏହାର ଅଧ୍ୟକ୍ଷ ହିସାବରେ ମୁଁ ନିଶ୍ଚିତ ଭାବରେ ଗର୍ବ ଅନୁଭବ କରିବି ଯେ, ଆଜି ଉଦଯାପନି ଦିବସରେ ରାଜନୈତିକ ବିଦ୍ୱେଷ ତଥା ଚିନ୍ତାଧାରାକୁ ପଛରେ ପକାଇ ତିନି ପ୍ରମୁଖ ରାଜନୈତିକ ଦଳର ରାଜନେତାମାନେ ମଚାଂସିନ ଅଛନ୍ତି । ସମସ୍ତେ ଏଥିରେ ବି ସହମତ ଯେ, ସମସ୍ତେ ଏକତ୍ରିତ ହୋଇ ଏହି ପ୍ରକଳ୍ପ ଅଂଚଳ ତଥା ବିସ୍ଥାପିତଙ୍କ ସମସ୍ୟାର ସମାଧାନ ପାଇଁ ଆଗଭର ହେବେ । ମୁଁ ମଧ୍ୟ ଏଥିରେ ସହମତ ଯେ, ରାଜନୈତିକ ଚିନ୍ତାଧାରା ଉର୍ଦ୍ଧ୍ୱରେ ରହି ଆମେ ଯଦି ପ୍ରତ୍ୟେକେ ନିଜର ଯୋଗଦାନ ଏହି ଅଂଚଳ ତଥା ବିସ୍ଥାପିତଙ୍କ ପ୍ରତି ପ୍ରଦାନ କରିବା ତେବେ ନିଶ୍ଚିତ ଭାବରେ ପ୍ରକଳ୍ପ ତଥା ଆଖପାଖ ଅଂଚଳର ବିକାଶ ହୋଇପାରିବ ବୋଲି ଲୋୟର ଶୁକତେଲ ଡ୍ୟାମ ତଳେ ଅନୁଷ୍ଠିତ ବନଦୁର୍ଗା ମହୋତ୍ସବର ଉଦଯାପନ ଦିବସରେ ଏହାର ଅଧ୍ୟକ୍ଷ ତଥା ପୂର୍ବତନ ଆଇନ ମନ୍ତ୍ରୀ ନରସିଂହ ମିଶ୍ର ନିଜ ବକ୍ତବ୍ୟରେ କହିଛନ୍ତି । ବନଦୁର୍ଗା ମହୋତ୍ସବ କମିଟି ମୁଖ୍ୟ ମନ୍ତ୍ରୀ ଙ୍କ ଉଦ୍ଦେଶ୍ୟ ରେ ୧୨ ଦଫା ଦାବୀ ଦିଆଯାଇଛି । ପ୍ରକଳ୍ପ ଅଂଚଳରେ ଏକ ସୁନ୍ଦର ବଗିଚା ଓ ଏକ ଷ୍ଟାଡିଅମ ନିର୍ମାଣ, ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ କରିଥିଲି, ଯାହାକି ବିଭାଗୀୟ ଅଧିକାରୀମାନେ ଆସି ତାହାର ଡିପିଆର ପ୍ରସ୍ତୁତ ପାଇଁ ପ୍ରସ୍ତୁତି ଦିଗରେ ପଦକ୍ଷେପ ନେଇ ସାରିଛନ୍ତି । ନିଶ୍ଚିତ ଭାବରେ ଏହି କାମ ପାଇଁ ସେ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଦେବେ ବୋଲି କହିଥିଲେ । ମୁଖ୍ୟ ଅତିଥି ଜିଲ୍ଲା ପରିଷଦ ଅଧ୍ୟକ୍ଷା ଦେବକି ସାହୁ ସମସ୍ତେ ମିଳିମିଶି ପ୍ରକଳ୍ପ ତଥା ବିସ୍ଥାପିତଙ୍କ ସମସ୍ୟା ପାଇଁ ସାମୂହିକ ଉଦ୍ୟମ କଲେ ଅଂଚଳର ବିକାଶ ନିଶ୍ଚିତ ହେବ ବୋଲି ସେ କହିଥିଲେ । ସମ୍ମାନିତ ଅତିଥି ଭାବେ ଗୋପାଳଜୀ ପାଣିଗ୍ରାହୀ ଯୋଗଦେଇ ପ୍ରକଳ୍ପ ପାଇଁ ତାଙ୍କ ଲଢେଇ ଅଂଚଳବାସୀ ଠିକ ଜାଣିଛନ୍ତି । ଗତ ସରକାର ଅସମ୍ପୂର୍ଣ୍ଣ ପ୍ରକଳ୍ପକୁ ଉଦଘାଟନ କରିଛନ୍ତି । ସେ ଯାହା ବି ହେଉ ମୋହନ ସରକାର ଯାହା ବି କାମ ରହିଯାଇଛି ସେ ସବୁକୁ ପୁରା କରିବା ଦିଗରେ ଉଦ୍ୟମ ଜାରି ରଖିବେ

ବ୍ରଜରାଜନଗରରେ ପୌର ପ୍ରଶାସନର କଡ଼ା କାର୍ଯ୍ୟାନୁଷ୍ଠାନ :
ଜିଲ୍ଲାପାଳଙ୍କ ନିର୍ଦ୍ଦେଶରେ ବିଭିନ୍ନ ହୋଟେଲ ଓ ରେଷ୍ଟୁରାଂଟରେ ଚଢ଼ଉ

ଝାରସୁଗୁଡ଼ା,୧୪/୪(ନି/ପ୍ର):ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ୍ କୁଣାଲ ମୋତିରାମ ଚହ୍ୱାଣଙ୍କ ପ୍ରତ୍ୟକ୍ଷ ନିର୍ଦ୍ଦେଶକ୍ରମେ ଆଜି ବ୍ରଜରାଜନଗର ସହରର ବିଭିନ୍ନ ସ୍ଥାନରେ ଏନଫୋର୍ସମେଂଟ ଚଢ଼ଉ କରାଯାଇଛି । ବ୍ରଜରାଜନଗର ପୌରପାଳିକା ନିର୍ବାହୀ ଅଧିକାରୀ ଚନ୍ଦ୍ରମଣୀ ସ୍ୱାଇଁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏକ ସ୍ୱତନ୍ତ୍ର ଟିମ୍ ଗାନ୍ଧୀ ଛକ ନିକଟସ୍ଥ ବିଭିନ୍ନ ରେଷ୍ଟୁରାଂଟ, କାଫେ ଏବଂ ମାଂସ ଦୋକାନଗୁଡ଼ିକରେ ଅତର୍କିତ ଯାଂଚ୍ କରିଛନ୍ତି । ଏହି ଚଢ଼ଉ ସମୟରେ ବିଶେଷ କରି ଖାଦ୍ୟର ଗୁଣବତା ଏବଂ ପରିମଳ ବ୍ୟବସ୍ଥା ଉପରେ ଗୁରୁତ୍ୱ ଦିଆଯାଇଥିଲା । ଯାଂଚ୍ ବେଳେ ଅନେକ ସ୍ଥାନରେ ବାସି ତଥା ଅସ୍ୱାସ୍ଥ୍ୟକର ଖାଦ୍ୟ ବିକ୍ରୟ ହେଉଥିବା ଦେଖିବାକୁ ମିଳିଥିଲା । ପ୍ରଶାସନ ପକ୍ଷରୁ ସେହି ସମସ୍ତ ଅପରିଷ୍କାର ଖାଦ୍ୟକୁ ତୁରନ୍ତ ନଷ୍ଟ କରାଯିବା ସହ ବ୍ୟବସାୟୀମାନଙ୍କୁ କଡ଼ା ଚେତାବନୀ ଦିଆଯାଇଛି । ନିୟମ ଉଲ୍ଲଂଘନ ଅଭିଯୋଗରେ ବିଭିନ୍ନ ଦୋକାନୀଙ୍କ ଠାରୁ ସର୍ବମୋଟ ୨୭,୫୦୦ ଟଙ୍କା ଜରିମାନା ଆଦାୟ କରାଯାଇଛି । ପରିବେଶ ସୁରକ୍ଷାକୁ ଦୃଷ୍ଟିରେ ରଖି ସରକାରଙ୍କ ଦ୍ୱାରା ନିଷିଦ୍ଧ କରାଯାଇଥିବା ସିଙ୍ଗଲ୍ ୟୁଜ୍ ପ୍ଲାଷ୍ଟିକ୍ ବା ପଲିଥିନ ବ୍ୟବହାର ବିରୋଧରେ ମଧ୍ୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି । ଟିମ୍ ପକ୍ଷରୁ ବିଭିନ୍ନ ଦୋକାନରୁ ପ୍ରାୟ ୨୮ କେଜି ନିଷିଦ୍ଧ ପଲିଥିନ ଜବତ କରାଯାଇଛି । ଏହା ସହିତ ରାସ୍ତା କଡ଼ରେ ବେଆଇନ ଭାବେ ଗଢ଼ି ଉଠିଥିବା ଅସ୍ଥାୟୀ ମାଂସ ଦୋକାନଗୁଡ଼ିକୁ ପୌରପାଳିକା ଟିମ୍ ପକ୍ଷରୁ ସମ୍ପୂର୍ଣ୍ଣ ଭାବେ ଉଚ୍ଛେଦ କରାଯାଇଛି । ଆଗାମୀ ଦିନରେ ଜନସ୍ୱାସ୍ଥ୍ୟକୁ ପ୍ରାଥମିକତା ଦେଇ ଏହିଭଳି ଯାଂଚ୍ ପ୍ରକ୍ରିୟା ଜାରି ରହିବ ବୋଲି ପୌର ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି ।

'ପ୍ରତିଷ୍ଠା' ପକ୍ଷରୁ ରକ୍ତଦାନ ଶିବିର, ୩୦ ୟୁନିଟ୍ ସଂଗ୍ରହ

ସମ୍ବଲପୁର,୧୪/୪(ନି/ପ୍ର): ଗ୍ରୀଷ୍ମ ପ୍ରବାହ ଓ ରକ୍ତ ଅଭାବକୁ ନଜରରରେ ରଖି ଜନକଲ୍ୟାଣ ଅନୁଷ୍ଠାନ ପ୍ରତିଷ୍ଠା ପରିବାର ତରଫରୁ ବୁର୍ଲା ଭୀମସାର ସ୍ଥିତ ରକ୍ତ ଭଣ୍ଡାରରେ ଗତକାଲି ଅନୁଷ୍ଠିତ ଏକ ଶିବିର ବିଭିନ୍ନ ବର୍ଗର ୩୦ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା । ପ୍ରତିଷ୍ଠାର ବରିଷ୍ଠ ଉପଦେଷ୍ଟା ତଥା ଭୀମସାରର ପ୍ରାକ୍ତନ ଅଧ୍ୟକ୍ଷ ପ୍ର. ବ୍ରଜ ମୋହନ ମିଶ୍ର ମୁଖ୍ୟ ଅତିଥି, ରକ୍ତ ଭଣ୍ଡାରର ମୁଖ୍ୟ ଡା. ଚିନ୍ନ ରଞ୍ଜନ ପଣ୍ଡା ଓ ଲୋକ ସମ୍ପର୍କ ଅଧିକାରୀ ଡା. ଦେବାଶିଷ ମିଶ୍ର ସମ୍ମାନିତ ଅତିଥି ଭାବରେ ଶିବିରକୁ ଉଦଘାଟନ କରିଥିଲେ । ସଭାପତି ପ୍ରସନ୍ନ ସାହୁଙ୍କ ସଭାପତିତ୍ୱରେ ସମ୍ପାଦକ ସୁବ୍ରତ ପଟ୍ଟନାୟକ ଅତିଥି ମାନଙ୍କୁ ସମ୍ମାନିତ କରିଥିବା ବେଳେ କାର୍ଯ୍ୟକ୍ରମ ସଂଯୋଜକ ତରଣୀ ସେନ ଚାନ୍ଦ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।ଏହି କାର୍ଯ୍ୟକ୍ରମରେ ପ୍ରତିଷ୍ଠାର ସକ୍ରିୟ ସଦସ୍ୟ ଜୟନ୍ତ କୁମାର ସାହୁ, ଗୋବର୍ଦ୍ଧନ ଗୌଡ଼, ଶ୍ୟାମ ଗୌଡ଼, ସନାତନ ବାରିକ,ଇଂ ଦୀପକ କୁମାର ରାଉତ, ସଞ୍ଜୀବ ପଣ୍ଡା କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ରାଜେଶ ପଟ୍ଟନାୟକ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ । ଗ୍ରୀଷ୍ମ ପ୍ରବାହ ମଧ୍ୟରେ ଆଉ ଏକ ରକ୍ତଦାନ ଶିବିର ଓ ଗ୍ରାମାଂଚଳରେ ମାଗଣା ସ୍ୱାସ୍ଥ୍ୟ ସେବା ଶିବିର ଆୟୋଜନ କରାଯିବ ବୋଲି ପ୍ରତିଷ୍ଠା ସୂତ୍ରରୁ ପ୍ରକାଶ ।

ଶୋଭନୀୟ ଶିକ୍ଷାଶ୍ରମ ପକ୍ଷରୁ ଅଶୋଭନୀୟତା ନିରୋଧ ଦିବସ

ସମ୍ବଲପୁର,୧୪/୪(ନି/ପ୍ର): ୧୯୬୨ ମସିହା ଅପ୍ରେଲ ମାସ ୮ ତାରିଖରେ ଅଶୋଭନୀୟତା ନିରୋଧ ଆନ୍ଦୋଳନ ଜନ୍ମ ନେଇଥିଲା । ମାତ୍ର ୧୬ ବର୍ଷ ବୟସରେ ଶ୍ରୀ କୁମାର ଭାଇ ଏହି ଆନ୍ଦୋଳନର ପ୍ରବର୍ତ୍ତନ କରିଥିଲେ । ସାହିତ୍ୟ, କଳା, ସମ୍ବାଦପତ୍ର, ନାଟକ ଓ ଚଳଚ୍ଚିତ୍ରରେ ଅଶୋଭନୀୟତାର ନିରୋଧ ଏବଂ ଶୋଭନୀୟତାର ବିକାଶ ହେଲେ ମାନବର ମନ, ରଚି ତଥା ଜୀବନ ନିଶ୍ଚିତ ଶୋଭନୀୟ, ଶୃଙ୍ଖଳିତ ଓ ଉନ୍ନତ ହେବ ବୋଲି ଶ୍ରୀ କୁମାର ଭାଇଙ୍କ ବାର୍ତ୍ତା ସମାଜ ପାଇଁ ଆଜି ଦିନରେ ଏକ ଆହ୍ୱାନ ବୋଲି ଶ୍ରୀ କୁମାର ଭାଇଙ୍କ ଷୋଡଶ ଜନ୍ମ ଦିବସରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସମାଜସେବୀ ତଥା ସମ୍ବଲପୁର ଜିଲ୍ଲା ଶିଶୁ ମଙ୍ଗଳ ସମିତିର ସଦସ୍ୟ ଡା. ରାଜାରାମ ଷଡ଼ଙ୍ଗୀ ଆଲୋଚନା କରି ଦେଶସେବୀ ପଦ୍ମଶ୍ରୀ ଡ଼କ୍ଟର ଲକ୍ଷ୍ମୀନାରାୟଣ ସାହୁ ଓ ଡକ୍ଟର ପ୍ରାଣକୃଷ୍ଣ ପରିଜାଙ୍କୁ ମନେ ପକାଇ ସେମାନଙ୍କ ଦୃଢ଼ ସମର୍ଥନ ଯୋଗୁଁ ଏହି ଆନ୍ଦୋଳନ ୧୯୬୬ ମସିହାରେ ଆନ୍ତର୍ଜାତିକ ଅଶୋଭନୀୟତା ନିରୋଧ ଆନ୍ଦୋଳନ ନାମରେ ରେଜିଷ୍ଟ୍ରୀକରଣ ହୋଇଥିଲ ଓ ସ୍ଥାନୀୟ ପୁଟିବନ୍ଧ ସ୍ଥିତ ଶୋଭନୀୟ ଶିକ୍ଷାଶ୍ରମ ଠାରେ ଆୟୋଜିତ ଶ୍ରୀ କୁମାର ଭାଇଙ୍କ ଷୋଡଶ ଜନ୍ମ ଦିବସ ପାଳନ ହୋଇଥିଲା । ପ୍ରାରମ୍ଭରେ ପତାକା ଉତୋଳନ କରି ଆୟୋଜିତ ସଭାରେ ମୁଖ୍ୟଅତିଥି ଡାକ୍ତର ଷଡ଼ଙ୍ଗୀ କହିଥିଲେ ପ୍ରାଥମିକ ଶିକ୍ଷାସ୍ତରରୁ ଉଚ୍ଚଶିକ୍ଷା ପର୍ଯ୍ୟନ୍ତ ପୃଥିବୀର ପ୍ରତି ଦେଶର ଶିକ୍ଷାପଦ୍ଧତିରେ ମାନବିକତା, ନୈତିକତା , ଆତ୍ମସମୀକ୍ଷା, ଆତ୍ମଶୁଦ୍ଧି, ବିଶ୍ୱଭ୍ରାତୃତ୍ୱ ଏବଂ ବିଶ୍ୱ ଶାନ୍ତି ପାଇଁ ସୁଚେତନା ଓ ଆନ୍ତରିକତା ସୃଷ୍ଟି କରିବାକୁ ବିଶେଷ ସଂସ୍କାର ବ୍ୟବସ୍ଥା ପ୍ରବର୍ତ୍ତନ ସହିତ କଳା,ସାହିତ୍ୟ, ସମସ୍ତ ଗଣମାଧ୍ୟମ ଯଥା-ରେଡ଼ିଓ, ଟି.ଭି., ଭିଡିଓ, ସିନେମାରେ ଉଚ୍ଛୃଙ୍ଖଳତା ଓ ହିଂସାଭାବ ଉଦ୍ରେକକାରୀ ବର୍ଣ୍ଣନା ଏକ ଅଶୋଭନୀୟତାର ଲକ୍ଷଣ । ଏଭଳି ବର୍ଣ୍ଣନାକୁ ନିରୋଧ ଏବଂ ପ୍ରତି କ୍ଷେତ୍ରରେ ଶୋଭନୀୟତାର ବିକାଶ ପାଇଁ ଏଭଳି ଆନ୍ଦୋଳନ ଏକ ଜନ ଜାଗରଣର ବିଷୟ ।ଯାହାକୁ କୁମାର ଭାଇ ଜନ୍ମ ଦେଇଥିଲେ । ସଭାରେ ଶିକ୍ଷାଶ୍ରମର ପ୍ରଧାନ ଶିକ୍ଷକ ଅତିଥି ପରିଚୟ, ସ୍ୱାଗତ ଭାଷଣ ସହିତ ମଚଂ ପରିଚାଳନା କରିଥିଲେ । ଅବିନାଶ ଶତପଥୀ, ଲକ୍ଷ୍ମୀପ୍ରିୟ ପାତାଳସିଂ ପ୍ରମୁଖ ଅଭିନ୍ନ ଶିକ୍ଷଣୀୟ କାର୍ଯ୍ୟକ୍ରମ ସଂଚାଳନ କରିଥିବା ବେଳେ ଶେଷରେ ଚନ୍ଦ୍ରକାନ୍ତି ସାହୁ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଅବସରରେ କୃତି ଶିକ୍ଷାର୍ଥୀଙ୍କୁ ପୁରସ୍କୃତ କରାଯାଇଥିଲା ।

'ଭଜୁଥିବୁରେ ଜପୁଥିବୁରେ ମନେ ମନେ ଗୁଟେ ନାଆଁ' ଗୀତ ହେଲା ରିଲିଜ

ସମ୍ବଲପୁର,୧୪/୪(ନି/ପ୍ର):ପବିତ୍ର ହନୁମାନ ଜୟନ୍ତୀ ଅବସରରେ ତ୍ରିମୁର୍ତି ପ୍ରଡ଼କ୍ସନ ପକ୍ଷରୁ ଶ୍ରୀରାମ ଙ୍କର ଉପରେ ଆଧାରିତ ଭକ୍ତି ଗୀତ ସ୍ଥାନୀୟ ସାମ୍ବାଦିକ ଭବନ ଠାରେ ଶୁଭ ଉଦଘାଟିତ ହୋଇଯାଇଛି । ବିଶିଷ୍ଟ କଣ୍ଠ ଶିଳ୍ପୀ ତ୍ରିଲୋଚନ ତ୍ରିପାଠୀ ଙ୍କ ସହ ପୂଜା ମୁଣ୍ଡା ଏହି ଗୀତ ରେ କଣ୍ଠ ଦାନ କରିଛନ୍ତି କ୍ଷ ଗୀତିକାର ସନତ ମିଶ୍ର ଏହି ଭକ୍ତି ଗୀତ ' ଭଜୁଥିବୁରେ ଜପୁଥିବୁରେ ମନେ ମନେ ଗୁଟେ ନାଆଁ...ରାମ ରାମ ....' । ଗୀତ ଟିକୁ ସଂଗୀତ ରେ ସଜେଇଛନ୍ତି ଏସ. ପି. ମ୍ୟୁଜିକ ଓ ଆଜିର ଏହି ମ୍ୟୁଜିକ ଆଲବମ ର ଶୁଭ ଉନ୍ମୋଚନ ଉତ୍ସବରେ ଅତିଥି ଭାବରେ ବିଶିଷ୍ଟ ସଙ୍ଗୀତଜ୍ଞ ପ୍ରଫୁଲ୍ଲ ମିତ୍ର, ମୋତିଲାଲ ଦୋରା, ପ୍ରମୋଦ ମିଶ୍ର, ପ୍ରୟାଗ ରାଜ ବେହେରା, କଣ୍ଠ ଶିଳ୍ପୀ ପୂଜା ମୁଣ୍ଡା ଓ ତ୍ରିଲୋଚନ ତ୍ରିପାଠୀ ପ୍ରମୁଖ ମଂଚାସୀନ ଥିଲେ ଓ ଏହିଅବସରରେ ଶ୍ରୀ ମିତ୍ର କହିଲେ ଯେ, ଆଜିର ଦିନରେ ଯେତେ ମାତ୍ରାରେ କଣ୍ଠ ଶିଳ୍ପୀ ମାନେ ସୃଷ୍ଟି ହେବା କଥା ତାହା ହୋଇପାରୁନାହିଁ ଓ ବିଗତ ଦିନରେ ଆକାଶବାଣୀ ଏହା ଏକ ମୁଖ୍ୟ ଆଧାର ଥିଲା, ଯେଉଁଠୁ କଳାକାର ସୃଷ୍ଟି ହୋଇ ସମାଜରେ ପ୍ରତିଷ୍ଠିତ ହେଉଥିଲେ ଓ କିନ୍ତୁ, ଯେଉଁପରି ଭାବରେ କଳାକାର ଙ୍କ ପାଇଁ ଅଡିସନ ହେବା କଥା ତାହା ହେଉନାହିଁ ଓ ଯଦ୍ୱାରା ଏହି ଭଳି ସମସ୍ୟା ସୃଷ୍ଟି ହେଉଛି ଓ ଅନ୍ୟତମ ଅତିଥି ଶ୍ରୀ ଦୋରା କହିଲେ ଯେ, ନିୟମିତ ଭାବରେ ଏମିତି ମ୍ୟୁଜିକ ଆଲବମ ଗୀତ ଗୁଡ଼ିକ ରିଲିଜ ହେବା କଥା, ଯଦ୍ୱାରା ଲୁକ୍କାୟିତ କଳାକାର ମାନେ ଲୋକ ଲୋଚନ କୁ ଆସିବା ସାଥିରେ ପ୍ରତିଷ୍ଠିତ ହୋଇ ପାରନ୍ତେ ଓ ଏହି ସଂଗୀତମୟ ପରିବେଶରେ ଉନ୍ମୋଚିତ ଭକ୍ତି ଗୀତ ' ଭଜୁଥିବୁରେ ଜପୁଥିବୁରେ ମନେ ମନେ ଗୁଟେ ନାଆଁ... ' ର ଅଡିଓ ଓ ଭିଡିଓ କୁ ପ୍ରଦର୍ଶିତ କରାଯାଇଥିଲା ଓ ଏହି ଗୀତଟିର ଭିଡିଓ ପ୍ରସ୍ତୁତିରେ ମାନସ ମିଶ୍ର ଓ ବି. ଶଙ୍କର ମୁଖ୍ୟ ଭୂମିକା ନିର୍ବାହ କରିଥିବା ବେଳେ ଗୀତଟି ' ଚିତ୍ରିତା ଏ. ଭି. ସ୍ଲ୍ୟୁସନ 'ରେ ରେକର୍ଡିଂ ହୋଇଥିବା ବେଳେ ରେକଡିଷ୍ଟ ହେଉଛନ୍ତି ସୌରଭ ଛତ୍ରପାଲ ଓ ସୂଚନା ଯୋଗ୍ୟ ଯେ ଏହି ଗୀତଟି ଉଭୟ ମେଲ ଓ ଫିମେଲ ଭର୍ଶନ ରେ ପ୍ରଯୋଜିତ ହୋଇଛି କ୍ଷ ଏହି ଗୀତରେ ଭିଡିଓ ଭର୍ଶନ କୁ ଖୁବ ଶୀଘ୍ର ୟୁଟ୍ୟୁବ ରେ ରିଲିଜ କରାଯିବ ବୋଲି କଣ୍ଠଶିଳ୍ପୀ ତ୍ରିଲୋଚନ ତ୍ରିପାଠୀ ସୂଚନା ଦେଇଛନ୍ତି ଓ ଆଶା କରାଯାଉଛି ଏକ ପବିତ୍ର ଦିନରେ ରିଲିଜ ହୋଇଥିବା ଗୀତ 'ଭଜୁଥିବୁରେ ଜପୁଥିବୁରେ...' ବହୁ ମାତ୍ରାରେ ଆଦୃତ ହେବ ।

ବୁର୍ଲା ଥାନା କନେଷ୍ଟବଳ ସରୋଜ ତିର୍କୀଙ୍କ ପରଲୋକ

ସମ୍ବଲପୁର,୧୪/୪(ନି/ପ୍ର): ସମ୍ବଲପୁର ଜିଲ୍ଲା ବୁର୍ଲା ଥାନାରେ କାର୍ଯ୍ୟରତ ଜଣେ କନେଷ୍ଟବଳଙ୍କ ଅକାଳ ବିୟୋଗ ଘଟିଛି । ମୃତ କନେଷ୍ଟବଳ ହେଲେ ସୁନ୍ଦରଗଡ଼ ଜିଲ୍ଲା କୁତ୍ରା ଥାନା ଅନ୍ତର୍ଗତ କୁସୁମଡେଗ ଗ୍ରାମର ସରୋଜ ରାଜ ତିର୍କୀ (୪୧) ବୋଲି ଜଣାଯାଇଛି । ତାଙ୍କର ଏହି ଆକସ୍ମିକ ମୃତ୍ୟୁକୁ ନେଇ ସମ୍ବଲପୁର ପୋଲିସ ବିଭାଗରେ ଶୋକର ଛାୟା ଖେଳିଯାଇଛି । କନେଷ୍ଟବଳ ସରୋଜ ଗତ କିଛି ଦିନ ହେବ ଅସୁସ୍ଥ ଥିଲେ ଏବଂ ଛୁଟିରେ ରହି ନିଜର ଚିକିତ୍ସା କରାଉଥିଲେ । ତାଙ୍କ ଅବସ୍ଥା ଗୁରୁତର ହେବାରୁ ପରିବାର ଲୋକେ ତାଙ୍କୁ ଉନ୍ନତ ଚିକିତ୍ସା ପାଇଁ ଭୁବନେଶ୍ୱର ନେଇଯାଉଥିଲେ । ଭୁବନେଶ୍ୱର ଯିବା ବାଟରେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ସଙ୍କଟାପନ୍ନ ହୋଇଥିଲା, ଯାହାଫଳରେ ତାଙ୍କୁ ଅଧା ବାଟରୁ ବୁର୍ଲା ଭିମସାରକୁ ଫେରାଇ ଅଣାଯାଇଥିଲା । ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ରବିବାର ତାଙ୍କର ମୃତ୍ୟୁ ଘଟିଛି ଓ ଖବର ପାଇ ବୁର୍ଲା ପୋଲିସ ଶବ ଜବତ କରି ବ୍ୟବଚ୍ଛେଦ କରାଇଛି । ବ୍ୟବଚ୍ଛେଦ ପରେ ମୃତଦେହକୁ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି ।

ଜିଲ୍ଲାରେ ଓଡ଼ିଆ ପକ୍ଷ ପାଳନ ଅବସରରେ ବନ୍ଦନୀୟ ବରପୁତ୍ର ଅନୁଷ୍ଠିତ

ଝାରସୁଗୁଡ଼ା,୧୪/୪(ନି/ପ୍ର): ଓଡ଼ିଆ ଜାତିର ସ୍ୱାଭିମାନ, ଅସ୍ମିତା ଓ ସମୃଦ୍ଧ ସଂସ୍କୃତିର ମୂଳଦୁଆ ପକାଇଥିବା ବରପୁତ୍ରମାନଙ୍କୁ ସମ୍ମାନ ଜଣାଇବା ଉଦ୍ଦେଶ୍ୟରେ ଝାରସୁଗୁଡ଼ା ଜିଲ୍ଲା ପ୍ରଶାସନ ପକ୍ଷରୁ 'ଓଡ଼ିଆ ପକ୍ଷ' ଅବସରରେ ବନ୍ଦନୀୟ ବରପୁତ୍ର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ସଂସ୍କୃତି ଭବନ ପରିସରରେ 'ବନ୍ଦନୀୟ ବରପୁତ୍ର' କାର୍ଯ୍ୟକ୍ରମ ମାଧ୍ୟମରେ ପୂର୍ବଜଙ୍କ ବୀରଗାଥା ଓ ତ୍ୟାଗକୁ ମନେ ପକାଯିବା ସହ ଏକ ସଶକ୍ତ ଓଡ଼ିଶା ଗଠନ ପାଇଁ ଶପଥ ଗ୍ରହଣ କରାଯାଇଛି । ଓଡ଼ିଆ ପକ୍ଷ ପାଳନର ଦ୍ୱାଦଶ ଦିବସକୁ ଜିଲ୍ଲାରେ 'ବନ୍ଦନୀୟ ବରପୁତ୍ର' ଦିବସ ଭାବେ ପାଳନ କରାଯାଉଛି । ଓଡ଼ିଶାର ମାଟି, ଭାଷା ଏବଂ ସଂସ୍କୃତିର ଗୌରବମୟ ପରିଚୟ ଗଢ଼ିବାରେ ନିଜକୁ ଉତ୍ସର୍ଗ କରିଥିବା ମନୀଷୀମାନଙ୍କ ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି ।ସେମାନଙ୍କ ଅତୁଳନୀୟ ସାହସ ଓ ନିଷ୍ଠା ଆଜିର ଯୁବପିଢ଼ି ପାଇଁ ପ୍ରେରଣାର ଅକ୍ଷୟ ଶକ୍ତି ବୋଲି ଅତିଥିମାନେ ମତବ୍ୟକ୍ତ କରିଛନ୍ତି । ଏହି ଅବସରରେ ବିଶେଷ କରି କାର୍ଯ୍ୟକ୍ରମରେ କବି ଓ କବୟିତ୍ରୀମାନେ ସ୍ୱରଚିତ କବିତା ପାଠ କରି ପରିବେଶକୁ ସାହିତ୍ୟମୟ କରିଥିଲେ । ଉକ୍ତ ସମାରୋହରେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) କିଶୋର ଚନ୍ଦ୍ର ସ୍ୱାଇଁ, ଡେପୁଟି କଲେକ୍ଟର ତଥା ଜିଲ୍ଲା ସଂସ୍କୃତି ଅଧିକାରୀ ହରେକୃଷ୍ଣ ବରିହା, ଲକ୍ଷ୍ମୀ ନାରାୟଣ ମହାବିଦ୍ୟାଳୟର ପୂର୍ବତନ ଅଧ୍ୟାପକ ରୋହିତ କୁମାର ପଟେଲ ଏବଂ ଓଡ଼ିଶା ସାହିତ୍ୟ ଏକାଡେମୀର ପୂର୍ବତନ ସଦସ୍ୟା ଡ଼. ଶିବପ୍ରିୟା ମିଶ୍ର, ସୁରଙ୍ଗ ପଧାନ, ଉପ ସଭାପତି, ଜିଲ୍ଲା କଳା ସଂସ୍କୃତି ସଂଘ, ଝାରସୁଗୁଡା, ଡ଼. ସ୍ୱର୍ଣ୍ଣମୟୀ ପୁରୋହିତ, ଅଧ୍ୟାପିକା ଲକ୍ଷ୍ମୀ ନାରାୟଣ ମହାବିଦ୍ୟାଳୟ, ଝାରସୁଗୁଡା ଅତିଥି ଭାବେ ଯୋଗ ଦେଇଥିଲେ । ଅନ୍ୟାନ୍ୟ ବିଶିଷ୍ଟ ବ୍ୟକ୍ତି ଓ ସାହିତ୍ୟାନୁରାଗୀଙ୍କ ଉପସ୍ଥିତିରେ ଏହି କାର୍ଯ୍ୟକ୍ରମଟି ସଫଳତାର ସହ ସମ୍ପନ୍ନ ହୋଇଛି ।

ସ୍ୱେଚ୍ଛାକୃତ ରକ୍ତଦାନ ଶିବିର

ବଲାଙ୍ଗୀର,୧୪/୪(ନି/ପ୍ର) : ଓଡିଆ ପକ୍ଷ ପାଳନ ଅବସରରେ ପଂଚାୟତ ସମିତି ସ୍ନାତକ ମହାବିଦ୍ୟାଳୟ ବଙ୍ଗୋମୁଣ୍ଡା ଆନୁକୂଲ୍ୟରେ 'ସ୍ୱେଚ୍ଛାକୃତ ରକ୍ତଦାନ ଶିବିର' ଅନୁଷ୍ଠିତ ହୋଇଯାଇଛି । ଅଧ୍ୟକ୍ଷ ଡକ୍ଟର ଶୋଭେନ୍ଦ୍ର କୁମାର ମେହେର ଉଦ୍ଘାଟନ କରି ସମସ୍ତ ଛାତ୍ରୀଛାତ୍ର, ଅଧ୍ୟାପକ, ଅଧ୍ୟାପିକା ତଥା ସ୍ୱେଚ୍ଛାସେବୀଙ୍କ ଉଦ୍ଦେଶ୍ୟରେ ରକ୍ତଦାନ ସମ୍ପର୍କରେ ମତାମତ ପ୍ରଦାନ କରିଥିଲେ । ଯୁବ ରେଡକ୍ରସ ଓ ଜାତୀୟ ସେବା ଯୋଜନା ପକ୍ଷରୁ

ରାଜ୍ୟ ସ୍ତରୀୟ ମିନି ଓ ସବ ଜୁନିଅର ବ୍ୟାଡ଼ମିଂଟନ ପ୍ରତିଯୋଗିତା ଉଦ୍‌ଯାପିତ

ସମ୍ବଲପୁର,୧୪/୪(ନି/ପ୍ର): ସ୍ଥାନୀୟ ବୀର ସୁରେନ୍ଦ୍ର ସାଏ ଇଣ୍ଡୋର ବ୍ୟାଡ଼ମୀଂଟନ ହଲ ଠାରେ ଓଡିଶା ବ୍ୟାଡ଼ମୀଟଂନ ସଂଘ ଆନୁକୂଲ୍ୟରେ ତଥା ଜିଲ୍ଲା ବ୍ୟାଡ଼ମୀଂଟନ ସଂଘ ସହଯୋଗରେ ମିନି ତଥା ସବ ଜୁନିଅର ରେଙ୍କିଙ୍ଗ ବ୍ୟାଡ଼ମିଂଟନ ଟୁର୍ନାମେଂଟ ଅନୁଷ୍ଠିତ ହୋଇଯାଇଛି ଓ ଏହି ଟୁର୍ନାମେଂଟରେ ଅଂଶଗ୍ରହଣ କରିବାକୁ ଓଡ଼ିଶାର ବିଭିନ୍ନ ଜିଲ୍ଲା ରୁ ଶତାଧିକ କୁନି କୁନି ଖେଳାଳି ମାନେ ଅଂଶଗ୍ରହଣ କରିଥିଲେ ଓ ଉଦଯାପନୀ ଉତ୍ସବ ରେ ଅତିଥି ଭାବରେ ରାଜ୍ୟ ବ୍ୟାଡ଼ମୀଟଂନ ସଂଘର ସାଧାରଣ ସମ୍ପାଦକ ନୀଲୀନ କୁମାର, ଯୁଗ୍ମ ସମ୍ପାଦକ ଶୈଳେନ୍ଦ୍ର ଚୌଧୁରୀ ଓ ଜୟ ପ୍ରକାଶ ସିଂ, ବରଗଡ଼ ଜିଲ୍ଲା ବ୍ୟାଡ଼ମୀଂଟନ ସଂଘ ର ସମ୍ପାଦକ ଶିବମ ଅଗ୍ରୱାଲ, ପୂର୍ବତନ ଖେଳାଳି ଦେବଦନ୍ତ ମିଶ୍ର ଓ ନାରାୟଣ ଦୋରା, ଜିଲ୍ଲା ବ୍ୟାଡ଼ମୀଂଟନ ସଂଘର ଯୁଗ୍ମ ସମ୍ପାଦକ ଅଭିଷେକ ବିଶ୍ୱାସ, ମୁଖ୍ୟ ମ୍ୟାଚ ରେଫରୀ ଲକ୍ଷପତି ନନ୍ଦ, ଟେକ୍ନିକାଲ ଅଫିସିଆଲ ଅବଜର୍ଭର ସମୀର କୁମାର ସାହୁ ପ୍ରମୁଖ ଉପସ୍ଥିତ ରହି ଖେଳାଳି ମାନଙ୍କୁ ଉତ୍ସାହିତ କରିଥିଲେ ଓ ଏହି ଅବସରରେ ଅତିଥି ମାନେ କହିଲେ ଯେ ଜିତିବା ହାରିବା ଜୀବନର ଅନୁଭବ ଓ ସବୁକିଛି କୁ ସାଉଁଟି ଯିଏ ଆଗକୁ ବଢିଚାଲିବା ହିଁ ଜୀବନର ଏକ ମନ୍ତ୍ର ଓ ଶିଶୁ ମାନେ ହେଉଛନ୍ତି ଦେଶର ଭବିଷ୍ୟତ, ଏହି ବୟସରେ ହିଁ ମୂଳଦୁଆ ପଡିଥାଏ ଓ ଗତ ୩ ଦିନ ବ୍ୟାପି ଅନୁଷ୍ଠିତ ହୋଇଥିବା ଥିବା ଏହି ରେଙ୍କିଙ୍ଗ ବ୍ୟଡ଼ମିଂଟନ ଟୁର୍ନାମେଂଟରୁ ଓଡିଶା ବ୍ୟାଡ଼ମିଂଟନ ସଂଘ ଦ୍ୱାରା ଅନୁବନ୍ଧିତ ଅମ୍ପାୟାର ମାନେ ପରିଚାଳନା କରିଥିଲେ ଓ ଶେଷରେ ଏହି ରେଙ୍କିଙ୍ଗ ଟୁର୍ନାମେଂଟରେ ବିଜେତା ଓ ଉପ ବିଜେତା ମାନଙ୍କୁ ଅତିଥି ମାନେ ପୁରସ୍କୃତ କରିଥିଲେ ଓ ପୁରସ୍କାର ବିତରଣ ସଭା କୁ ପରିଚାଳନା ରେ ସହଯୋଗ କରିଥିଲେ ଟିକେଶ୍ୱର ସାହୁ, ସୂର୍ଯ୍ୟ ପାଣିଗ୍ରାହୀ, ଅନନ୍ତ ବେହେରା, ବାବୁଲୁ ପ୍ରଧାନ, ହେମାନନ୍ଦ ଥପା, ବବଲୁ ସାହୁ, ପଠ୍ୱନ ସାହୁ ଓ ମଣି ବେଜି ।

ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଭାରତୀୟ ସମ୍ବିଧାନର ଜନକ ଡକ୍ଟର ଭୀମରାଓ ଆମ୍ବେଦକରଙ୍କ ଜୟନ୍ତୀ ପାଳିତ

ରାଉରକେଲା,୧୪/୪(ନି/ପ୍ର): ଭାରତୀୟ ସମ୍ବିଧାନର ସ୍ଥପତି, ସାମାଜିକ ନ୍ୟାୟର ପ୍ରତୀକ 'ଭାରତ ରତ୍ନ' ଡକ୍ଟର ଭୀମରାଓ ଆମ୍ବେଦକରଙ୍କ ଜୟନ୍ତୀରେ ରାଉରକେଲା ପ୍ରଶାସନ ସମେତ ବିଭିନ୍ନ ରାଜନୈତିକ ଦଳ ପକ୍ଷରୁ ମାଲ୍ୟାର୍ପଣ କରାଯାଇଛି । ସାମାଜିକ ନ୍ୟାୟ, ସମରସତା ଏବଂ ଗଣତାନ୍ତ୍ରିକ ମୂଲ୍ୟବୋଧର ପ୍ରତିଷ୍ଠା ପାଇଁ ତାଙ୍କର ଅତୁଳନୀୟ ଅବଦାନ ଆମ ଗଣତନ୍ତ୍ରକୁ ସୁଦୃଢ଼ କରିଛି । ଡକ୍ଟର ଭୀମରାଓ ଆମ୍ବେଦକରଙ୍କ ଜୟନ୍ତୀ ଅବସରରେ ରାଉରକେଲା ପ୍ରଶାସନ ଏବଂ ଅନ୍ୟାନ୍ୟ ଅନୁଷ୍ଠାନ ପକ୍ଷରୁ ରାଉରକେଲା ଉଦିତନଗର ସ୍ଥିତ ଡକ୍ଟର ଭୀମରାଓ ଆମ୍ବେଦକରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯିବା ସହିତ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା । ରାଉରକେଲା ଉଦିତନଗର ଆମ୍ବେଦକର ଛକ ସ୍ଥିତ ଡକ୍ଟର ବାବାସାହେବ ଆମ୍ବେଦକରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ ରାଉରକେଲା ଅତିରିକ୍ତ ଜିଲ୍ଲାପାଳ ତଥା ମହାନଗର ନିଗମ କମିଶନର ଦୀନାଃ ଦସ୍ତଗୀର, ପାନପୋଷ ଉପଜିଲ୍ଲାପାଳ ବିଜୟ କୁମାର ନାୟକ ଜିଲ୍ଲା ବିଜେପି ସଭାପତି ଶ୍ରୀମତୀ ପୂର୍ଣ୍ଣିମା କେରକେଟା, ରାଉରକେଲା ଓକିଲ ସଂଘର ସଭାପତି ସଦାନନ୍ଦ ସାହୁ, ରାଉରକେଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଶ୍ରୀମତୀ ସୀମା ଫାତିମା ଏକ୍କାଙ୍କ ସମେତ ବହୁ ବ୍ୟକ୍ତି ବିଶେଷ । ସେହିପରି ଜିଲ୍ଲା ବିଜେପି ତରଫରୁ ବିଜେପି ସଭାପତି ପୂର୍ଣ୍ଣିମା କେରକେଟାଙ୍କ ନେତୃତ୍ୱରେ ବରିଷ୍ଠ ନେତା ଜଗବନ୍ଧୁ ବେହେରାଙ୍କ ସମେତ ବହୁ ବିଜେପି ସମର୍ଥକ ଡକ୍ଟର ବାବାସାହେବ ଆମ୍ବେଦକରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । କଂଗ୍ରେସ ପକ୍ଷରୁ ରାଉରକେଲା ଜିଲ୍ଲା କଂଗ୍ରେସ ସଭାପତି ସବୀର ହୁସେନଙ୍କ ନେତୃତ୍ୱରେ ଏକ ପ୍ରତିନିଧି ମଣ୍ଡଳୀ ଉଦିତନଗର ଆମ୍ବେଦକର ଛକରେ ଥିବା ଡକ୍ଟର ବାବାସାହେବ ଆମ୍ବେଦକରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ଭାରତର କମ୍ୟୁନିଷ୍ଟ ପାର୍ଟି (ମାର୍କ୍ସବାଦୀ) ରାଉରକେଲା ଆଂଚଳିକ କମିଟି ପକ୍ଷରୁ ଉଦିତନଗର ଆମ୍ବେଦକର ଛକ ସ୍ଥିତ ଡକ୍ଟର ଭୀମ୍ ରାଓ ଆମ୍ବେଦକରଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପ ମାଲ୍ୟ ଅର୍ପଣ କରାଯିବା ସହିତ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା । ବିଜୁ ଜନତାଦଳ ପକ୍ଷରୁ ସେକ୍ଟର-୭ ଓ ୧୭ ଛକରେ ଥିବା ଡକ୍ଟର ଭୀମ୍ ରାଓ ଆମ୍ବେଦକରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ ପ୍ରଶାନ୍ତ ସେଠିଙ୍କ ସମେତ ଅନ୍ୟାନ ବିଜେଡି କର୍ମୀ ।

ରାଉରକେଲା ବିଶ୍ରାରେ ଯୁଗ୍ମ ଜନ ଅଭିଯୋଗ ଶୁଣାଣି

ରାଉରକେଲା,୧୪/୪(ନି/ପ୍ର): ଆଜି ବିଶ୍ରା ବ୍ଲକର ସମ୍ମିଳନୀ କକ୍ଷରେ ଯୁଗ୍ମ ଜନଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି । ଏଥିରେ ସୁନ୍ଦରଗଡ ଜିଲ୍ଲାପାଳ ଡାକ୍ତର ଶୁଭଙ୍କର ମହାପାତ୍ର ଓ ରାଉରକେଲା ଆରକ୍ଷୀ ଅଧିକ୍ଷକ ନିତେଶ ୱାଧୱାନୀ ଉପସ୍ଥିତ ରହି ଜନସାଧାରଣଙ୍କର ଅଭିଯୋଗ ଗୁଡ଼ିକର ଶୁଣାଣି କରିଥିଲେ । ଆଜି ମୋଟ ୨୬ଟି ଅଭିଯୋଗର ଶୁଣାଣୀ ହୋଇଥିଲା କ୍ଷ ସେଥି ମଧ୍ୟରୁ ୧୦ଟି ବ୍ୟକ୍ତିଗତ ଅଭିଯୋଗ ରହିଥିବା ବେଳେ ୧୪ଟି ସାମୁହିକ ଅଭିଯୋଗ ରହିଥିଲା । ଏଥିମଧ୍ୟରୁ ୩ଟି ଅଭିଯୋଗର ତତ୍କ୍ଷଣାତ୍ ସମାଧାନ କରାଯାଇଥିଲା । ଏଥିସହିତ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ୨ଜଣ ବ୍ୟକ୍ତିଙ୍କୁ ଆର୍ଥିକ ସହାୟତା ପ୍ରଦାନ କରାଯାଇଛି । ଆସିଥିବା ଅଭିଯୋଗଗୁଡ଼ିକ ମଧ୍ୟରୁ ମୁଖ୍ୟତଃ ରାସ୍ତାଘାଟ ସମସ୍ୟା, ପେନସନ, ବିଦ୍ୟୁତ୍ ସମସ୍ୟା, ବ୍ରିଜ ନିର୍ମାଣ, ଆବାସ ସମସ୍ୟା, ରାସନ୍ ସମସ୍ୟା, ପାନୀୟ ଜଳ ସମସ୍ୟା ପ୍ରମୁଖ ରହିଥିଲା । ଆଜିର ଏହି ଯୁଗ୍ମ ଜନ ଅଭିଯୋଗ ଶୁଣାଣିରେ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ ସୁରଂଜନ ସାହୁ, ଉପଜିଲ୍ଲାପାଳ ପାନପୋଷ ବିଜୟ କୁମାର ନାୟକ, ପିଏ ଆଇଟିଡିଏ ବିକ୍ରଣି କିସପୋଟ୍ଟାଙ୍କ ସମେତ ସମସ୍ତ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ ।

ସିଭିଲ୍‌ଟାଉନସିପ୍ ସାଂସ୍କୃତିକ ପରିଷଦ ପକ୍ଷରୁ ଓଡ଼ିଆ ନବବର୍ଷ, ପଣା ସଂକ୍ରାନ୍ତିକୁ ନେଇ ପଣା ବଣ୍ଟନ

ଓଡିଆ ନବବର୍ଷ ଓ ପଣା ସଂକ୍ରାନ୍ତିରେ ଥଣ୍ଡା ପାନୀୟ ଜଳର ଉଦ୍‌ଘାଟନ

ରାଉରକେଲା,୧୪/୪(ନି/ପ୍ର): ଆଜି ଓଡ଼ିଆ ନବବର୍ଷ ଏବଂ ପଣା ସଂକ୍ରାନ୍ତିର ପବିତ୍ର ଅବସରରେ, ରାଉରକେଲାର ହନୁମାନ ବାଟିକାର ନିର୍ଦ୍ଦିଷ୍ଟ ଦେୟଯୁକ୍ତ ପାର୍କିଂ ଅଂଚଳରେ (ତ୍ରିଶକ୍ତି ମନ୍ଦିରର ମୁଖ୍ୟ ପ୍ରବେଶ ଦ୍ୱାର ପାଖରେ ଥିବା ଫାଟକ ଭିତରେ) ଏକ ଥଣ୍ଡା ପାନୀୟ ଜଳର ବିତରଣ ଆନୁଷ୍ଠାନିକ ଭାବରେ ଉଦ୍ଘାଟିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମ ରାଉରକେଲାର ବନବନ୍ଧୁ ପରିଷଦ ମହିଳା ସମିତି ଦ୍ୱାରା ଆୟୋଜିତ ହୋଇଥିଲା । ସମାଜସେବା ଉଦ୍ଦେଶ୍ୟରେ ସ୍ୱର୍ଗତ ଖଜାଚିଂ ଲାଲ ଜୀ ଅଗ୍ରୱାଲଙ୍କ ସ୍ମୃତିରେ ତାଙ୍କ ପୁଅମାନେ ପାନୀୟ ଜଳ ବିତରକ ସ୍ଥାପନ କରିଥିଲେ । ଏହି ସୁବିଧା ଗ୍ରୀଷ୍ମ ଋତୁରେ ପାର୍କିଂ ସ୍ଥାନକୁ ଆସୁଥିବା ସମସ୍ତ ଡ୍ରାଇଭର, ଅତିଥି ଏବଂ ଡ୍ରାଇଭରମାନଙ୍କୁ ଥଣ୍ଡା ଏବଂ ପରିଷ୍କାର ପାନୀୟ ଜଳ ଯୋଗାଇବ । ଏହା ବ୍ୟତୀତ, ଜନସାଧାରଣଙ୍କ ସୁବିଧା ପାଇଁ, ହୋମ୍ ଫର୍ଣ୍ଣିସିଂ ଫର୍ଣ୍ଣିଚର ଶୋ'ରୁମ୍ ସମ୍ମୁଖ ସୀମା କାନ୍ଥ ବାହାରେ ଦୁଇଟି ଅତିରିକ୍ତ ଟ୍ୟାପ୍ ସ୍ଥାପନ କରାଯାଇଛି, ଯାହା ଦ୍ୱାରା ପଥଚାରୀ ଏବଂ ଯାତ୍ରୀମାନେ ମଧ୍ୟ ଥଣ୍ଡା ପାଣିର ଲାଭ ପାଇପାରିବେ । ଏହି ଅବସରରେ ଅଗ୍ରୱାଲ ପରିବାର ଏବଂ ବିଭିନ୍ନ ସାମାଜିକ ସଂଗଠନର ଅନେକ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ । ସେଥିମଧ୍ୟରେ ବୃଦ୍ଧି ଚନ୍ଦ୍ର ଅଗ୍ରୱାଲ, ଜି.ଡି. ଅଗ୍ରୱାଲ, ରାଜେନ୍ଦ୍ର ଅଗ୍ରୱାଲ, ସଞ୍ଜୟ ଅଗ୍ରୱାଲ, ପୁଷ୍ପା ଦେବୀ ଅଗ୍ରୱାଲ, କୈଳାସ ଅଗ୍ରୱାଲ, ଏଫଟିଏସ ଯୁବ ସଂଗଠନର ସଭାପତି ରାଜେଶ ଅଗ୍ରୱାଲ, ଉଷା ଅଗ୍ରୱାଲ, ବିଜୟ ଲକ୍ଷ୍ମୀ ଅଗ୍ରୱାଲ, ଅନିତା ଅଗ୍ରୱାଲ, ବିନୀତା ଅଗ୍ରୱାଲ, ଏବଂ ଅନୁପମା ରୁଙ୍ଗଟା ପ୍ରମୁଖ । ଏଥିସହିତ ତ୍ରି ଶକ୍ତି ମନ୍ଦିର ଟ୍ରଷ୍ଟି ଦୌଲତ ଅଗ୍ରୱାଲ ଏବଂ ପୂର୍ବତନ ଚାମ୍ବର ସଭାପତି କେ.କେ. ପୋଦ୍ଦାର ମଧ୍ୟ ଉପସ୍ଥିତ ଥିଲେ । ହନୁମାନ ଭାଟିକା ଟ୍ରଷ୍ଟି ଏମ୍. ଦିନକର, ପିଆରଓ ପ୍ରମୋଦ କୁମାର ନାତୁଲ୍ୟ, ଭାଟିକା ପରିଚାଳକ ବରୁଣ ମାଝି, ସହାୟକ ଲକ୍ଷ୍ମଣ ରାଓ, ସୌମ୍ୟ ପଟ୍ଟନାୟକ, ପାର୍କିଂ ସୁରକ୍ଷା ପ୍ରଭାରୀ ରାଜେଶ ଶର୍ମାଙ୍କ ସହିତ ଅନ୍ୟାନ୍ୟ କର୍ମଚାରୀ ଏବଂ ମାନ୍ୟଗଣ୍ୟ ବ୍ୟକ୍ତି ମଧ୍ୟ ଉପସ୍ଥିତ ଥିଲେ । କାର୍ଯ୍ୟକ୍ରମରେ ଶହ ଶହ ଜନସାଧାରଣଙ୍କୁ ମଧ୍ୟ ସର୍ବତ ପରିବେଷଣ କରାଯାଇଥିଲା, ଯାହା ଉତ୍ସାହ ଏବଂ ଜନସାଧାରଣଙ୍କ ଅଂଶଗ୍ରହଣକୁ ଆହୁରି ବୃଦ୍ଧି କରିଥିଲା । କାର୍ଯ୍ୟକ୍ରମ ସଫଳତାର ସହ ଶେଷ ହୋଇଥିଲା, ଏବଂ ଉପସ୍ଥିତ ଲୋକମାନେ ଏହି ଜନ-ଅନୁକୂଳ ପଦକ୍ଷେପକୁ ପ୍ରଶଂସା କରି ଏହାକୁ ସମାଜ ସେବା ପ୍ରତି ଏକ ପ୍ରଶଂସନୀୟ ପଦକ୍ଷେପ ବୋଲି କହିଥିଲେ ।

ସୁନ୍ଦରଗଡ଼ରେ "ଆମେ ଜାଣିବା ଆମ ବଜେଟ୍" କାର୍ଯ୍ୟକ୍ରମ ଅନୁଷ୍ଠିତ

ସୁନ୍ଦରଗଡ଼,୧୪/୪(ନି/ପ୍ର): ସୁନ୍ଦରଗଡ଼ରେ ଆୟୋଜିତ ହୋଇଯାଇଅଛି ଆମେ ଜାଣିବା ଆମ ବଜେଟ୍ କାର୍ଯ୍ୟକ୍ରମ । ସ୍ଥାନୀୟ ବିକାଶ ଭବନ ଠାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜିଲ୍ଲା ପରିଷଦ ଅଧକ୍ଷା ସୁଶ୍ରୀ କୁନ୍ତୀ ପ୍ରଧାନ , ସୁନ୍ଦରଗଡ଼ ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଅଧକ୍ଷ ସନ୍ତୋଷ ଅମାତ, ବାଣିଜ୍ୟ ଓ ପରିବହନ ବିଭାଗର ପ୍ରମୁଖ ଶାସନ ସଚିବ ଏନ୍ ବି ଏସ ରାଜପୁତ, ଜିଲ୍ଲାପାଳ ଡ଼ାକ୍ତର ଶୁଭଙ୍କର ମହାପାତ୍ର, ଅତିରିକ୍ତ ଜିଲ୍ଲାପାଳ ସୁରଜ କୁମାର ପଟ୍ଟନାୟକ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଅଭିମନ୍ୟୁ ମାଝୀ, ଅତିରିକ୍ତ ଜିଲ୍ଲାପାଳ, ରାଉରକେଲା ଦୀନାଃ ଦସ୍ତାଗିର, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ସୁରଞ୍ଜନ ସାହୁ, ସି ଇ ଓ , ଡି ଏମ ଏଫ୍ ଶ୍ରୀମତୀ ସୁଷମା ବିଲୁଙ୍ଗ, ସଦର ଉପଜିଲ୍ଲାପାଳ ଶ୍ରୀମତୀ ତେଜସ୍ୱିନୀ ବେହେରା, ପାନପୋଷ ଉପଜିଲ୍ଲାପାଳ ବିଜୟ କୁମାର ନାୟକ, ଜିଲ୍ଲା ପରିଷଦ ଉପାଧକ୍ଷ କମଲ ଲାକ୍ରା ପ୍ରମୁଖ ଉପସ୍ଥିତ ଥିଲେ । ଏହି ଅବସରରେ ସମ୍ବଲପୁରର ଓଡ଼ିଶା ମୁକ୍ତ ବିଶ୍ୱବିଦ୍ୟାଳୟର ପରୀକ୍ଷା ନିୟନ୍ତ୍ରକ ଡ଼ା ଉମା ଚରଣ ପତି ମୁଖ୍ୟ ବକ୍ତା ଭାବେ ଯୋଗଦେଇ ଚଳିତ ବଜେଟ୍ ଉପରେ ବିସ୍ତୃତ ଭାବେ ଆଲୋଚନା କରିଥିଲେ । କାର୍ଯ୍ୟକ୍ରମରେ ପ୍ରମୁଖ ସଚିବ ଏନ୍ ବି ଏସ ରାଜପୁତ ଯୋଗଦେଇ ବାର୍ଷିକ ବଜେଟ୍ ୨୦୨୬-୨୭ ଉପରେ ଆଲୋକପାତ କରିଥିଲେ । ଏହି ଅବସରରେ ସେ ନିଜ ଅଭିଭାଷଣରେ କହିଥିଲେ ଯେ ଏହା ହେଉଛି ଜନସାଧାରଣଙ୍କର ବଜେଟ୍, ଏହି ବଜେଟରେ ସମସ୍ତଙ୍କ ପାଇଁ କିଛି ନା କିଛି ରହିଛି । ଏହା ଗ୍ରାମୀଣ ବିକାଶ, ମହିଳା ସଶକ୍ତିକରଣ, କୃଷକ ସଶକ୍ତିକରଣ, ଶିକ୍ଷା ଓ ସ୍ୱାସ୍ଥ୍ୟ କ୍ଷେତ୍ରର ବିକାଶ, ଯୁବ ବିକାଶ, ଭିନ୍ନଭୂମିର ବିକାଶ ଆଦି ଅନେକ ଗୁଡ଼ିଏ କ୍ଷେତ୍ରର ବିକାଶ ଉପରେ ଗୁରୁତ୍ୱ ପ୍ରଦାନ କରୁଛି । ଆହୁରି ମଧ୍ୟ ସେ କହିଥିଲେ ଯେ ଜନସାଧାରଣଙ୍କୁ ବଜେଟ୍ ବିଷୟରେ ଜଣେଇବା । ପଲ୍ଲୀ ସଭା, ଗ୍ରାମ ସଭା ଆଦି ମାଧ୍ୟମରେ ଜନସାଧାରଣଙ୍କୁ ବଜେଟ୍ ସମ୍ପର୍କରେ ଅବଗତ କରିବା ଉପରେ ଗୁରୁତ୍ୱ ପ୍ରଦାନ କରିଥିଲେ । ସେହିଭଳି ଏହି ବଜେଟ୍ ମାଧ୍ୟମରେ ଜିଲ୍ଲା ତଥା ଲୋକଙ୍କର ଅନେକ ବିକାଶ ହେବ ବୋଲି ଆଶା ପ୍ରକଟ କରିଥିଲେ । ବାର୍ଷିକ ବଜେଟ୍ ୨୦୨୬-୨୭ରେ ଆର୍ଥିକ ଦୁର୍ବଳ, ଯୁବକ ଯୁବତୀ, ଅନ୍ନଦାତା, ନାରୀ ଶକ୍ତି ଇତ୍ୟାଦି ଉପରେ ପ୍ରାଧାନ୍ୟ ଦିଆଯାଇଛି । ଏହା ସହିତ ଏହି ବଜେଟରେ ବିକଶିତ ଓଡ଼ିଶା ୨୦୩୬ ଓ ବିକଶିତ ଭାରତ- ୨୦୪୭ ଭିଜନ୍ ଲକ୍ଷ୍ୟ ହାସଲ ପାଇଁ ସୁପରିକଳ୍ପିତ ବ୍ୟବସ୍ଥା କରାଯାଇଛି । ଏହି ଅବସରରେ ମୁଖ୍ୟ ବକ୍ତା ଡ଼ା ଉମା ଚରଣ ପତି ବଜେଟ୍ ଉପରେ ଆଲୋଚନା କରିଥିଲେ । ଏହିକ୍ରମରେ ସେ ବାର୍ଷିକ ବଜେଟର ଆବଶ୍ୟକତା, ବଜେଟର ଉଦ୍ଦେଶ୍ୟ, ବଜେଟ୍ କିଭଳି ଭାବେ ପ୍ରସ୍ତୁତ ହୋଇଥାଏ ସେ ବିଷୟରେ ଆଲୋଚନା କରିଥିଲେ । ସେହିଭଳି କେନ୍ଦ୍ରୀୟ ବଜେଟ୍ ଓ ରାଜ୍ୟ ବଜେଟ ଉପରେ ମଧ୍ୟ ଉପସ୍ଥାପନ କରିଥିଲେ । ପରେ ପରେ ପ୍ରଶ୍ନ ଉତର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏଥିରେ ଉପସ୍ଥିତ ଅଧିକାରୀମାନେ ବଜେଟ୍ ସଂକ୍ରାନ୍ତୀୟ ବିଭିନ୍ନ ପ୍ରଶ୍ନ ପଚାରି ବୁଝିଥିଲେ । କାର୍ଯ୍ୟକ୍ରମରେ ବିଭିନ୍ନ ବ୍ଲକ ଅଧକ୍ଷ, ଅଧକ୍ଷା, ପି ଆର୍ ଆଇ ସଦସ୍ୟ ଏବଂ ବହୁ ସଂଖ୍ୟାରେ ବିଭିନ୍ନ ବିଭାଗୀୟ ଅଧିକାରୀ ଏବଂ କର୍ମଚାରୀମାନେ ଉପସ୍ଥିତ ରହିଥିଲେ ।

ଇସ୍ପାତ୍ ସାହିତ୍ୟ ସଂସଦ ଆନୁକୂଲ୍ୟର ସ୍ୱର୍ଗତ ସଦାନନ୍ଦ ତ୍ରିପାଠୀଙ୍କ ବିୟୋଗରେ ଶୋକ ସଭା

ରାଉରକେଲା,୧୪/୪(ନି/ପ୍ର): ବିଶିଷ୍ଟ ବାଗ୍ମୀ,ସାହିତ୍ୟିକ, ଓଡିଶା ସାହିତ୍ୟ ଏକାଡେମୀ ପୁରସ୍କାରପ୍ରାପ୍ତ ଗାଳ୍ପିକ, ଇସ୍ପାତ୍ ସାହିତ୍ୟ ସଂସଦର ପ୍ରାକ୍ତନ ସାଧାରଣ ସମ୍ପାଦକ ସ୍ୱର୍ଗତ ସଦାନନ୍ଦ ତ୍ରିପାଠୀଙ୍କ ବିୟୋଗରେ ଇସ୍ପାତ୍ ସାହିତ୍ୟ ସଂସଦ ଆନୁକୂଲ୍ୟରେ ଏକ ଶୋକସଭା ଅନୁଷ୍ଠିତ ହୋଇଯାଇଛି । ସଂସଦର ସଭାପତି ନୃସିଂହ ଚରଣ ବିଶ୍ୱାଳଙ୍କ ସଭାପତିତ୍ୱ ,ସାଧାରଣ ସଂପାଦକ ମନୋଜ କୁମାର ନନ୍ଦଙ୍କ ମଂଚ ପରିଚାଳନାରେ ଅନୁଷ୍ଠିତ 'ସ୍ମୃତିରେ ସ୍ମୃତିରେ ସଦାନନ୍ଦ ତ୍ରିପାଠୀ ' ଶୀର୍ଷକ ଶୋକ ଓ ସ୍ମୃତି ସଭାରେ ବହୁ ସଦାନନ୍ଦ ପ୍ରେମୀ ଓ ପାଠକ ଯୋଗଦେଇଥିଲେ । ସର୍ବ ପ୍ରଥମେ ଅମର ଆତ୍ମାର ସଦଗତି ନିମନ୍ତେ ଏକ ମିନିଟ୍ ନିରବ ପ୍ରାର୍ଥନା କରାଯାଇଥିଲା । ଏହାପରେ ଉପସ୍ଥିତ ସମସ୍ତେ ସଦାନନ୍ଦଙ୍କ ଫଟୋ ଚିତ୍ରରେ ପୁଷ୍ପ ପ୍ରଦାନ ପୂର୍ବକ ଶ୍ରଦ୍ଧା ସୁମନ ଜ୍ଞାପନ କରିଥଲେ । ସଦାନନ୍ଦଙ୍କ ସ୍ମୃତି ଓ ସାହିତ୍ୟ କୃତି ବାବଦରେ ସର୍ବଶ୍ରୀ ତାରିଣୀ ଚରଣ ସାହୁ, ପ୍ରତାପ କୁମାର ପଣ୍ଡା, ବ୍ରଜେନ୍ଦ୍ର ଦାଶ, ଉମେଶ ଚନ୍ଦ୍ର ନାୟକ, ଉପେନ୍ଦ୍ର ବସ୍ତିଆ, ଆର୍ତ୍ତତ୍ରାଣ ମହାପାତ୍ର, ବଳରାମ ଦାଶ, ମୀନକେତନ ପଶାୟତ, ମଞ୍ଜୁଳା କୁମାରୀ ରଥ, ଗଙ୍ଗାଧର ପୁହାଣ, ଶୈଳବାଳା ଷଡ଼ଙ୍ଗୀ, ବିଜୟିନୀ ଜେନା, ସବିତା ବସ୍ତିଆ, ଦିବାକର ଦାସ,ଡ ଅନଙ୍ଗ କୁମାର ପ୍ରହରାଜ ପ୍ରମୁଖ ବକ୍ତବ୍ୟ ରଖିଥିଲେ । ରଘୁବର ଧଳ, ବିଷ୍ଣୁପ୍ରିୟା ମହାପାତ୍ର, ହରମୋହନ ମିଶ୍ର, ବେଣୁଧର ନାୟକ, ତ୍ରିଲୋଚନ ମଥାନ, ମନୋଜ ବାରିକ ପ୍ରମୁଖ ପଠାଇଥିବା ଶୋକ ବାର୍ତ୍ତା ପାଠ କରାଯାଇଥିଲା । ଲକ୍ଷ୍ମୀକାନ୍ତ ମହାପାତ୍ର, ଏସ୍. କେ.ପଣ୍ଡା, ଗୌତମ ସିଂ, ପ୍ରୀତମ ମହାନ୍ତି ପ୍ରମୁଖ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ । ମୋହନ ପଟ୍ଟନାୟକ, ଶ୍ରଦ୍ଧାଶ୍ରୀ ବସ୍ତିଆ କାର୍ଯ୍ୟକ୍ରମ ପରିଚାଳନାରେ ସହାୟତା କରିଥିଲେ ।

କଦମପଡା ଶିଶୁମନ୍ଦିରରେ "ଓଡିଆ ପକ୍ଷ" ପାଳିତ

ବଲାଙ୍ଗିର,୧୪/୪(ନି/ପ୍ର):ଆଜି ବଲାଙ୍ଗୀରସ୍ଥ କଦମପଡାର ସରସ୍ୱତୀ ଶିଶୁ ବିଦ୍ୟା ଜ୍ଞାନ ମନ୍ଦିରରେ ବିଦ୍ୟାଳୟର ସଭାପତି ଡ.ଭବାନୀ ଶଙ୍କର ପଟେଲଙ୍କ ସଭାପତିତ୍ୱରେ 'ଓଡିଆ ପକ୍ଷ' ପାଳନ କରାଯାଇଛି । ମୁଖ୍ୟ ଅତିଥି ରୂପେ ବରିଷ୍ଠ ଅଧ୍ୟାପକ, ମହିଳା ମହା ବିଦ୍ୟାଳୟର ରତିକାନ୍ତ ନାଏକ ଯୋଗ ଦେଇଥିଲେ ।ସମବେତ ସଙ୍ଗୀତ ଛାତ୍ରୀ ଶ୍ରୀମୟି ପଣ୍ଡା, ଆଦ୍ୟାଶା ମିଶ୍ର, ଅର୍ଚ୍ଚିତା କପାଟ, ଶୁଭଶ୍ରୀ ମିଶ୍ର ଗାନ କରିଥିଲେ ।

ଆପଣ ମନକୁ ପ୍ରତିପାଳନ କରୁଥିବା ସଙ୍ଗଠନକୁ ନିଷ୍ଠାର ସହିତ ପ୍ରତିପାଳନ କରନ୍ତୁ ବୋଲି ଗଣଯୋଗାଯୋଗ କାର୍ଯ୍ୟକ୍ରମରେ ଆରଏସପିର ଭାରପ୍ରାପ୍ତ ନିର୍ଦ୍ଦେଶକଙ୍କ ଉକ୍ତି



ରାଉରକେଲା,୧୪/୪(ନି/ପ୍ର):ଆପଣ ମନକୁ ପ୍ରତିପାଳନ କରୁଥିବା ସଙ୍ଗଠନକୁ ନିଷ୍ଠାର ସହିତ ପ୍ରତିପାଳନ କରନ୍ତୁ ବୋଲି ସେଲ୍, ଆର ଏସ ପି ର ଭାରପ୍ରାପ୍ତ ନିର୍ଦ୍ଦେଶକ ଶ୍ରୀ ଆଲୋକ ବର୍ମା, କାରଖାନା ର ସାମୁହିକଙ୍କ ନିମନ୍ତେ, ଅପ୍ରେଲ ୧୩ ତାରିଖରେ ଗୋପବନ୍ଧୁ ଅଡିଟୋରିୟମରେ ଆୟୋଜିତ ସେଲ୍, ରାଉରକେଲା ଇସ୍ପାତ କାରଖାନା (ଆର ଏସ ପି) ର ୮୭୬ ତମ ଗଣ ଯୋଗାଯୋଗକୁ ସମ୍ବୋଧିତ କରି କହିଥିଲେ । ଏହି କାର୍ଯ୍ୟକ୍ରମ ରେ ଓ ଜି ଓ ଏମ , ସି ଏମ ଏଲ ଓ ର ନିର୍ବାହୀ ନିର୍ଦ୍ଦେଶକ ଶ୍ରୀ ବିକେ ଗିରି, କାର୍ଯ୍ୟ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଶ୍ରୀ ବିଆର ପଲାଇ, ସାମଗ୍ରୀ ପରିଚାଳନା ବିଭାଗ ର ନିର୍ବାହୀ ନିର୍ଦ୍ଦେଶକ, ଶ୍ରୀ ଅନିଲ କୁମାର, ଏବଂ ଖଣି ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଶ୍ରୀ ଏମପି ସିଂହ, ପ୍ରକଳ୍ପ ବିଭାଗ ର ନିର୍ବାହୀ ନିର୍ଦ୍ଦେଶକ ଶ୍ରୀ ଏସ ପାଲଚୌଧୁରୀ, ମଂଚରେ ଉପସ୍ଥିତ ଥିଲେ । ଏହି ଅଧିବେଶନରେ ଚିକିତ୍ସା ଏବଂ ସ୍ୱାସ୍ଥ୍ୟ ସେବା ବିଭାଗ ର ସି ଏମ ଓ ଇନ ଚାର୍ଜ ଡକ୍ଟର ଜେ କେ ଆଚାର୍ଯ୍ୟ, ଙ୍କ ସମେତ କାରଖାନାର ବହୁ ସିଜିଏମ୍ ଏବଂ ଏଚ୍‌ଓଡିଙ୍କ ତଥା ଖଣି ସମେତ ଆରଏସପିର ବିଭିନ୍ନ ବିଭାଗର ପ୍ରାୟ ୫୦୦ ଜଣ କର୍ମଚାରୀ ଯୋଗ ଦେଇଥିଲେ । ଭାରତର ଶ୍ରେଷ୍ଠ ଇସ୍ପାତ ନିର୍ମାତା ହେବାର ସମ୍ଭାବନା ଥିବା ବିଶ୍ୱାସକୁ ଜୋର ଦେଇ ଶ୍ରୀ ବର୍ମା ସମସ୍ତ ସୁରକ୍ଷା ମାନଦଣ୍ଡ ଅନୁପାଳନ କରି ଚଳିତ ଆର୍ଥିକ ବର୍ଷ ପାଇଁ ଧାର୍ଯ୍ୟ ଲକ୍ଷ୍ୟ ହାସଲ କରିବା ପାଇଁ ସମସ୍ତ ପ୍ରୟାସ କରିବାକୁ କର୍ମଚାରୀମାନଙ୍କୁ ଉତ୍ସାହିତ କରିଥିଲେ । ପରିବର୍ତ୍ତିତ ଇସ୍ପାତ ବଜାର ଏବଂ ବର୍ତ୍ତମାନର ଭୂ-ରାଜନୈତିକ ଗତିଶୀଳତାରେ, ପ୍ରତ୍ୟେକ କାର୍ଯ୍ୟକଳାପରେ ଖର୍ଚ୍ଚ ହ୍ରାସ କରିବା ହେଉଛି ଆମ ବଚିଂବାର ଚାବିକାଠି । ଆରଏସପିର କର୍ମଚାରୀମାନଙ୍କୁ ଉତ୍ସାହିତ କରି ଡି ଆଇ ସି କହିଛନ୍ତି ଯେ, ବର୍ତ୍ତମାନ ଆମର ଦୁଇଟି ଆହ୍ୱାନ ରହିଛି ଗୋଟିଏ ହେଉଛି ମୂଲ୍ୟ ଅନୁକୂଳନ ସୁନିଶ୍ଚିତ କରିବା ଏବଂ ଅନ୍ୟଟି ହେଉଛି ଭବିଷ୍ୟତରେ ଆମର କ୍ୟାପେକ୍ସ ଯୋଜନାରେ ପରିକଳ୍ପିତ ୯.୮ ମେଟ୍ରିକ ଟନ୍ ଉତ୍ତପ୍ତ ଧାତୁ ଉତ୍ପାଦନ ହାସଲ କରିବା । ନିଜ ପାଇଁ ସୁଯୋଗ ସୃଷ୍ଟି କରିବା ସହ ସଂଗଠନ ପାଇଁ ମଧ୍ୟ ନୂତନ ସୁଯୋଗ ସୃଷ୍ଟି କରିବ । ଶ୍ରୀ ବିଆର ପଲାଇ ନିକଟରେ ସମାପ୍ତ ଗତ ଆର୍ଥିକ ବର୍ଷ ପାଇଁ ଆରଏସପି ସାମୁହିକଙ୍କୁ ଅଭିନନ୍ଦନ ଜଣାଇବ ସହିତ ଏବିପିରେ ଏହି ବର୍ଷ ପାଇଁ ଧାର୍ଯ୍ୟ କରାଯାଇଥିବା ଲକ୍ଷ୍ୟକୁ ମନେ ପକାଇ ଦେଇଥିଲେ । ସୁରକ୍ଷାର ଗୁରୁତ୍ୱ ଉପରେ ଆଲୋକପାତ କରି, ଶ୍ରୀ ପଲାଇ ପ୍ରତ୍ୟେକ କର୍ମଚାରୀଙ୍କୁ ସପ ଗୁଡିକରେ ନିଜର ଏବଂ ଅନ୍ୟମାନଙ୍କର ସୁରକ୍ଷା ସୁନିଶ୍ଚିତ କରିବାକୁ ପରାମର୍ଶ ଦେଇଥିଲେ । ସେ ଉତ୍ସାହ ସହିତ ନିୟର ମିସ୍ କେସ ଗୁଡିକ ର ରିପୋର୍ଟ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ । ଶ୍ରୀ ଏସ୍ ପାଲଚୌଧୁରୀ ପ୍ରକଳ୍ପ କାର୍ଯ୍ୟାନ୍ୱୟନ ଏବଂ ବିଭିନ୍ନ କର୍ପୋରେଟ୍ ଏ ଏମ ଆର ଏବଂ ସି ଓ ଏମ ପ୍ରକଳ୍ପର ସ୍ଥିତି ଉପରେ ଏକ ବିସ୍ତୃତ ଉପସ୍ଥାପନା ପ୍ରଦାନ କରିଥିଲେ । ସେ ପ୍ରକଳ୍ପ ବିଭାଗ ପାଇଁ ନିକଟ ଭବିଷ୍ୟତରେ ଏକ ବ୍ୟାପକ ପ୍ରକଳ୍ପ ସୁରକ୍ଷା ମାନୁଆଲ୍ ପ୍ରଚଳନ କରିବା ବିଷୟରେ ମଧ୍ୟ ଆଲୋକପାତ କରିଥିଲେ । ଏଥିରେ ଆଲୋଚନା ଅଧିବେଶନ ଆଉ ଏକ ଆକର୍ଷଣୀୟ ବିଷୟ ଥିଲା, ଯେଉଁଥିରେ ବିଭିନ୍ନ ବିଭାଗ ଏବଂ ପଦର କର୍ମଚାରୀମାନେ ଉତ୍ପାଦନ, ଉତ୍ପାଦକତା, ରକ୍ଷଣାବେକ୍ଷଣ, ସୁରକ୍ଷା, ଜ୍ଞାନ ବୃଦ୍ଧି, ସ୍ୱାସ୍ଥ୍ୟ ଏବଂ ଟାଉନସିପ୍ ସୁବିଧା ସମ୍ବନ୍ଧୀୟ ବିଷୟଗୁଡ଼ିକ ଉପରେ ଆଲୋଚନା କରିବାକୁ ଆଗେଇ ଆସିଥିଲେ । ଆଲୋଚନା ସମୟରେ ଦିଆଯାଇଥିବା ପରାମର୍ଶର ଗୁଣବତ୍ତା ଦେଖି ଖୁସି ହୋଇ, ଡି ଆଇ ସି ତିନି ଜଣ କର୍ମଚାରୀଙ୍କୁ ଶ୍ରେଷ୍ଠ ପ୍ରସ୍ତାବ ଦାତା ପୁରସ୍କାର ପ୍ରଦାନ କରି ଥିଲେ । ଏଥିରେ ସି ପି-୨ ବିଭାଗ ରୁ ଶ୍ରୀ ସୂର୍ଯ୍ୟକାନ୍ତ ମହାପାତ୍ର, ଏସ ଏସ ଏମ ବିଭାଗ ରୁ ଶ୍ରୀ ଏମ୍ ଦଳବେହେରା ଏବଂ କାଲଟା ଲୁହା ଖଣିରୁ ଶ୍ରୀ ସି ବି ଏନ ରଥ ଥିଲେ । ଅଧିବେଶନ ଟି, ଜାତୀୟ ସଙ୍ଗୀତ ପରିବେଷଣ ସହିତ ଆରମ୍ଭ ହୋଇଥିଲା । ଏହା ପରେ ଗତ ଆର୍ଥିକ ବର୍ଷରେ ବିଭିନ୍ନ ପ୍ରୟାସ, ଲକ୍ଷ୍ୟ, ସଫଳତା ଏବଂ ସୁରକ୍ଷା ପଦକ୍ଷେପ ସହିତ ଚଳିତ ଆର୍ଥିକ ବର୍ଷ ପାଇଁ ଲକ୍ଷ୍ୟ ଏବଂ ଆଭିମୁଖ୍ୟରେ ଆର ଏସ ପି ର ପ୍ରଦର୍ଶନ ଉପରେ ଏକ ଚଳଚ୍ଚିତ୍ର ପ୍ରଦର୍ଶିତ ହୋଇଥିଲା । ଏହା ପରେ ଫୋରମରେ ପୂର୍ବରୁ ଦିଆଯାଇଥିବା ପରାମର୍ଶର ସ୍ଥିତି ଉପରେ ଆଲୋକପାତ କରି ଆଉ ଏକ ଚଳଚ୍ଚିତ୍ର ପ୍ରଦର୍ଶିତ ହୋଇଥିଲା । ଏଚ ଆର ଏଲ ଏଣ୍ଡ ଡି ବିଭାଗ ର ପ୍ରଶାସକ ସହଯୋଗୀ ସୁଶ୍ରୀ ସତ୍ୟବତୀ ବେହେରା କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ ।